
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୨ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 02 JULY 2020
Vol.No. 30 ■ No. 164 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



**SAI SADHANA SCIENCE HIGHER SECONDARY SCHOOL, UDALA**
A Fully +2 Science Residential College
Dibyasingpur, Udala,


Dist: Mayurbhanj

**2nd Admission is going on**

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No:
9437294587, 9438232419, 9437443950, 9937557158,9438317887
S d- P.C Bindhani
Chaiman


## ବାହୁଡ଼ାଯାତ୍ରାରେ ବାହୁଡିଲେ ଚତୁର୍ଦ୍ଧାମୂର୍ତ୍ତି



ପୁରୀ,୧୭ (ନି.ପ୍ର): ନବଦିନାତ୍ମକ ଯାତ୍ରା ଶେଷ କରି ଆଜି ବାହୁଡାରେ ଜନ୍ମବେଦିରୁ ରତ୍ନବେଦୀ ଅଭିମୁଖେ ବାହୁଡିଛନ୍ତି ମହାବାହୁ । ସୂର୍ଯ୍ୟାସ୍ତ ହେବା ପୂର୍ବରୁ ତିନିରଥ ସିଂହଦ୍ୱାର ସମ୍ମୁଖରେ ଦକ୍ଷିଣାଭିମୁଖୀ ଯାତ୍ରା କରି ଲାଗିଛନ୍ତି । ବାହୁଡ଼ାଯାତ୍ରା ଦର୍ଶନ କଲେ ମହାପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ସଅଳ ନୀତି ଓ ସେବାୟତଙ୍କ ପରିଶ୍ରମ ଯୋଗୁଁ ରଥ ଠିକ୍ ସମୟରେ ସିଂହଦ୍ୱାରରେ ଲାଗିଥିଲା । ଚଳିତବର୍ଷ କୋଭିଡ କଟକଣା ଯୋଗୁଁ ସାଧାରଣ ଭକ୍ତ ରଥଟଣା ଓ ଦର୍ଶନରୁ ବଂଚିତ ହୋଇଥିଲେ । କୋଭିଡ ପରୀକ୍ଷା ପରେ ସେବାୟତମାନେ ରଥ ଟାଣି ଟାଣି ସିଂହଦ୍ୱାରରେ ଲଗାଇଥିଲେ । ଗତ ରାତିରୁ ଗୁଣ୍ଡିଚା ମନ୍ଦିରରେ ବଡସିଂହାର ବେଶ ଓ ପହୁଡ ଆଳତୀ କରାଯାଇଥିଲା । ଶ୍ରୀମୁଖରେ ଖଣ୍ଟୁଆ ପକାଇ ପୁଷ୍ପାଳକ ସେବକମାନେ ଗମ୍ଭୀରା ଭିତରୁ ବାହାରି ଆସିଥିଲେ । ପରେ ଦଇତାପତିମାନେ ପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଗୁପ୍ତ ସେବା କରିଥିଲେ । କୋଠ ସୁଆଁସିଆ ମାନେ ଜନ୍ମବେଦୀ ସିଂହାସନରୁ ଚାରମାଳ ବାନ୍ଧିଥିଲେ । ଭୋର୍ ୩ଟା ୫୦ରେ ମଙ୍ଗଳ ଆଳତୀ, ୪ଟା ୫ରେ ମଇଲମ, ତଡପ ଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା ଓ ଭୋର୍ ୫ଟାରେ ଦ୍ୱାରପାଳ ପୂଜା କରାଯାଇଥିଲା । ବେଶ ଶେଷ ପରେ ଗୋପାଳବଲ୍ଲଭ ଓ ସକାଳଧୂପରେ ଖେଚୁଡି ଭୋଗ କରାଯାଇଥିଲା । ସକାଳ ୭ଟା୨୦ରେ ବାହୁଡା ପହଣ୍ଡି ଆରମ୍ଭ ହୋଇ ୯ଟା ୫୫ରେ ଶେଷ ହୋଇଥିଲା । ଚତୁର୍ଦ୍ଧାମୂର୍ତ୍ତି ଧାଡି ପହଣ୍ଡିରେ ରଥାରୂଢ ହୋଇଥିଲେ । ପ୍ରଥମେ ଚକ୍ରରାଜ ସୁଦର୍ଶନ ତିନିରଥ ପରିକ୍ରମା କରି ଦର୍ପଦଳନ ରଥରେ ବିଜେ ହୋଇଥିଲେ । ପରେ ପରେ ଶ୍ରୀବଳଭଦ୍ର, ମା ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ରଥ ଉପରକୁ ବିଜେ କରାଯାଇଥିଲା । ରଥ ଉପରେ ଠାକୁର ରୁନ୍ଧା ହୋଇଥିଲେ । ପରେ ପରେ ମହାଜନ ସେବକମାନେ ମଦନମୋହନ ଓ ରାମକୃଷ୍ଣଙ୍କୁ ବିଜେ କରାଇଥିଲେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀନଅରରେ ଗଜପତିଙ୍କୁ ଜଣାଇବା ପରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା ପାଇଁ ଶରଧାବାଲିକୁ ଆସିଥିଲେ । ତିନିରଥରେ ଗଜପତି ଛେରାପହଁରା କରି ଶ୍ରୀନଅରକୁ ଫେରିଥିଲେ । ଏହି ଛେରାପହଁରା ଦୃଶ୍ୟ ବେଶ ଆକର୍ଷଣୀୟ ଓ ଭାବପୂର୍ଣ୍ଣ ଥିଲା । ୧୦ଟା୪୫ରୁ ଚାରମାଳ ଫିଟା ଓ ଘୋଡା ସାରଥୀ ଯୋଡା ଯାଇଥିଲେ । ପ୍ରଥମେ ୧୧ଟା ୨୫ରେ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ହୋଇଥିଲା । ପରେ ପରେ ୧ ଘଂଟା ଅନ୍ତରରେ ୧୨ଟା ୨୫ରେ ମା ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ୧ଟା୨୫ରେ ନନ୍ଦିଘୋଷ ରଥ ଟଣା ହୋଇଥିଲା । ▶▶ପୃଷ୍ଠା ୭

## ବଢିଲା ବସ୍ ଭଡା

ଭୁବନେଶ୍ୱର,୧୭ (ନି.ପ୍ର): ଓଡିଶାରେ ବସ୍ ଭଡ଼ା ବଢ଼ାଇଛନ୍ତି ରାଜ୍ୟ ସରକାର । ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡା ୨ ପଇସା ଲେଖାଏଁ ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓଏସି ଡିଲକ୍ସ ବସ୍ ଭଡା ୪ ପଇସା ଲେଖାଏଁ ବଢିଛି । ରାଜ୍ୟ ଘରୋଇ ବସ ମାଲିକ ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି । ଭଡା ବୃଦ୍ଧି ପରେ ଅର୍ଡିନାରୀ ବସ୍ ଭଡ଼ା କିମି ପିଛା ୭୦ରୁ ୭୨ ପଇସାକୁ ବୃଦ୍ଧି ପାଇଛି । ସେହିପରି ଏକ୍ସପ୍ରେସ ବସ୍ ଭଡ଼ା ୭୩ରୁ ୭୫ ପଇସାକୁ ବଢ଼ିଛି । ଡିଲକ୍ସ ବସ୍ ଭଡ଼ା ପୂର୍ବରୁ ୧ଟଙ୍କା ୧ ପଇସା ଥିବା ବେଳେ ଏବେ ୧ ଟଙ୍କା ୫ ପଇସାକୁ ବୃଦ୍ଧି ପାଇଛି । ଏସି ଡିଲକ୍ସ ୧ ଟଙ୍କା ୨୩ ପଇସା ଥିବା ବେଳେ ୧ ଟଙ୍କା ୨୭ ପଇସାକୁ ବୃଦ୍ଧି ପାଇଛି । ଲଗାତାର ପେଟ୍ରୋଲ ଓ ଡିଜେଲ ଦର ବଢ଼ି ଚାଲିଥିବା ବେଳେ ବୁଧବାର ରାଜ୍ୟ ସରକାର ବସ୍ ଭଡା ବୃଦ୍ଧି କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ଡିଜେଲ ଦର ଲିଟର ପ୍ରତି ୭୮.୬୭ ଟଙ୍କା ରହିଛି । ରାଜ୍ୟରେ ଶେଷ ଥର ପାଇଁ ଗତ ଜୁନ୍ ୧୬ ତାରିଖରେ ବସ୍ ଭଡା ବୃଦ୍ଧି କରାଯାଇଥିଲା ।

## ଯୁକ୍ତ-୨ର ଅବଶିଷ୍ଟ ପରୀକ୍ଷା ବାତିଲ



ଭୁବନେଶ୍ୱର,୧୭ (ନି.ପ୍ର): ଯୁକ୍ତ ଦୁଇର ଅବଶିଷ୍ଟ ପରୀକ୍ଷା ବାତିଲ କରା ଯିବାକୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ଗ୍ରହଣ କରା ଯାଇଥିବା ଜଣାପଡିଛି । ତେଣୁ ଛାତ୍ର ଛାତ୍ରୀ ମାନଙ୍କୁ ବଳକା ଥିବା ପରୀକ୍ଷା ଦେବାକୁ ପଡିବ ନାହିଁ । ଉଲ୍ଲେଖନୀୟ ଯେ ଲକ ଡାଉନ କାରଣରୁ ଯୁକ୍ତ ୨ର ୪ଟି ଷ୍ଟ୍ରିମର ୨୩ଟି ପରୀକ୍ଷା ହୋଇପାରିନଥିଲା । ପରୀକ୍ଷା ବାତିଲ ନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି । ମିଳିଥିବା ସୂଚନା ମୁତାବକ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦିଆଯାଇଥିବା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ମାର୍ଚ୍ଚ ୩ ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ରେ ଶେଷ ହେବାର ଥିଲା । ଯୁକ୍ତ ୨ ବାଣିଜ୍ୟ ପରୀକ୍ଷା ମାର୍ଚ୍ଚ ୪ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୬ପର୍ଯ୍ୟନ୍ତ ଚାଲିବାର ଥିଲା । ସେହିପରି ଯୁକ୍ତ ୨ କଳା ପରୀକ୍ଷା ମାର୍ଚ୍ଚ ୪ରୁ ଆରମ୍ଭ ହୋଇ ସେହି ମାସ ୨୭ ତାରିଖରେ ଶେଷ ହେବାର ଥିଲା । ତେବେ ମାର୍ଚ୍ଚ ମାସରେ କରୋନା କଟକଣା ଓ ଏହା ପରବର୍ତୀ ଲକଡାଉନ ଯୋଗୁଁ ୪ଟି ଷ୍ଟ୍ରିମର ୨୩ଟି ପରୀକ୍ଷା ହୋଇପାରିନଥିଲା । ସିବିଏସ୍ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀର ବାକି ପରୀକ୍ଷା ବାତିଲ୍ ହୋଇଛି । ଆଇଏସ୍‌ସିଇ ଦ୍ୱାରା ପରିଚାଳିତ ବିଦ୍ୟାଳୟର ପରୀକ୍ଷାଗୁଡ଼ିକ ମଧ୍ୟ ଅନୁରୂପ ଭାବେ ବାତିଲ୍ କରାଯାଇଛି ।

## ୫ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୭ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓଡ଼ିଶା ଓ ଉତର ଓଡ଼ିଶାର ଅଧିକାଂଶ ଜିଲ୍ଲାର ବହୁ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ରାଜ୍ୟର କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ ଓ ଢ଼େଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିପରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ନବରଙ୍ଗପୁର, କାଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକା ବଜ୍ରପାତ ହେବାର ସମ୍ଭାବନା ରହିଛ । ସେଥିପାଇଁ ଆସନ୍ତା ୨୪ ଘଂଟା ପାଇଁ ରାଜ୍ୟର ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରା ଯାଇଛି ।

## ପ୍ରତିରକ୍ଷା ମନ୍ତ୍ରୀଙ୍କ ଲଦାଖ ଗସ୍ତ ଆସନ୍ତା ୩ରେ



ନୂଆଦିଲ୍ଲୀ ,୧୭ (ନି.ପ୍ର): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ଥଳ ସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱାନେ ଶୁକ୍ରବାର ଦିନ ଲେହ ଗସ୍ତରେ ଯାଇ ପୂର୍ବ ଲଦାଖରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ । ଏହି ସମୟ ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଚୀନ୍ ସେନା ଆକ୍ରମଣରେ ଆହତ ହୋଇ ହସ୍ପିଟାଲରେ ଭର୍ତି ହୋଇଥିବା ସୈନିକମାନଙ୍କୁ ଭେଟିବାକୁ ଯିବେ । ଉଲ୍ଲେଖ୍ୟଯୋଗ୍ୟ ଯେ ଲଦାଖର ଗଲୱାନ ଉପତ୍ୟକାରେ ଗତ୧୫ ଜୁନ୍ ରାତିରେ ଭାରତ ଏବଂ ଚୀନ୍ ସୈନିକମାନଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା । ଏଥିରେ ଭାରତର ୨୦ ଜଣ ସୈନିକ ସହିଦ ହୋଇଥିଲେ । ଏହାସହ ଆକ୍ରମଣରେ ୭୬ ଭାରତୀୟ ସେନା କର୍ମଚାରୀ ଆହତ ହୋଇଥିଲେ, ସେଥିମଧ୍ୟରୁ ୧୮ ଜଣ ଗୁରୁତର ଆହତ ହୋଇଥିବାବେଳେ ୫୮ ଜଣ ମଧ୍ୟମ ଆହତ ହୋଇଥିଲେ । ▶▶ପୃଷ୍ଠା ୭

## ଲୋଧି ଇଷ୍ଟେଟରେ ଥିବା ଘର ଖାଲି କରିବାକୁ ପ୍ରିୟଙ୍କା ଗାନ୍ଧୀଙ୍କୁ ନୋଟିସ୍



ନୂଆଦିଲ୍ଲୀ ,୧୭ (ନି.ପ୍ର): ଦିଲ୍ଲୀର ଲୋଧି ଇଷ୍ଟେଟରେ ଥିବା ଘର ଖାଲି କରିବାକୁ କଂଗ୍ରେସ ଦଳର ଜାତୀୟ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀଙ୍କୁ ନୋଟିସ୍ ଜାରି କରିଛି କେନ୍ଦ୍ର ସରକାର । ଅଗଷ୍ଟ ୧ ତାରିଖ ସୁଦ୍ଧା ପ୍ରିୟଙ୍କାଙ୍କୁ ଏହି ବଙ୍ଗଳା ଖାଲି କରିବାକୁ ପଡିବ । ପ୍ରିୟଙ୍କାଙ୍କ ନିକଟରୁ ଏସପିଜି ସୁରକ୍ଷା ହଟାଇ ଦିଆଯାଇଥିବାରୁ ତାଙ୍କୁ ମିଳିଥିବା ଘର ଛାଡିବାକୁ ପଡିବ । ଏ ସମ୍ପର୍କରେ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି । ସୂଚନାଯୋଗ୍ୟ ଯେ ଲୋଧି ଇଷ୍ଟେଟ୍ ରେ ଥିବା ୬-ବି ଘର ନମ୍ବର ୩୫ରେ ପ୍ରିୟଙ୍କା ଗାନ୍ଧୀ ପରିବାର ସହିତ ରୁହନ୍ତି । ପ୍ରିୟଙ୍କା ପ୍ରାୟ ଦୁଇ ଦଶନ୍ଧି ଧରି ଏହି ଘରେ ରହୁଥିଲେ । ଏହି ବଙ୍ଗଳାକୁ ଗାନ୍ଧୀ ପରିବାରକୁ ଏସପିଜି ସୁରକ୍ଷା ଅଧୀନରେ ଦିଆଯାଇଥିଲା, କିନ୍ତୁ ଗତ ବର୍ଷ କେନ୍ଦ୍ର ସରକାର ଏସପିଜି ସୁରକ୍ଷା ହଟାଇ ଦେଇଥିଲେ । ମୋଦୀ ସରକାରଙ୍କ ଏହି ନିଷ୍ପତି ପରେ କଂଗ୍ରେସ ଏହାକୁ ଏକ ଷଡଯନ୍ତ୍ର ବୋଲି କହିଛି ।

## ଆଉ ୨୫୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୭୩୧୬କୁ ବୃଦ୍ଧି




ଭୁବନେଶ୍ୱର,୧୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୨୫୧ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୭୩୧୬କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୫୧ଜଣଙ୍କ ମଧ୍ୟରୁ ୨୦୮ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୪୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେହିପରି ପର୍ଶ୍ଚିମବଙ୍ଗରୁ ଅମ୍ଫାନ ଡ୍ୟୁଟି ସାରି ଫେରିଥିବା ଜଣେ ଏନଡିଆରଏଫ ଜବାନ ମଧ୍ୟ କରୋନା ଆକ୍ରାନ୍ତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରେ ଜିଲ୍ଲାରେ ସବୁଠାରୁ ଅଧିକ ୧୦୨ ଟି ନୂଆ ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ଜଣେ, ବାଲେଶ୍ୱର ଜିଲ୍ଲାରେ୨ ଜଣ, ବରଗଡ ଜିଲ୍ଲାରେ ୧୨ ଜଣ, ବଲାଙ୍ଗୀର ଜିଲ୍ଲାରେ ୪ ଜଣ, ତଥା କଟକ ଜିଲ୍ଲାରେ ୩୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡରେ ୪ ଜଣ, ଗଜପତି ଜିଲ୍ଲାରେ ୮ ଜଣ, ଝାରସୁଗୁଡା ▶▶ପୃଷ୍ଠା ୭

## ଗତ ୨୪ ଘଂଟାରେ ଦେଶରେ ୧୮୬୫୩ ଟି କରୋନାର ନୂଆ ମାମଲା: ୫୦୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ, ୧୮୬୫୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ରୋଗୀଙ୍କ ସଂଖ୍ୟା ୫,୮୫୪୯୩କୁ ବୃଦ୍ଧି ପାଇଛି । ବୁଧବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ୨୨୦୧୧୪ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୧୭୪୦୦ ମୃତ୍ୟୁବରଣ କରିଛନ୍ତି। ଦେଶରେ ମୋଟ ୩୪୭୯୭୯ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

## କଟକ ସିଏମସି ଅଂଚଳରୁ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୭ (ନି.ପ୍ର): ଆଜି କଟକ ଜିଲ୍ଲାରେ ୩୨ ଜଣ ନୂଆ କରୋନା ପଜିଟିଭ ମାମଲା ସାମନାକୁ ଆସିଥିବା ବେଳେ ଏଥି ମଧ୍ୟରୁ ସାତ ଜଣ ସିଏମସି ଅଂଚଳର ବୋଲି କଟକ ମହାନଗର ନିଗମ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି ।
ବର୍ତମାନ ସୁଦ୍ଧା ସିଏମସି ଅଂଚଳର ୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ୨୨ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୨୨ଟି ସକ୍ରିୟ ମାମଲା ରହିଥିବା ସିଏମସି ପକ୍ଷରୁ କୁହା ଯାଇଛି ।

## ବିଜେଡିରେ ୮ ବରିଷ୍ଠ ଉପସଭାପତି , ୯ ଉପସଭାପତି ଓ ୧ ସାଧାରଣ ସମ୍ପାଦକଙ୍କୁ ନିଯୁକ୍ତି

### ଉପସଭାପତିମାନଙ୍କୁ ମିଳିଲା ବିଭିନ୍ନ ଦାୟିତ୍ୱ

ଭୁବନେଶ୍ୱର,୧୭ (ନି.ପ୍ର): ବିଜୁ ଜନତା ଦଳରେ ବୁଧବାର ନୂତନ କର୍ମକର୍ତାଙ୍କୁ ନିଯୁକ୍ତି ଦିଆଯାଇଛି । ୮ ଜଣ ବରିଷ୍ଠ ଉପସଭାପତି , ୯ ଜଣ ଉପସଭାପତି ଓ ଜଣେ ସାଧାରଣ ସମ୍ପାଦକଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି । ପ୍ରଥମ ଥର ପାଇଁ ଦଳର ଉପସଭାପତି ମାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ଦିଆଯାଇଛି । ବିଜେଡି ବରିଷ୍ଠ ଉପସଭାପତି ଭାବେ ଅନଙ୍ଗ ଉଦୟ ସିଂହଦେଓ , ପ୍ରସନ୍ନ ଆଚାର୍ଯ୍ୟ, ପ୍ରସନ୍ନ କୁମାର ପାଟ୍ଟଶାଣୀ, ପ୍ରଫୁଲ୍ଲ ସାମଲ , ବିଜୟଶ୍ରୀ ରାଉତରାୟ, ଲାଲ୍ ବିହାରୀ ହିମିରିକା , ଅନନ୍ତ ଦାସ ଓ ବିଦ୍ୟାଧର କୁଅଁରଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୯ ଜଣ ଉପସଭାପତିଙ୍କ ମଧ୍ୟରୁ ମଙ୍ଗଳା କିଷାନଙ୍କୁ ଜନଜାତି ସଶକ୍ତିକରଣ ଓ ସଂଖ୍ୟାଲଘୁ ବ୍ୟାପାର ବିଭାଗ ଦାୟିତ୍ୱ ଦିଆଯାଇଛି । ସେହିପରି ସୌମ୍ୟ ରଂଜନ ପଟ୍ଟନାୟକଙ୍କୁ କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ , ଦେବୀ ପ୍ରସାଦ ମିଶ୍ରଙ୍କୁ ଓଡିଶା : ମୋ ପରିବାର , ବିକ୍ରମ କେଶରୀ ଆରୁଖଙ୍କୁ ପରିବେଶ , ଉଷା ଦେବୀଙ୍କୁ ସାମାଜିକ ମଙ୍ଗଳ, ପ୍ରମିଳା ମଲ୍ଲିକଙ୍କୁ ମହିଳା ସଶକ୍ତିକରଣ, ବଦ୍ରିନାରାୟଣ ପାତ୍ରଙ୍କୁ ▶▶ପୃଷ୍ଠା ୭

### ଉତର-ଭୁବନେଶ୍ୱର ବିଧାନସଭା ସ୍ତରୀୟ ଜନସମ୍ବାଦ ରାଲି

## ଗରିବଙ୍କ ଖାଦ୍ୟ ସୁରକ୍ଷାକୁ ସୁନିର୍ଶ୍ଚିତ କରିଛନ୍ତି ମୋଦି : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୭ (ନି.ପ୍ର): କରୋନା ମହାମାରୀ ସମୟରେ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଗାମୀ ପାଂଚ ମାସ ପର୍ଯ୍ୟନ୍ତ ବୃଦ୍ଧି କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷାକୁ ସୁନିର୍ଶ୍ଚିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉତର-ଭୁବନେଶ୍ୱର ମଣ୍ଡଳି ପାଇଁ ଅନୁଷ୍ଠିତ ବିଧାନସଭା ସ୍ତରୀୟ ଜନ ସମ୍ବାଦ ରାଲିରେ ଯୋଗଦେଇ ଶ୍ରୀ ପ୍ରଧାନ ଏହା କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅବଧି ବୃଦ୍ଧି ହେବା ଦ୍ୱାରା ଓଡ଼ିଶା ସମେତ ଦେଶର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଲାଭବାନ ହେବେ । ଏହାର ମୂଲ୍ୟ ୯୦ ହଜାର କୋଟିରୁ ଅଧିକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଉଭୟ ଜୀବନ ଓ ଜୀବିକାକୁ ଗୁରୁତ୍ୱ ଦେଇ ଦେଶରେ ଗୋଟିଏ ନୂଆ ବେଂଚମାର୍କ ତିଆରି କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବିଶ୍ୱ ଏକ କଠିନ ସମୟ ଦେଇ ଗତି କରୁଛି । ଏଭଳି ଏକ ଆହ୍ୱାନମୂଳକ ସମୟରେ ଆମକୁ ନିଜର ସୁରକ୍ଷାକୁ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ମୁହଁରେ ମାସ୍କ ପିନ୍ଧିବା ସହ ଦୁଇ ମିଟର ସାମାଜିକ ଦୂରତା ରକ୍ଷା କରିବା ପାଇଁ ପଡ଼ିବ । ସାଂପ୍ରତିକ ସମୟରେ ସତର୍କ ଓ ସାବଧାନ ରହିବା ଏବଂ ଅନ୍ୟମାନଙ୍କୁ ଏଥିପାଇଁ ସଚେତନ କରିବା ହିଁ ଆମର ଦାୟିତ୍ୱ । ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ଗୁରୁତ୍ୱ ଦେଉଛନ୍ତି । ଏହି କାରଣରୁ ତାଙ୍କ ପ୍ରତି ଦେଶ ଓ ରାଜ୍ୟବାସୀଙ୍କ ▶▶ପୃଷ୍ଠା ୭

# ଡିଜେଲ, ପେଟ୍ରୋଲ ମୂଲ୍ୟବୃଦ୍ଧି ପ୍ରତିବାଦ କରି ମିଳିତ ବାମପନ୍ଥୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ

ଭଦ୍ରକ, ୧/୬ (ହି.ସ.) - ସାରା ବିଶ୍ୱରେ କରୋନା ମହାମାରୀରେ ଜରାଗ୍ରସ୍ତଥିବା ବେଳେ ଆମ ଦେଶର କେନ୍ଦ୍ର ସରକାର ଦେଶରେ ବାରମ୍ବାର ଡିଜେଲ, ପେଟ୍ରୋଲର ମୂଲ୍ୟବୃଦ୍ଧି କରିବା ସାଧାରଣ ଜନତାଙ୍କ ଉପରେ ବେଡି ଉପରେ କୋରଡା ମାଡ ହୋଇଛି। କରୋନା ମହାମାରୀ ସମୟରେ ଶ୍ରମଜୀବି , କୃଷକ, ଖଟିଖିଆ ମେହନତୀ ମଣିଷମାନେ ବଂଚିବା ସହ ଜୀବନ ଜୀବିକାରେ ସଂଗ୍ରାମ କରୁଥିବାବେଳେ ସରକାର ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟବୃଦ୍ଧି ଏବଂ ପେଟ୍ରୋଲ ଓ ଡିଜେଲ ଅହେତୁକ ମୂଲ୍ୟବୋଧ ରେକର୍ଡ ସୃଷ୍ଟି କରିଛି। କ୍ରମାଗତ ଭାବରେ ଦେଶରେ ତେରଥର ତୈଳବୃଦ୍ଧି ହୁହୁ ହୋଇବଢିଚାଲିଛି। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତେଳଦର ଲଗାତର କମୁଥିବାବେଳେ ଆମଦେଶରେ କେନ୍ଦ୍ର ଓ ରାଜ୍ୟ ସରକାର ତୈଳଦର ନିୟନ୍ତ୍ରଣ କରିବାରେ ବିଫଳ ହୋଇଛି। ଏହିଭଳି ଏକ ଦାରୁଣ ମହାମାରୀ ବିପଦ ସମୟରେ ତେଳ ଦରବୃଦ୍ଧି ଫଳରେ ଦରଦାମ ବୃଦ୍ଧି ସହ ପରିବହନରେ ବାଧା ସୃଷ୍ଟି କରୁଛି। କେନ୍ଦ୍ର ଓ ରାଜ୍ୟସରକାର ଏକାବନ ଟଙ୍କାରୁ ଅଧିକ ଅବକାରୀ ଟିକସ ଓ ଭାଟ ବଢାଇବା ଦ୍ୱାରା ତେଲଦର ବଢିବା ଦ୍ୱାରା ମୋଦି ସରକାର ଅଠର ଲକ୍ଷ କୋଟିଟଙ୍କା ସାଧାରଣ ଲୋକମାନଙ୍କ ଅର୍ଥକୁ ଲୋଟିନେଲାଣି ବୋଲି ବାମପନ୍ଥୀ ଦଳପକ୍ଷରୁ ଦାବୀ କରାଯାଇଛି। ତୁରନ୍ତ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରେଟ୍ରୋଲ ଓ ଡିଜେଲକୁ ଜିଏସଟି ପରିସର ଭୁକ୍ତ କରିବା ସହ ମାତ୍ରାଧିକ ଟିକସକୁ ପ୍ରତ୍ୟାହାର କରିବା ଦାବୀରେ ଆଜି ଭଦ୍ରକ ଜିଲ୍ଲାପାଳଙ୍କ ଦପ୍ତର ଆଗରେ ମିଳିତ ବାମପନ୍ଥୀ ସଂଗଠନ ସିପିଆଇ, ସିପିଆଇ(ଏମ), ସିପିଆଇ(ଏମ୍-ଏଲ୍)ଲିବରେସନ୍ ପକ୍ଷରୁ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ଏହି ପ୍ରତିବାଦ ସଭାରେ ବାମପନ୍ଥୀ ନେତା ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଦିବ୍ୟସିଂହ ନାୟକ, ସମର ବଳ, ରାଧା ଦାସ, ବିନୋଦ ସାହୁ, ବିମ୍ବାଧର ବାରିକ୍, ସଂଗ୍ରାମ ବଳ, ଜୟନ୍ତୀ ବିଶ୍ୱାଳ, ସୁବ୍ରତ କୁମାର ନାୟକ, ସେକ ଦାର, ସେକ୍ କାଲୁ, ସେକ୍ ଫିରଜ, ଅବଦୁଲ ରହେମାନ, ମୂରଲୀଧର ନାୟକ, ସନାତନ ନାୟକ, ଗାୟତ୍ରୀ ବେହେରା, ଜଗନ୍ନାଥ ବେହେରା, ଦୀନବନ୍ଧୁ ବେହେରା, ରମାକାନ୍ତ ଦାଶ, ଭରତ କୁମାର ଜେନା,ଆନନ୍ଦ ଜେନା, କୈଳାସ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ଅରୁଣ ଜେନା, ଗଣେଷ ଜେନା, ହୃଷିକେଶ ଦାସ, ସାନିଗୋ ମାରଣ୍ଡି, ଲକ୍ଷୀ ମୁଣ୍ଡା, ହେମଲାତା ବେହେରା, ପ୍ରହଲ୍ଲାଦ ବେହେରା ପ୍ରମୁଖ ଯୋଗ ଦେଇ ଏହି ଅନ୍ଦୋଳନରେ ନେତୃତ୍ୱ ନେଇ ଥିଲେ।

## କଟକ ଜିଲ୍ଲାର କରୋନା ପଜିଟିଭ ମାନଙ୍କ ସମ୍ପର୍କରେ ତଥ୍ୟ ଦେଲା ପ୍ରଶାସନ

ଭୁବନେଶ୍ୱର, ୦୧/୭ (ନି.ପ୍ର): କଟକ ଜିଲ୍ଲାରେ ଆଜି ୧୭ ଜଣ କୋରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେ ସମ୍ପର୍କରେ ସୂଚନା ଦେଇଛି କଟକ ଜିଲ୍ଲା ପ୍ରଶାସନ । ଦିଆଯାଇଥିବା ସୂଚନା ଅନୁସାରେ ଏଥି ମଧ୍ୟରୁ ୭ ଜଣ ଆକ୍ରାନ୍ତ ମାହାଙ୍ଗାର ହୋଇଥିବା ବେଳେ, ବଡମ୍ବା ଅଂଚଳର ୪ ଜଣ, ଆଠଗଡ ଅଂଚଳର ୨ ଜଣ ଅଛନ୍ତି। ସିଏମସି ଅଂଚଳର ଦୁଇ ଜଣ ତଥା କଟକ ସଦର ଓ ଚୌଦ୍ୱାର ଅଂଚଳର ଜଣେ ଜଣେ ରହିଥିବା ଜଣା ପଡିଛି ।

## ନାବାଳିକା ଦୁଷ୍କର୍ମ ଓ ଗର୍ଭପାତ ମାମଲା

# କ୍ରାଇମବ୍ରାଂଚ ତଦନ୍ତ କରିବା ନେଇ ପୁଲିସ ଡିଜିଙ୍କ ସୂଚନା, ଅଭିଯୁକ୍ତମାନଙ୍କ ପତା ମିଳୁନି

ରାଉରକେଲା, ୦୧/୭ (ନି.ପ୍ର): ସୁନ୍ଦରଗଡ ଜିଲ୍ଲା ବୀରମିତ୍ରପୁର ଥାନାରେ ନାବାଳିକାକୁ ଗତ ୩ ମାସ ଧରି ନିୟମିତ ଦୁଷ୍କର୍ମ କରାଯିବା ଓ ତାର ଗର୍ଭପାତ ମାମଲା ପୁଲିସ ନଜରକୁ ଆସିବା ପରେ ଏଯାଏ କାହାକୁ ଗିରଫ କରାଯାଇନଥିବା ବେଳେ ଏହି ମାମଲାକୁ କ୍ରାଇମବ୍ରାଂଚ ତଦନ୍ତ କରିବ ବୋଲି ପୁଲିସ ଡିଜି ଶ୍ରୀ ଅଭୟ ଟ୍ୟୁଟ୍ କରି ସୂଚନା ଦେଇଛନ୍ତି । ତେବେ ଆଜି ମଧ୍ୟାହ୍ନ ସୁଦ୍ଧା କ୍ରାଇମବ୍ରାଂଚ ଟିମ୍ ଜିଲ୍ଲାରେ ପହଁଚି ନଥିବା ବେଳେ ଅଭିଯୁକ୍ତ ମାନଙ୍କର ଏଯାଏ ପତା ମିଳୁନଥିବା ଖବର ମିଳିଛି । ଏହି ମାମଲାରେ ରାୟବଗା ଥାନାରେ ଏତଲା ହେବା ପରେ ଡିଜି ପୁଲିସ ଥାନା ଅଧିକାରୀ ଆନନ୍ଦ ମାଝୀଙ୍କୁ ନିଲମ୍ବିତ କରିଥିଲେ । ତେବେ ଏତିକିରେ କଥା ଅଟକିନଥିଲା, ଅଭିଯୁକ୍ତମାନଙ୍କୁ ଗିରଫ ଦାବୀରେ ଥାନା ଘେରାଉ ସହ ସହର ପ୍ରତିବାଦରେ ବନ୍ଦ ପାଳନ ଲାଗି କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯିବା ପରେ ନାବାଳିକାର ୧୬୪ ଧାରାରେ ବୟାନ ରେକର୍ଡ କରାଗଲା ବୋଲି ବେସରକାରୀ ଭାବେ ସୂଚନା ଆସିଲା । ଏନେଇ ସୁନ୍ଦରଗଡ ପୁଲିସ କୌଣସି ସୂଚନା ଦେଇନଥିବା ବେଳେ ଗତକାଲି ନାବାଳିକାଙ୍କୁ ପୁଣିଥରେ କୋର୍ଟରେ ହାଜର କରାଇ ବୟାନ ରେକର୍ଡ ଦିନ ଛାଡି ଆସିଥିବା କେତେକ ଦସ୍ତଖତ କରାଯାଇଥିବା ଖବର ମିଳିଛି । ତେବେ ୧୬୪ ବୟାନରେ ନାବାଳିକା ଜଣକ କଣ କହିଲେ ତାଙ୍କ ବୟାନ କାହା କାହା ବିରୁଦ୍ଧରେ ଗଲା ତାହା ସ୍ପଷ୍ଟ ହୋଇନଥିଲେ ବି ଆଜିଯାଏ ଏତଲା ଅନୁସାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇପାରିନାହିଁ । ସେପଟେ କିଏ ସେ ଗାଡି ମାଲିକ, କିଏ ସେ ଗାଡି ଚାଳକ, ଯେଉଁ ଗାଡିରେ ନିୟମିତ ନାବାଳିକାଙ୍କୁ ନେବା ଆଣିବା କରାଯାଉଥିଲା ? ଏନେଇ ବୀରମିତ୍ରପୁର ସମେତ ଜିଲ୍ଲା ସାରା ନାନା କଥା ଆଲୋଚନା ହେଉଥିଲେ ବି ସେ ଗାଡି କେଉଁଠି, ଗାଡି ଚାଳକକୁ ମଧ୍ୟ ଏଯାଏ ଗିରଫ କରାଯାଇପାରିନଥିବା ଜଣା ପଡିଛି । ଜିଲ୍ଲା ପୁଲିସ ଘଟଣାର ତଦନ୍ତ ଜାରୀ ରଖିଥିବା ବେଳେ, ରାଜ୍ୟ ପୁଲିସ କ୍ରାଇମବ୍ରାଂଚକୁ ତଦନ୍ତ ଲାଗି ଛାଡିବା ପରେ ସାଧାରଣରେ ସନ୍ତୁଷ୍ଟି ପ୍ରକାଶ ପାଇଛି ।

# ୬ଟି ଟି ଆନ୍ତଃ ରାଜ୍ୟ ସ୍ୱତନ୍ତ୍ର ଟ୍ରେନ ସେବା ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର, ୦୧/୭ (ନି.ପ୍ର): ୦୨୮୬୧/୦୨୮୬୨ ରାଉରକେଲା-ଭୁବନେଶ୍ୱର-ରାଉରକେଲା ସ୍ୱତନ୍ତ୍ର ଟ୍ରେନ ସେବାକୁ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରେଳବାଇ ନିଷ୍ପତି ନେଇଛି। ଏହି ଟ୍ରେନ ଜୁଲାଇ ପହିଲା ଠାରୁ ୩୧ ତାରିଖ ମଧ୍ୟରେ ପ୍ରତି ଶନି ଓ ରବିବାର ବ୍ୟତୀତ ଅନ୍ୟଦିନ ମାନଙ୍କରେ ଚଳାଚଳ କରିବ। ଏହା ରାଉରକେଲାରୁ ସକାଳ ୫ଘ.୧୦ମି. ରୁ ଛାଡୁଥିବାବେଳେ ଅପରାହ୍ନ ୨ଘ.୧୦ମି.ରେ ଭୁବନେଶ୍ୱର ଠାରୁ ଛାଡିବ ଓ ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ଏହା ରାଜଗାଙ୍ଗପୁର, ବାମରା, ଝାରସୁଗୁଡା, ରେଙ୍ଗାଲି, ସମ୍ବଲପୁର ସିଟି, ରେଢ଼ାଖୋଲ, ବଇଣ୍ଡା, ଅନୁଗୁଳ, ତାଳଚେର ରୋଡ଼, ଢେଙ୍କାନାଳ ଓ ନାରାଜ ମାର୍ଥାପୁର ଷ୍ଟେସନ ମାନଙ୍କରେ ରହଣି କରିବ । ଏହା ବ୍ୟତୀତ, ଅନ୍ୟ ୫ଟି ଆନ୍ତଃ ରାଜ୍ୟ ସ୍ୱତନ୍ତ୍ର ଟ୍ରେନ ଗୁଡିକର ସେବାକୁ ମଧ୍ୟ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ୦୮୩୦୩/୦୮୩୦୪-ସମ୍ବଲପୁର-ଖୋର୍ଦ୍ଧା ରୋଡ଼-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଭୟ ସମ୍ବଲପୁର ଓ ଖୋର୍ଦ୍ଧା ରୋଡ଼ ଠାରୁ ପ୍ରତି ସୋମ, ବୁଧ ଓ ଶୁକ୍ରବାର ଦିନ ଚଳାଚଳ କରିବ ଏବଂ ସମ୍ବଲପୁର ଠାରୁ ସକାଳ ୬ ଘଟିକାରେ ଏବଂ ଖୋର୍ଦ୍ଧାରୋଡ଼ ଠାରୁ ଅପରାହ୍ନ ୪ଘ.୫୫ମି.ରେ ଛାଡିବା ସହିତ ସମ୍ବଲପୁର ଓ ଭୁବନେଶ୍ୱର ଷ୍ଟେସନ ମଧ୍ୟରେ ଉଭୟ ପାର୍ଶ୍ୱରୁ ଯୁଜୁମୁରା, ରେଢ଼ାଖୋଲ, ବାମୁର, ବଇଣ୍ଡା, ଜରପଡା, ଅନୁଗୁଳ, ତାଳଚେର ରୋଡ଼, ମେରାମଂଡଳୀ, ଢେଙ୍କାନାଳ, ନରାଜ ମାର୍ଥାପୁର ଏବଂ ମଂଚେଶ୍ୱର ଷ୍ଟେସନ ମାନଙ୍କରେ ରହଣି କରିବ। ୦୮୪୯୩/୦୮୪୯୪-ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଉଭୟ ଭୁବନେଶ୍ୱର ଓ ବଲାଙ୍ଗୀର ଠାରୁ ପ୍ରତି ଶନି ଓ ରବିବାରକୁ ବାଦ୍ ଦେଇ ଅନ୍ୟ ସବୁଦିନ ଚଳାଚଳ କରିବ। ଭୁବନେଶ୍ୱର ଠାରୁ ସକାଳ ୬ଘ.୩୦ମି.ରେ ଏବଂ ବଲାଙ୍ଗୀର ଠାରୁ ଅପରାହ୍ନ ୨ଘ.୪୫ମି.ରେ ଛାଡିବା ସହିତ ଭୁବନେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ଉଭୟ ପାର୍ଶ୍ୱରୁ ମଂଚେଶ୍ୱର, ନରାଜ ମାର୍ଥାପୁର, ଢେଙ୍କାନାଳ, ମେରାମୁଣ୍ଡଳୀ, ତାଳଚେର ରୋଡ଼, ଅନୁଗୁଳ, ବଇଣ୍ଡା, ବାମୁର, ରେଢାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼ ଏବଂ ବରପାଲି ଷ୍ଟେସନ ମାନଙ୍କରେ ରହଣି କରିବ । ସେହିପରି ୦୮୪୯୨/୦୮୪୯୧-ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଜୁଲାଇ ମାସ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରୁ ପ୍ରତି ସୋମବାର, ବୁଧବାର ଓ ଗୁରୁବାର ଦିନ ସନ୍ଧ୍ୟା ୬ ଟାରେ ଛାଡିବ ଏବଂ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଠାରୁ ପ୍ରତି ମଙ୍ଗଳ, ଗୁରୁ ଓ ଶୁକ୍ରବାର ଦିନ ସକାଳ ୭ ଘ. ୩୦ମି.ରେ ଛାଡିବ ଏବଂ ଜୁଲାଇ ପହିଲା ଦିନ ଭଦ୍ରକ ଠାରୁ ବନ୍ଦ୍ ରହିବ। ଏହି ଟ୍ରେନ୍ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଓ ଭଦ୍ରକ ମଧ୍ୟରେ କଟକ ଓ ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ଠାରେ ରହିବ। ୦୮୪୩୭/୦୮୪୩୮-ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରୁ ପ୍ରତି ସୋମବାର, ବୁଧବାର ଓ ଗୁରୁବାର ଦିନ ସନ୍ଧ୍ୟା ୫ ଘ.୩୦ମି.ରେ ଛାଡିବ ଏବଂ ଜୁଲାଇ ମାସ ୩୧ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର ଠାରୁ ପ୍ରତି ମଙ୍ଗଳ, ଗୁରୁ ଓ ଶୁକ୍ରବାର ଦିନ ସକାଳ ୭ ଟାରେ ଛାଡିବ ଏବଂ ଜୁଲାଇ ପହିଲା ଦିନ ବ୍ରହ୍ମପୁର ଠାରୁ ବନ୍ଦ୍ ରହିବ। ଏହି ଟ୍ରେନ୍ ଭୁବନେଶ୍ୱର ଓ ବ୍ରହ୍ମପୁର ମଧ୍ୟରେ ଉଭୟ ପାର୍ଶ୍ୱରୁ ଖୋର୍ଦ୍ଧା ରୋଡ଼, ନିରାକାରପୁର, ଭୂଷଣ୍ଡପୁର, କାଳୁପଡାଘାଟ, ଗଙ୍ଗାଧରପୁର, ବାଲୁଗାଁ, ଖଲିକୋଟ, ଗଞ୍ଜାମ ଓ ଛତ୍ରପୁର ଷ୍ଟେସନ ମାନଙ୍କରେ ରହଣି କରିବ। ଅପରପକ୍ଷରେ ୦୮୪୪୭/୦୮୪୪୮-ଭୁବନେଶ୍ୱର-କୋରାପୁଟ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଜୁଲାଇ ମାସ ୩୧ ତାରିଖ ମଧ୍ୟରେ ଭୁବନେଶ୍ୱର ଠାରୁ ପ୍ରତି ସୋମ, ବୁଧ ଓ ଶୁକ୍ରବାର ସନ୍ଧ୍ୟା ୬ ଘ.୩୦ମି.ରେ ଏବଂ କୋରାପୁଟ ଠାରୁ ପ୍ରତି ମଙ୍ଗଳ, ଗୁରୁ ଓ ରବିବାର ସନ୍ଧ୍ୟା ୫ ଘ.୩୦ମି.ରେ ଛାଡିବ। ଏହି ଟ୍ରେନ୍ ଉଭୟ ପାର୍ଶ୍ୱରୁ ଭୁବନେଶ୍ୱର ଓ କୋରାପୁଟ ମଧ୍ୟରେ କଟକ, ଢେଙ୍କାନାଳ, ମେରାମୁଣ୍ଡଳୀ, ତାଳଚେର ରୋଡ଼, ଅନୁଗୁଳ, ବଇଣ୍ଡା, ରେଢ଼ାଖୋଲ, ସମ୍ବଲପୁର, ହୀରାକୁଦ, ବରଗଡ଼ ରୋଡ଼, ବରପାଲି, ଡୁଙ୍ଗୁରିପାଲ୍ଲୀ, ଲୋଇଶିଙ୍ଗା, ବଲାଙ୍ଗୀର, ବଡ଼ମାଳ, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା, ଥେରୁବାଲି, ସିଙ୍ଗାପୁର ରୋଡ଼, ରାୟଗଡା, ଟିକିରି, ଲକ୍ଷ୍ମୀପୁର ରୋଡ଼, କାକିରିଗୁମା, ବାଇଗୁଡ଼ା ଏବଂ ଦାମନଯୋଡି ଷ୍ଟେସନ ମାନଙ୍କରେ ରହିବ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୦୧/୭ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ବାଙ୍କେଶ୍ୱର ନିମ୍ନ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସତ୍ୟନାରାୟଣ ସାମଲଙ୍କୁ ଆଜି ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ପର୍ବରେ ପ୍ରଧାନ ଶିକ୍ଷୟିତ୍ରୀ ବଜୟଲକ୍ଷ୍ମୀ ସେଠୀ ଅଧ୍ୟକ୍ଷତା କରିବା ସହିତ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ବିଦ୍ୟାଳୟର ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଶ୍ରୀ ସାମଲଙ୍କ କର୍ତ୍ତବ୍ୟନିଷ୍ଠ କାର୍ଯ୍ୟଧାରା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ କରି ସମାୟନୁବର୍ତ୍ତିତା ଓ ସହଯୋଗୀ ମନୋଭାବର ଗୁଣ ତାଙ୍କୁ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମବାସୀଙ୍କଠାରେ ପ୍ରିୟପାତ୍ର କରିଥିଲା ବୋଲି ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟାନ୍ୟ ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହ ଅବସରରେ ଉତ୍ତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ଶ୍ରୀ ସାମଲ ସନ୍ତୋଷ ପ୍ରକାଶ ସହ ଘରପାଖ ବିଦ୍ୟାଳୟ ହେଲେ ସୁଦ୍ଧା ଏଠାକାର ପରିବେଶ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ ବିଶେଷ କରି ଛାତ୍ରଛାତ୍ରୀଙ୍କ ତାଙ୍କ ପ୍ରତି ସମ୍ମାନ ଏବଂ ଭକ୍ତିଭାବ ତାଙ୍କର ସବୁଦିନ ମନେ ରହିବ ବୋଲି କହିଥିଲେ। ୧୯୮୯ ମସିହାରୁ ଶିକ୍ଷକତା ଆରମ୍ଭ କରିଥିବା ଶ୍ରୀ ସାମଲ ସାରଗାଁ କ୍ଲଷ୍ଟର ବିଭିନ୍ନ ସ୍କୁଲରେ କାର୍ଯ୍ୟ କରିବା ସହ ଶେଷରେ ବାଙ୍କେଶ୍ୱର ନିମ୍ନ ପ୍ରାଥମିକ ସ୍କୁଲରୁ ଅବସର ନେଇଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀ ଶକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ।

# ଘରେ ବସି ଜନସାଧାରଣ ଜିଲ୍ଲାପାଳଙ୍କୁ କରିବେ ଅଭିଯୋଗ

ଭଦ୍ରକ, ୧/୭(ହି.ସ.) - ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତି ସୋମବାର ଜିଲ୍ଲାପାଳ ଜିଲ୍ଲା ସଦର ମହକୁମା ଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକରେ ଜନ ଅଭିଯୋଗ ଶୁଣାଣି ଶିବିର କରି ଜନସାଧାରଣଙ୍କ ଅଭିଯୋଗ ଶୁଣୁଥିଲେ। ମାତ୍ର କରୋନା ମହାମାରୀ ଜନିତ ବିଭିନ୍ନ କଟକଣା ଲାଗୁ ହେବା ପରେ ଏହି ଶିବିରକୁ ବନ୍ଦ କରି ଦିଆଯାଇଛି। ତେବେ ଦୀର୍ଘ ଦିନ ଧରି ଏହି ଶିବିର ବନ୍ଦ ରହିବା ପରେ ଏବେ ଏହି ଶୁଣାଣି ନିମନ୍ତେ ଜିଲ୍ଲାପାଳ ଆଗଭର ହୋଇଛନ୍ତି। ଏଥିଲାଗି ଜିଲ୍ଲାପାଳ ଡ. ଜ୍ଞାନ ଦାସ ହ୍ୱାଟ୍‌ସଅପ, ଇମେଲ ଏବଂ ଫୋନ ଯୋଗେ ଅଭିଯୋଗ ଗ୍ରହଣ କରିବା ବ୍ୟବସ୍ଥା କରିଛନ୍ତି। ଏଣିକି ଜନସାଧାରଣ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନ ଆସି ଘରେ ବସି ଅଭିଯୋଗ କରିବେ । ଏଥିନିମନ୍ତେ ଫୋନ ନଂ-୦୬୭୮୪-୨୫୧୮୮୧, ହ୍ୱାଟସ୍‌ଅପ ନଂ-୮୭୬୩୦୦୪୦୧୧ ଏବଂ ଅଭିଯୋଗ ପଠାଇ ପାରିବେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ପଠାଯିବା ସହିତ ଏ ସଂକ୍ରାନ୍ତୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ବିଭାଗୀୟ ସ୍ଥାୟୀ କମିଟି-୬ଙ୍କର ପ୍ରଥମ ବୈଠକ

ଭୁବନେଶ୍ୱର, ୦୧/୭ (ନି.ପ୍ର): ଆଜି ବିଧାନସଭାସ୍ଥିତ ପ୍ରକୋଷ୍ଠ ନଂ-୫୩ରେ ବିଭାଗୀୟ ସ୍ଥାୟୀ କମିଟି-୬ଙ୍କର ପ୍ରଥମ ବୈଠକ ବିଧାୟକ ଶ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମବାୟ ବିଭାଗ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ କମିଟିର ସଦସ୍ୟ, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା : ଦଉଡିରେ ବନ୍ଧାପଡିଛି ଜୀବନ

ଭଦ୍ରକ, ୧/୭ (ହି.ସ.) - ମାତ୍ର କେଇହାତ ଦଉଡିରେ ବନ୍ଧା ପଡିଛି ଲୋକଙ୍କ ଜୀବନ। ନଦୀ ପାରି ହେବାକୁ ଲୋକେ କରୁଛନ୍ତି ବିପଦପୂର୍ଣ୍ଣ ଜଳଯାତ୍ରା। ଭରାନଇରେ ଏକ ଛୋଟିଆ କାତମରା ଡଙ୍ଗାରେ ଖୁନ୍ଦାଖୁନ୍ଦି ହୋଇ ଲୋକେ ନଦୀ ପାରି ହେଉଥିବାବେଳେ ନଦୀର ଦୁଇପାର୍ଶ୍ୱରେ ବନ୍ଧା ହୋଇଥିବା ଦଉଡିରେ ଝୁଲୁଛି ଲୋକଙ୍କ ଜୀବନ। ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ବାଲିମେଦ ପଂଚାୟତ ଚାରବାଟିଆ ମନ୍ତେଇ ନଦୀ ଘାଟରେ ଦେଖିବାକୁ ମିଳିଛି ଏହି ଦୃଶ୍ୟ। ଆଜିକୁ ପ୍ରାୟ ୫୦ ବର୍ଷ ହେବ ନଦୀ ପାରିହେବାକୁ ଚାଲିଆସୁଛି ଏହି ପରମ୍ପରା। ପ୍ରାୟ ୪୦/୫୦ ଫୁଟ୍ ଗଭୀରତା ବିଶିଷ୍ଟ ଏହି ନଦୀ ଘାଟ ପାରି ହେବାକୁ ନଦୀର ଦୁଇପାର୍ଶ୍ୱରେ ବନ୍ଧା ହୋଇଛି ଏକ ଲମ୍ବା ଦଉଡି। ଯାହାକୁ ଟାଣି ଟାଣି ନଦୀ ଏପାଖରୁ ସେପାଖକୁ ନିଆଯାଉଥିବା ବେଳେ ସେଥିରେ ମଣିଷଙ୍କ ସହିତ ପଶୁ, ପକ୍ଷୀ ଏବଂ ଗାଡିମୋଟର ନେବା ଆଣିବା କରାଯାଉଛି। ନଦୀ ପାରିହେବା ବେଳେ ସମୁଦ୍ରରେ ଜୁଆର ଉଠିଲେ ଡଙ୍ଗାକୁ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇପଡିଥାଏ। ବେଳେ ବେଳେ ଭାରସାମ୍ୟ ହରାଇ ଡଙ୍ଗା ମଝି ନଇରେ ଓଲଟି ପଡି ବହୁ ଲୋକ ମୃତାହତ ହେଉଥିବା ନଜିର ରହିଛି। ତଥାପି ଆବଶ୍ୟକତା ଦୃଷ୍ଟିରୁ ଲୋକେ ଛାଡି ପାରୁନାହାଁନ୍ତି ଏହି ବିପଦପୂର୍ଣ୍ଣ ଯାତ୍ରା। ଏହି ଘାଟ ଦେଇ ଦୈନିକ ହଜାର ହଜାର ଲୋକ ନଦୀ ପାରି ହେଉଥିଲେ ମଧ୍ୟ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଡଙ୍ଗାରେ ନା ଅଛି ଲାଇଭ୍ ଜ୍ୟାକେଟ୍ ନା ଅଛି ଜୀବନ ରକ୍ଷାକାରୀ ଉପକରଣ। କେବଳ ଭଗବାନଙ୍କୁ ଭରସା କରି ଘାଟିଆ ଯାତ୍ରୀଙ୍କୁ ନଦୀପାରି କରୁଥିବାବେଳେ ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଛି ଲୋକଙ୍କ ଜଳଯାତ୍ରା। ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ୍ ସହିତ ଚାନ୍ଦବାଲି ଏବଂ ତିହିଡି ବ୍ଲକ୍‌କୁ ଜଳ ପଥରେ ସଂଯୋଗ କରୁଥିବା ଏହି ନଦୀ ଘାଟ ଦେଇ ଦୈନିକ ହଜାର ହଜାର ଲୋକ ଚଳପ୍ରଚଳ କରିଥାନ୍ତି। ଚାନ୍ଦବାଲି ଏବଂ ତିହିଡି ବ୍ଲକ୍ ସହିତ ସିଧାସଳଖ ସଂପର୍କ ଯୋଡିବା ସକାଶେ ବାସୁଦେବପୁର ବ୍ଲକ୍‌ର ବାଲିମୁଣ୍ଡା, ବିଦେଇପୁର, କିସ୍ମତକୃଷ୍ଣପୁର, ସାନକୃଷ୍ଣପୁର, ଲକ୍ଷ୍ମୀଦାସପୁର, ବାଲିମେଦ, ଜଗନ୍ନାଥପ୍ରସାଦ, ପଦ୍ମପୁର, ସୁଗୋ, ଏଡତାଳ, ଲୁଙ୍ଗା ପ୍ରଭୃତି ୧୧ ରୁ ଉର୍ଦ୍ଧ୍ୱ ପଂଚାୟତ ଲୋକଙ୍କ ସହିତ ଭଦ୍ରକ ବ୍ଲକ୍‌ର ସାହାଡା, ସାବରଙ୍ଗ, ଗୋରାମାଟି ପଂଚାୟତର ଲୋକମାନେ ଏହି ଘାଟକୁ ଏକ ନିକଟତମ ଘାଟ ଭାବେ ଦୀର୍ଘବର୍ଷ ଧରି ବ୍ୟବହାର କରିଆସୁଛନ୍ତି। ଐତିହାସିକ ଦୃଷ୍ଟିକୋଣରୁ ଏକଦା ଜାତିର ପିତା ମହାତ୍ମା ଗାନ୍ଧୀ ଏହି ଘାଟ ପାରି ହୋଇ ଐତିହାସିକ ଚାରବାଟିଆ ଠାରେ ରାତ୍ରୀ ଯାପନ କରିଥିଲେ। ଯାହାକି ଏବେ ଗାନ୍ଧୀ ସ୍ମୃତି ସ୍ମାରକୀ ପୀଠ ଭାବେ ପ୍ରସିଦ୍ଧି ଲାଭ କରିଛି। ଆବଶ୍ୟକତା ଦୃଷ୍ଟିରୁ ଏହି ଘାଟର ଗୁରୁତ୍ୱ ପୂର୍ବ ଅପେକ୍ଷା ତ୍ରିଗୁଣିତ ହୋଇଛି। ହେଲେ ସରକାର ଆଜିସୁଦ୍ଧା ଏଠାରେ ଏକ ପକ୍କାପୋଲ ନିର୍ମାଣ କରିବାକୁ ସମର୍ଥ ହୋଇନାହାଁନ୍ତି। ଘାଟର ଐତିହାସିକ ଗୁରୁତ୍ୱ ଏବଂ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଞ୍ଚଳିକ ଲୋକେ ଏଠାରେ ଏକ ପକ୍କା ପୋଲ ନିର୍ମାଣ କରିବାକୁ ଦୀର୍ଘବର୍ଷ ଧରି ଦାବି କରିଆସୁଛନ୍ତି, ହେଲେ ସେମାନଙ୍କ କଥା କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି। ମହାମାରୀ କରୋନା ସମୟରେ ସରକାର ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ଆସୁଥିବାବେଳେ ଡଙ୍ଗାଘାଟରେ ଏହା କାଣିଚାଏ ପ୍ରଭାବ ଦେଖିବାକୁ ମିଳୁନି। ଅନ୍ୟପକ୍ଷରେ ସରକାରୀ ଉଦାସୀନତା ଏବଂ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ବର୍ଷ ବର୍ଷ ଧରି ସରକାରୀ ଦୃଷ୍ଟି ଆଢୁଆଳରେ ପଡିରହିଛି ଭଦ୍ରକ ଜିଲାର ଏହି ସର୍ବପୁରାତନ ଡଙ୍ଗାଘାଟ। ଯାହାକୁ ଲକ୍ଷ ଲକ୍ଷ ଲୋକଙ୍କ ଜଳଯାତ୍ରାକୁ ସଂକଟାପନ୍ନ କରିଛି।

# ବିଏମସି କାର୍ଯ୍ୟାଳୟକୁ ଜନସାଧାରଣଙ୍କ ପ୍ରବେଶ ମନା

ଭୁବନେଶ୍ୱର, ୦୧/୭ (ନି.ପ୍ର): ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ବିଏମସି କାର୍ଯ୍ୟାଳୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ବିଏମସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧୁରୀ ଏହି ସୂଚନା ଦେଇଛନ୍ତି। ରାଜଧାନୀରେ କ୍ୱରେଂଟାଇନ ଅପେକ୍ଷା ଅଧିକ ଲୋକାଲ କଂଟାକ୍ଟ କେସ୍ ଅଧିକ। କୌଣସି ଟ୍ରାଭେଲ୍ ହିଷ୍ଟ୍ରି ନଥାଇ ଲୋକେ ସଂକ୍ରମିତ ହୋଇଛନ୍ତି। ସେହିପରି ରାଜଧାନୀରେ ଥିବା କିଛି ବସ୍ତି ଅଂଚଳରେ ମଧ୍ୟ କରୋନା ବ୍ୟାପିଛି। ଏଥିପାଇଁ କରୋନା କଟକଣାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ଅଧିକ କଡ଼ାକଡ଼ି କରି। ସେ କହିଛନ୍ତି, ରାଜଧାନୀରେ ସଂକ୍ରମଣ ଯୋଗୁ ଆଜିଠୁ ରାଜଧାନୀରେ କଟକଣା କଡ଼ାକଡ଼ି ହେବ। ସାମାଜିକ ଦୂରତ୍ୱ ଓ ମାସ୍କ ପିନ୍ଧିବା ଉପରେ ଗୁରୁତ୍ୱ ଦିଆଯିବ। ଯେଉଁମାନେ ନିୟମ ଭାଙ୍ଗିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ବନ୍ଧୁକ ସହ ୩ ଜଣ ଡକାୟତ ଗିରଫ

ଭଦ୍ରକ, ୧/୭ (ହି.ସ.) - ଏକ ବଡଧରଣର ଡକାୟତି ଉଦ୍ୟମ ଯୋଜନା ହୋଇଛି ପଣ୍ଡ। ୧୬ନଂ ଜାତୀୟ ରାଜପଥ ଡାହାଣୀଗଡିଆ ନିକଟରେ ୩ ଜଣ ଡକାୟତଙ୍କୁ ଟାଉନ୍ ଥାନା ପୁଲିସ୍ ଗିରଫ କରିଛି। ତେବେ ଅନ୍ୟ ୨ ଜଣ ଡକାୟତ ଫେରାର ହୋଇଯାଇଥିବା ପୁଲିସ୍ ସୂଚନା ଦେଇଛି। ଭଦ୍ରକ ଟାଉନ୍ ପୁଲିସ୍ ଗତକାଲି ବିଳମ୍ବିତ ରାତିରେ କୌଣସି ସୂତ୍ରରୁ ଖବର ପାଇ ପାଟ୍ରୋଲିଂ କରୁଥିବାବେଳେ ଡକାୟତି ଯୋଜନା କରୁଥିବା ସନ୍ଦେହ କରି ପୁଲିସ୍ ଏମାନଙ୍କୁ କାବୁ କରିଥିଲା। ଏମାନଙ୍କ ନିକଟରୁ ଗୋଟିଏ ବନ୍ଧୁକ ସହ ୪ଟି ମୋବାଇଲ୍, ୨ଟି ମୋଟର ସାଇକେଲ୍ ଜବତ କରିଛି ପୁଲିସ୍। ଗିରଫ ହୋଇଥିବା ଡକାୟତ ହେଉଛନ୍ତି ପ୍ରଦୀପ ସେଠୀ, ତପନ ଦଳାଇ, ପାଗୁଲୁ ସେଠୀ। ଫେରାର ଥିବା ଦୁଇଜଣ ଡକାୟତଙ୍କୁ ଧରିବା ପାଇଁ ଟାଉନ୍ ଥାନା ପୁଲିସ୍ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି। ଖୁବଶୀଘ୍ର ସେମାନଙ୍କୁ ଧରାଯିବା ସହ ଏମାନଙ୍କର ଅପରାଧିକ ମାମଲା ସଂପର୍କରେ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଛି ବୋଲି ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡା କହିଛନ୍ତି।

# ଝୁଲନ୍ତା ଅବସ୍ଥାରେ ମୃତ ଦେହ ଉଦ୍ଧାର




ବାରିପଦା, ୦୧/୭ (ନି.ପ୍ର): ଝୁଲନ୍ତା ଅବସ୍ଥାରେ ବ୍ୟକ୍ତିଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚୌରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ମୃତ ଶରୀର ଠାବ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଲୋକମାନେ ସକାଳ ସମୟରେ ସ୍କୁଲ ପରିସର ଭିତରେ ଜଣେ ଅଜଣା ଯୁବକର ଝୁଲନ୍ତା ମୃତ ଦେହ ଦେଖିଥିଲେ। ଏହାପରେ ସେମାନେ ଏ ସମ୍ପର୍କରେ ବାରିପଦା ଟାଉନ୍ ଥାନାକୁ ଖବର ଦେଇଥିଲେ। ସ୍ଥାନୀୟ ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଥିଲା। ମୃତ ବ୍ୟକ୍ତି ଜଣଙ୍କ କରତବସା ଅଂଚଳର ସୁନା ସିଂଙ୍କ ପୁଅ ପଣ୍ଡା ସିଂ(୪୫) ବୋଲି ପ୍ରାଥମିକ ତଦନ୍ତରୁ ଜଣା ପଡିଥିଲା। ସେ ଦିନମଜୁରିଆ କରି ଜୀବନ ଜୀବିକା ନିର୍ବାହ କରନ୍ତି। ଘରେ ପରିବାରରେ ୫ଜଣ ପୁଅ ଓ ସ୍ତ୍ରୀ ଅଛନ୍ତି। ଆଗରୁ ଏମିତି ଘର ଛାଡ଼ି ଯିବାର ପ୍ରକାଶ କରିଛନ୍ତ ମୃତକଙ୍କ ସ୍ତ୍ରୀ ବତୀ ସିଂ। ଏଥି ସହିତ ମୃତ ବ୍ୟକ୍ତିକୁ କେହି ମାରି ଟାଙ୍ଗି ଦେଇଥିବାର ଅଭିଯୋଗ କରିଛନ୍ତି ମୃତକଙ୍କ ବଡ଼ ପୁଅ ମଙ୍ଗଳ ସିଂ। ମୃତକଙ୍କର ପାଦ ତଳେ ଲାଗିଥିବା ହେତୁ ତାଙ୍କୁ ହତ୍ୟା କରାଯାଉଥିବାର ମଧ୍ୟ ସ୍ଥାନୀୟରେ ସନ୍ଦେହ କରାଯାଉଛି। ଏନେଇ ପୁଲିସ ୮୧/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।ଶବ ବ୍ୟବଚ୍ଛେଦ ରପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହେବ ବୋଲି ଟାଉନ ଥାନାଧିକାରୀ ବିରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

# ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଜୟପୁର, ୦୧/୭ (ନି.ପ୍ର): ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପ୍ରତିବାଦରେ କୋରାପୁଟ ଜିଲା ସିପିଆଇ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜୟପୁର ଦେଇଯାଇଥିବା ଜୀତୟ ରାଜପଥ ଶ୍ରମିକ ଭବନ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛି ସିପିଆଇ । ସିପିଆଇ ତତଫରୁ ଅଭିଯୋଗ କରାଯାଇଛି ଯେ, କୋରନା ଭୟ ସହିତ କେନ୍ଦ୍ର ସରକାରଙ୍କ ଯୋଜନାହୀନ ଏକତରଫା ଅଚାନକ ଲକ୍ ଡାଉନ ଯୋଗୁଁ ଦେଶ ବ୍ୟାପି ସାଧାରଣ ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଦର ଲିଟର ପିଛା ୮୦ ଟଙ୍କା ହେଲାଣି । ଏଭଳି ଦର ବୃଦ୍ଧି ଲାଗି ରହିଲେ ଖୁବ ଶିଘ୍ର ଶହେ ଟଙ୍କାରେ ପହଂଚିବ । ସେଭଳି ୧୯୫୫ ଭାରତୀୟ ଅତ୍ୟାବଶ୍ୟକିୟ ସାମଗ୍ରୀ ଆଇନକୁ ଅକାମି କରିବାଦେବା ଫଳରେ ଆଳୁ ପିଆଜ, ଡାଲି, ତେଲ ଅତ୍ୟବଷକିୟ ସାମଗ୍ରୀ ଦରକୁ ଅସାଧୁ ବ୍ୟବସାୟି ମାନେ ଅହେତୁକ ଭାବେ ବୃଦ୍ଧିକରି ଚାଲିଛନ୍ତି । ଅନ୍ତର୍ଜାତିୟ ବଜାରରେ ଅଶୋଧିତ ତୈଳ ଦର ଯଥେଷ୍ଟ କମିଥିଲେ ସୁଦ୍ଧା ଦେଶରେ ତୈଳ କମ୍ପାନି ମାନଙ୍କ ମୁନାଫା ବୃଦ୍ଧି ଓ କେନ୍ଦ୍ର ସରକାର ଅର୍ଥ ଭଣ୍ଡାର ଭରଣା ନିମନ୍ତେ କେନ୍ଦ୍ରର ଭାଜପା ସରକାର ଅବକାରି ଶୁଳ୍କ ଓ ରାଜ୍ୟର ବିଜେଡି ସରକାର ଭାଟ ଟିକସ ବୃଦ୍ଧି ଯୋଗୁଁ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ଇତି ମଧ୍ୟରେ ଡିଜେଲ ଦର ଲିଟର ପିଛା ୧୦ ଟଙ୍କାରୁ ଅଧିକ ଓ ପେଟ୍ରୋଲ ଦର ଲିଟର ପିଛା ୮ ଟଙ୍କାରୁ ଅଧିକ ବୃଦ୍ଧି ପାଇଛି । ଏଥି ସହିତ ୪ ମାସରୁ ଅଧିକ ସମୟ ଧରି ଦେଶ ବ୍ୟାପୀ ଲକ୍ ଡାଉନ ଯୋଗୁଁ ତୈଳ ବ୍ୟବହାର ଯଥେଷ୍ଟ କମିଛି । ସେହି କ୍ଷତିକୁ ଭରଣା କରିବା ପାଇଁ ସାଧାରଣ ଲୋକଙ୍କ ଉପରେ ବୋଝ ଲଦି ଦେବା ପାଇଁ ତୈଳ ଦର ବୃଦ୍ଧି କରାଯାଉଛି। ଏପରି ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାର ଅବକାରୀ ଶୁଳ୍କ ଓ ଭାଟ ଟିକସ ହ୍ରାସ କରି ତୈଳଦର କମାଇବା ସଙ୍ଗେ ସଙ୍ଗେ ଲକ୍ ଡାଉନ ଯୋଗୁଁ ହନ୍ତସନ୍ତ ହେଉଥିବା ସାଧାରଣ ଲୋକଙ୍କୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପରିବାର ମୁଣ୍ଡପିଛା ୧୦ କେଜି ଚାଉଳ, ଗହମ, ମାଗଣାରେ ଯୋଗାଇବାକୁ ବାମବନ୍ଥୀଦଳ ମାନେ ଦାବୀ କରିଥିଲେ। ଏହି ବିକ୍ଷୋଭରେ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ମହାନ୍ତି, ଜିଲା ସହ ସମ୍ପାଦକ ରାମ କୃଷ୍ଣ ଦାସ, ଗୁରୁ ଖରା, କେଶବ ନାଗ, ସୁଦର୍ଶନ ବିଷୋଇ, ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ଫୁଡ୍ ନିଓଫୋବିୟା



ନୂତନ ବ୍ୟଞ୍ଜନ ସମ୍ବନ୍ଧିତ ଡର (ଫୁଡ୍ ନିଓଫୋବିୟା) କୌଣସି ବ୍ୟକ୍ତିର ଖାଦ୍ୟ ପୋଷଣର ଗୁଣ ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏହା ହୃଦୟରୋଗ ଏବଂ ମଧୁମେହ ଟାଇପ୍-୨ ଜୀବନଶୈଳୀ ସହିତ ଯୋଡ଼ି ହୋଇଥିବା। ରୋଗ ମଧ୍ୟ ଉତ୍ପନ୍ନ କରେ। ଫୁଡ୍ ନିଓଫୋବିୟା ଖାଦ୍ୟ ସମ୍ବନ୍ଧୀୟ ଏପରି ଏକ ବିକାର ଯାହା ବ୍ୟକ୍ତିର ନୂତନ ପ୍ରକାରର ଖାଦ୍ୟକୁ ଖାଇବା ବା ଚାଖିବା ପାଇଁ ଆଗ୍ରହକୁ ଶେଷ କରିଦିଏ। ଫିନ୍‌ଲ୍ୟାଣ୍ଡ ସ୍ଥିତ ହେଲସିଙ୍କି ବିଶ୍ୱ ବିଦ୍ୟାଳୟ ଓ ଏସ୍ତୋନିଆ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ କର୍ତ୍ତାଙ୍କ ଅନୁସାରେ ଆହାର ଗୁଣବତ୍ତା, ଜୀବନଶୈଳୀ ସମ୍ବନ୍ଧିତ ରୋଗ ଓ ଆଶଙ୍କା ଉପରେ ଖାଦ୍ୟପେୟ, ସମ୍ବନ୍ଧୀୟ ବ୍ୟବହାରର ସ୍ୱତନ୍ତ୍ର ପ୍ରଭାବର ଅଧ୍ୟୟନ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ବିବିଧ ଏବଂ ସୁସ୍ଥ ଆହାର ଗ୍ରହଣ କରୁଥିବା ବ୍ୟକ୍ତିର ସ୍ୱାସ୍ଥ୍ୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ସାତ ବର୍ଷ ପର୍ଯ୍ୟନ୍ତ ଚାଲୁଥିବା ଅଧ୍ୟୟନ କାର୍ଯ୍ୟକ୍ରମରେ ୨୫ରୁ ୭୪ ବର୍ଷ ବୟସରେ ଲୋକମାନଙ୍କୁ ସାମିଲ୍ କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ 'ଫୁଡ୍ ନିୟୋଫୋବିୟା' ୭% ପ୍ରତିଶତ ମାମଲାରେ ଆନୁବଂଶିକ ହୋଇଥାଏ। ଏହା ହୃଦୟ ରୋଗ ଓ ମଧୁମେହ ଟାଇପ୍-୨ ଜୀବନଶୈଳୀ ସହିତ ଯୋଡ଼ି ହୋଇଥିବା ଆଶଙ୍କା ଉତ୍ପନ୍ନ କରିଥାଏ। ଏହି ବିକାର ପିଲାମାନଙ୍କ ଓ ବୟସ୍କମାନଙ୍କ ମଧ୍ୟରେ ସାଧାରଣତଃ ଦେଖାଯାଇଥାଏ।

## ଅଙ୍ଗୁରର ଉପାଦେୟତା

- ମାଇଗ୍ରେନ ରୋଗୀ ନିୟମିତ ଅଙ୍ଗୁର ଖାଇଲେ ସେମାନଙ୍କୁ ଆରାମ ମିଳେ
- ବାରମ୍ବାର ବାନ୍ତି ଲାଗିଲେ କିମ୍ବା ଅରୁଚି ଲାଗିଲେ ଏହାର ରସ ଅଳ୍ପ ପରିମାଣରେ ପିଇବା ଲାଭଦାୟକ।
- ପେଟ ଗରମ ରହିଲେ ରାତିରେ ୫-୧୦ଟି ଅଙ୍ଗୁର ପାଣିରେ ବତୁରାଇ ରଖନ୍ତୁ। ସକାଳ ତାହାକୁ ଚକଟି ଏକ ଚାମଚ ଚିନି ସହ ଖାଆନ୍ତୁ।
- ସ୍ତନ କର୍କଟ ରୋଗରୁ ରକ୍ଷା ପାଇଁ ଏହା ଏକ ଉତ୍ତମ ଫଳ।
- ଛୋଟ ପିଲାଙ୍କୁ ଅଙ୍ଗୁର ଖୁଆଇଲେ, ସେମାନଙ୍କ ବୃଦ୍ଧି ବିକଶିତ ହୁଏ।
- ଯୁବତୀମାନେ ଅଙ୍ଗୁର ରସକୁ ବେସନ ସହ ମିଶାଇ ଲଗାଇଲେ ରଙ୍ଗ ସଫା ହୋଇଥାଏ।
- ଏଥିରେ ଭିଟାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ସେଥିପାଇଁ ଏହାକୁ ଖାଇଲେ ଭୋକ ବଢ଼େ।



ନିକଟରେ ଭାରତୀୟ ଗବେଷକ ଅଙ୍ଗୁର ଫଳର ଉପକାରୀ ଗୁଣ ପ୍ରକାଶ କରିଛନ୍ତି।



## ଡାଇନୋସର ଲୋପପାଇବା ପଛର ଘଟଣା

୬୫ ନିୟୁତ ବର୍ଷ ପୂର୍ବରୁ ଘଟଣା ସମ୍ପର୍କରେ ଗବେଷକଦଳ ଏକ ତଥ୍ୟ ପ୍ରକାଶ କରିଛନ୍ତି। ଡାଇନୋସରଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଏକ ରୋଚକ ତଥ୍ୟ ଜଣାପଡ଼ିଛି। ଏହି ବୃହତକାୟ ଜୀବଟି ଅତ୍ୟଧିକ ଥଣ୍ଡା କାରଣରୁ ଲୋପ ପାଇଛି। ଡାଇନୋସରଙ୍କ ଜୀବାଶ୍ମକୁ ଅନେକ ପରୀକ୍ଷା କରିବା ପରେ ଏହି ତଥ୍ୟ ପଦାକୁ ଆସିଛି। ପ୍ରାୟ ୭ଟି ଡାଇନୋସରଙ୍କ ଜୀବାଶ୍ମର ପରୀକ୍ଷାରୁ ସମାନ ତଥ୍ୟ ଜଣାପଡ଼ିଲା। ଆମେରିକୀୟ ୱେବସାଇଟ ଏ ସଂକ୍ରାନ୍ତୀୟ ଅଧିକ ଖବର ଯଥାଶୀଘ୍ର ପ୍ରକାଶ କରିବ।

## ମହିଳାଙ୍କ ସ୍ୱାସ୍ଥ୍ୟ

ପ୍ରତ୍ୟେକ ପରିବାରରେ ମହିଳାଙ୍କ ଦାୟିତ୍ୱ ସବୁଠୁ ଅଧିକ, ଏହି ତଥ୍ୟକୁ ଆମେ ସ୍ୱୀକାର ନକଲେ ମଧ୍ୟ ଏହା ନିରାଟ ସତ। ଏକବିଂଶ ଶତାବ୍ଦୀରେ ମହିଳାମାନେ କର୍ମଚଂଚଳ ହେବା ସହ ଅଧିକ ଦାୟିତ୍ୱବାନ ଓ ସଚେତନ ହୋଇପଡ଼ିଛନ୍ତି। ଫଳରେ କର୍ମଜୀବୀ ମହିଳାଙ୍କୁ 'ମଲ୍ଟିଟାସ୍କର' ଭାବେ ଜଣାଯାଏ। ପରିବାର କଥା ହେଉ ଅବା ଅନ୍ୟ କିଛି ବିଷୟ ସବୁ ବାବଦରେ ସେମାନେ ଚିନ୍ତିତ ରହିଥାନ୍ତି। ନିକଟରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରାୟ ୫୧%ରୁ ଅଧିକ ମହିଳା ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହା ପଛର କାରଣ ହେଲା ସେମାନଙ୍କୁ ପର୍ଯ୍ୟାପ୍ତ ବିଶ୍ରାମ ମିଳୁନାହିଁ। ମହିଳାଙ୍କ ମସ୍ତିଷ୍କକୁ ବିଶ୍ରାମ ମିଳିବା ନିତାନ୍ତ ଜରୁରୀ ହୋଇପଡ଼ିଛି। ଆମେରିକୀୟ ଗବେଷକଙ୍କ ମତରେ ରବିବାର ଛୁଟିର ପ୍ଲାନିଂ କରୁଥିବାବେଳେ ମହିଳାମାନେ କିଛୁ ବିଶ୍ରାମ ପାଆନ୍ତି ନାହିଁ। ଏଣୁ ପ୍ରଥମେ ପରିବାରର ଲୋକେ ହିଁ ମହିଳାଙ୍କ ପ୍ରତି ସଚେତନ ହେବା ଜରୁରୀ ଅଟେ।

## ପୁଣିଥରେ ଟାଇଟାନିକ୍



ଟାଇଟାନିକ୍ ଜାହାଜର ନାମ ଶୁଣିଲେ ଲୋକଙ୍କ ମନ ଭିତରେ ଭୟ ଆସିଥାଏ। ଟାଇଟାନିକ୍ ଫିଲ୍ମ ବିଷୟରେ ଆପଣ ଜାଣିଥିବେ, ଏହାକୁ ମଧ୍ୟ ଦେଖିଥିବେ, ଏହି ଜାହାଜ ବୁଡ଼ିବାର କାରଣ କଣ ଥିଲା ଓ କିପରି ଏହା ବୁଡ଼ିଥିଲା ତାହା ଏହି ଫିଲ୍ମର ଦେଖିବାକୁ ମିଳିଥିଲା। ଏଥିରେ ଥିବା ହଜାର ହଜାର ଲୋକଙ୍କର ପ୍ରାଣ ଚାଲିଯାଇଥିଲା। ଏହି ଜାହାଜ ସେ ସମୟରେ ସବୁଠାରୁ ବଡ଼ ଜାହାଜ ଥିଲା। ସେତେବେଳେ କୁହାଯାଉଥିଲା ଯେ ଏହି ଜାହାଜ କେବେ ମଧ୍ୟ ବୁଡ଼ିବ ନାହିଁ। ଆଜି ଲୋକମାନଙ୍କୁ ପୁଣିଥରେ ଟାଇଟାନିକ୍‌ରେ ଯିବାକୁ ଇଚ୍ଛା ହେବ କାରଣ ନିକଟରେ ଏକ ଜାହାଜର ନିର୍ମାଣ ହୋଇଛି ଓ ଯାତ୍ରା କରିବାକୁ ପୂରା ପ୍ରସ୍ତୁତ ରହିଛି। ଏହାର ଭିତରର ଡିଜାଇନ୍ ମଧ୍ୟ ପୂର୍ବ ଜାହାଜ ଭଳି ହୋଇଛି। ଏହାକୁ ଦେଖି ଲୋକମାନେ ରୋଜ ଓ ଜ୍ୟାକଙ୍କର କାହାଣୀ ମଧ୍ୟ ମନେ ପକେଇବେ। ଯଦି କେହି ଟାଇଟାନିକ୍‌ର ଦୁର୍ଘଟଣାରୁ ବଂଚିଥିବେ ସେ ମଧ୍ୟ ଦେଖି ଭାବିବେ ଯଦି ସେତେବେଳେ ଏହି ଦୁର୍ଘଟଣା ଘଟିନଥାନ୍ତା ତେବେ ଭଲ ହୋଇଥାନ୍ତା। ଆଜି ପୁଣି ଥରେ ଏହି ଟାଇଟାନିକ୍ ପୂର୍ବ ସ୍ମୃତିକୁ ତାଜା କରିଛି।

## ସମୟରେ ଖାଇ ସୁସ୍ଥ ରହନ୍ତୁ



ଖାଇବା ଓ ଶୋଇବା ସମୟ ଠିକ୍ ରଖିବା ଉଚିତ୍। ଏହି ଜାଣି ମଧ୍ୟ ଅଧିକାଂଶ ଲୋକ ଏସବୁ ପ୍ରତି ଆଦୌ ଧ୍ୟାନ ଦେଇନଥାନ୍ତି। ଏହି ପ୍ରସଙ୍ଗ ଉପରେ ୱାଶିଂଟନ ବିଶ୍ୱବିଦ୍ୟାଳୟର ଗବେଷକଗଣ ୫ ବର୍ଷ ଅନୁଧ୍ୟାନ କରିବା ପରେ ସିଦ୍ଧାନ୍ତରେ ପହଂଚିଛନ୍ତି। ସେମାନଙ୍କ ମତରେ ଜଣେ ଠିକ୍ ସମୟରେ ଖାଇଲେ, ତାହା ତାଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଇଥାଏ। ଏହି ଗବେଷଣାରେ ୧ ହଜାର ଲୋକ ଭାଗ ନେଇଥିଲେ। ସେମାନଙ୍କୁ ନିୟମିତ ଠିକ୍ ସମୟରେ ଭୋଜନ କରିବା ପାଇଁ ଉପଦେଶ ଦିଆଗଲା। ପ୍ରାୟ ୫୫ ଶତକଡ଼ା ଲୋକେ ଏହାକୁ ପାଳନ କରିଥିଲେ। ସେମାନଙ୍କ ଜୀବନଶୈଳୀ ବେଶ୍ ଲାଭ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥିଲାବେଳେ ଅନ୍ୟମାନେ ଏହି ୫ ବର୍ଷ ମଧରେ ରୋଗ ଭୋଗିଥିଲେ। ସାନ୍‌ଡିଆଗୋ ବିଶ୍ୱବିଦ୍ୟାଳୟର ଗବେଷକ ମଧ୍ୟ ସମାନ ତଥ୍ୟ ପ୍ରକାଶ କରିଛନ୍ତି। କର୍ମଜୀବୀ ଲୋକ ସାଧାରଣତଃ ନିଜ ଖାଦ୍ୟପେୟ ଉପରେ ଧ୍ୟାନ ଦିଅନ୍ତି ନାହିଁ। ଖାଇବାର ସମୟ କିମ୍ବା ପରିମାଣ କିଛି ମଧ୍ୟ ଠିକ୍ ନଥିବା ଲୋକେ ଶୀଘ୍ର ରୋଗଗ୍ରସ୍ତ ହୋଇଥାନ୍ତି ବୋଲି ଗବେଷଣାରୁ ଜଣାପଡ଼ିଛି।

## ନୂଆ ଧରଣର ବ୍ୟବସାୟିକ ଆଲୋଚନା



ପ୍ରତ୍ୟେକ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ନିୟମିତ ଭାବେ ମିଟିଂ ହେବା ଏକ ସାଧାରଣ ପ୍ରସଙ୍ଗ । ବଡ଼ ବଡ଼ ହଲ ଏଥିନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥାଏ । ତେବେ ଏକବିଂଶ ଶତାବ୍ଦୀରେ ଏଇ ମିଟିଂ ହେବାର ଢ଼ାଞ୍ଚା ବଦଳିଛି । ବିଶ୍ୱସ୍ତରରେ ପରିଚିତ ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ ଗେଟସ, ଫେସବୁକର ସହ-ପ୍ରତଷ୍ଠାତା ମାର୍କ ଜୁକରବର୍ଗ ନିଜ ସାଥି କର୍ମଚାରୀଙ୍କ ସହ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଲିବୁଲି ମିଟିଂ କରିଥାନ୍ତି । ନିଜେ ମାର୍କ ଏଇ ତଥ୍ୟ ଫେସବୁକରେ ଉଲ୍ଲେଖ କରିଥିବାବେଳେ ବିଲ ଗେଯସ ମଧ ଏହା କହିଛନ୍ତି । ବିଲଙ୍କ ମତରେ ସେ କାର୍ଯ୍ୟାଳୟ ସମ୍ମୁଖ ବଗିଚରେ ବୁଲିବୁଲି ସାଥିମାନଙ୍କ ସହ ଆଲୋଚନା କରନ୍ତି । ଏଇ ପ୍ରକ୍ରିୟା ତାଙ୍କୁ ଖୁବ୍ ମଜାଦାର ଲାଗେ । ଏହା ସହ ଚାଲିବା ସମରେ ସେ ବିଭିନ୍ନ ନୂତନ ତଥ୍ୟର ଶୁଭାରମ୍ଭ କରିପାରିଛନ୍ତି । ମାର୍କଙ୍କ ମତରେ କୌଣସି ଏକ ସ୍ଥାନରେ ବସି ମିଟିଂ କରିବାର ଅର୍ଥ ସାଥି କମଚାରୀଙ୍କୁ ବାଧ କରିବା ଯେ ଯାହା ସେ କହୁଛନ୍ତି, ସେମାନେ ଶୁଣିବାକୁ ବାଧ । ଏହା ସହ ସେ ବିଲ ଗେଟସଙ୍କ ସଂସ୍ପର୍ଶରେ ଆସିବା ପରେ ଏଇ ଚଲାବୁଲା ମିଟିଂ ବିଷୟରେ ସେ ଅବଗତ ହୋଇ ତୁରନ୍ତ କାର୍ଯ୍ୟକାରୀ କରିଥିଲେ । ଗବେଷକଙ୍କ ମତରେ ଚାଲିବା ସମୟରେ ଆମ ଶରୀରରୁ ଶକ୍ତି ଉତ୍ପନ୍ନ ହେବା ସହ ମସ୍ତିଷ୍କକୁ ମଧ ଶକ୍ତି ମିଳେ, ଯାହା ଦ୍ୱାରା ମନରେ ନୂତନ ଚିନ୍ତାଧାରା ସୃଷ୍ଟି ହୋଇଥାଏ ଏହା ସହ ଚଲାବୁଲା ମିଟିଂରେ ଅତିବେଶୀରେ ୪-୪ ଜଣ ଏକତ୍ର ହୋଇ କଥାବାର୍ତ୍ତା କରିପାରନ୍ତି । ଏଇ ପ୍ରକ୍ରିୟାଟି ଖୁବ୍ ମଜାଦାର ଲାଗୁଥିବାରୁ ସମସ୍ତେ ଏଇ ନୂତନ ପ୍ରକ୍ରିୟାକୁ ଆପଣାଉଛନ୍ତି ।

## ବାଦୁଡ଼ିଙ୍କୁ ପୂଜା କରୁଥିବା ଗ୍ରାମ

ଏମିତି ତ ଆପଣ ବାଦୁଡ଼ି ଦେଖିଥିବେ। କିନ୍ତୁ ବିହାରର ବୈଶାଳୀ ଜିଲ୍ଲାରେ ରାଜାପାକର ପ୍ରଖଣ୍ଡରେ ସରସଇ ଗାଁରେ ନା କେବଳ ବାଦୁଡ଼ିମାନଙ୍କର ପୂଜା ହୁଏ, ସେଠାରେ ଲୋକମାନେ ମଧ୍ୟ ମାନନ୍ତି ଯେ ବାଦୁଡ଼ିମାନେ ସେମାନଙ୍କର ରକ୍ଷା ମଧ୍ୟ କରୁଛନ୍ତି। ଏହି ବାଦୁଡ଼ିମାନଙ୍କୁ ଦେଖିବାକୁ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗି ରହୁଛି। ଏଠାରେ ଲୋକମାନେ ସେମାନଙ୍କୁ ସମୃଦ୍ଧିର ପ୍ରତୀକଦେବୀ ଲକ୍ଷ୍ମୀ ଭାବରେ ମାନନ୍ତି। ଏହି ବାଦୁଡ଼ିମାନେ ଏଠାରୁ କେବେଠାରୁ ଅଛନ୍ତି ଏହା କେହି ଜାଣିନାହାଁନ୍ତି। ଗ୍ରାମର ସରପଂଚ ଓ ଅନ୍ୟ ଲୋକଙ୍କ ମନରେ ଗାଁର ଏକ ପ୍ରାଚୀନ ପୋଖରୀ ପାଖରେ ଥିବା ଅଶ୍ୱବତ୍, ସେମର ତଥା ବଖୁଆ ଗଛରେ ଏହି ବାଦୁଡ଼ିମାନଙ୍କର ବସା ରହିଛି। ରାତିରେ ଏହି ପୋଖରୀ ପାଖକୁ କୌଣସି ବ୍ୟକ୍ତି ଗଲେ ଏହି ବାଦୁଡ଼ିମାନେ ଚିତ୍କାର କରନ୍ତି। ଜନଶ୍ରୁତି ଅନୁସାରେ ମଧ୍ୟକାଳରେ ବୈଶାଳୀରେ ମହାମାରୀ ବ୍ୟାପି ଥିବା ସମୟରେ ଅନେକ ଲୋକଙ୍କର ଗ୍ରାମ ଚାଲିଯାଇଥିଲା। ସେତେବେଳେ ଏଠାକୁ ବଡ଼ ସଂଖ୍ୟାରେ ବାଦୁଡ଼ିମାନେ ଆସିଥିଲେ। ସେମାନଙ୍କର ଆସିବା ପରେ ସେଠାରେ କୌଣସି ପ୍ରକାରର ମହାମାରୀ କେବେ ମଧ୍ୟ ହୋଇନାହିଁ। ଏହି କ୍ଷେତ୍ରକୁ ପର୍ଯ୍ୟଟନସ୍ଥଳ ଭାବରେ ବିକସିତ କରିବାପାଇଁ ୧୫ ବର୍ଷ ହେଲା ପ୍ରୟାସ କରାଯାଉଛି କିନ୍ତୁ ସ୍ଥିତିର କୌଣସି ସୁଧାର ହୋଇପାରୁନାହିଁ।



## ମାନସିକ ସ୍ଥିତି ଜଣାଇବ ନୂଆ ଆପ୍

ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପାଇଁ ଏବେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଆପ୍ ବାହାରିଲାଣି। ଏଇ ନିକଟରେ ମେରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଗବେଷକଗଣ ଏହି ତଥ୍ୟ ପ୍ରକାଶ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଅନେକ ଲୋକଙ୍କୁ ସାହାଯ୍ୟ କରିବ। ଏହି ଆପଟି କାର୍ଯ୍ୟକାରୀ ହେବାମାତ୍ରେ ସର୍ବପ୍ରଥମେ ବ୍ୟକ୍ତିର ସ୍ୱରକୁ ଠଉରାଇବ। ସ୍ୱରକୁ ଲକ୍ଷ୍ୟ କରି ଏହା ତୁରନ୍ତ ମତାମତ ଦେବ ଯେ ବର୍ତ୍ତମାନ ବ୍ୟକ୍ତିଜଣକର ମାନସିକ ସ୍ଥିତି କିଭଳି ଅଛି ? ଗବେଷକଗଣ ୧୦୦ ଜଣ ବ୍ୟକ୍ତିଙ୍କୁ ନେଇ ୬ ସପ୍ତାହ ଧରି ଏହି ପରୀକ୍ଷଣ ଚଳାଇଲେ। ଫଳାଫଳ ଏକଦମ୍ ଉତ୍ତମ ଆସିଛି ବୋଲି ମତ ମିଳିଛି। ଆସନ୍ତା ସପ୍ତାହରେ ଆମେରିକା ବାସିନ୍ଦା ଏଡି ଆପ୍ ବ୍ୟବହାର କରିବାର ସୁଯୋଗ ପାଇବେ। ଗବେଷକଙ୍କ ମତରେ ଯଦି କୌଣସି ବ୍ୟକ୍ତି ମିଛରେ ଅଭିନୟ କରି ସ୍ୱର ବଦଳାଇବାକୁ ଚେଷ୍ଟା କରିବ, ତେବେ ଆପ୍ ସେଭଳି ପରିସ୍ଥିତିରେ କାର୍ଯ୍ୟ କରିବ ନାହିଁ। ଜାପାନରେ କିଛି ମାସ ପୂର୍ବେ ସ୍ୱର ଚିହ୍ନଟକାରୀ ଆପ୍ ବଜାରକୁ ଆସିଥିଲା। ସେଠାରେ ସେହି ଆପ୍ ଅତ୍ୟନ୍ତ ଲୋକପ୍ରିୟ ମଧ୍ୟ ହୋଇଛି। ଆମେରିକୀୟ ଲୋକ ବେଶ୍ ଉତ୍ସୁକତାର ସହ ଏହି ଆପ୍ ବ୍ୟବହାର କରିବେ ବୋଲି ଚାହିଁବସିଛନ୍ତି। ଜଣେ ବ୍ୟକ୍ତି ଖୁସି ମିଜାଜରେ ଅଛି କିମ୍ବା ମନ ଦୁଃଖରେ ଅଛି, ଆପ୍ କେବଳ ତାହା ହିଁ ଜଣାଇବ।





## ମନ୍ତ୍ରଜପର ମାହାତ୍ମ୍ୟ

ପୂଜା-ଆରାଧନା ସମୟରେ ମନ୍ତ୍ର ଜପିବା ଏକ ପାରମ୍ପରିକ ତଥା ଆଧ୍ୟାତ୍ମିକ ହିନ୍ଦୁ ବିଧି । ମନ୍ତ୍ରଗୁଡ଼ିକରେ ଭଗବାନଙ୍କର ବିଭିନ୍ନ ଅବତାର, ଲୀଳା ଓ ଗୁଣକୀର୍ତ୍ତନ ବର୍ଣ୍ଣିତ । ମନ୍ତ୍ରଗୁଡ଼ିକ କେତେଗୁଡ଼ିଏ ଅକ୍ଷର ସଂଯୋଗରେ ସୃଷ୍ଟି ହୋଇଥିଲେ ହେଁ, ଜପ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନି- ତରଙ୍ଗ ଭକ୍ତ ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରାଉଥିବା ବିଶ୍ୱାସ ଶୁଦ୍ଧ-ପୂତ ଶରୀର ଓ ଏକାଗ୍ର ଚିତ୍ତରେ ମନ୍ତ୍ର ଜପ ବା ଗାନ ଦ୍ୱାରା ମନରେ ଭକ୍ତିଭାବ ଆସେ । ଏହା ଅନ୍ତର ମଧ୍ୟରେ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ କରାଏ । ଭଗବାନଙ୍କର ଆରାଧନା ସମୟରେ ବ୍ୟକ୍ତିଙ୍କୁ ପ୍ରଭୁଙ୍କ ଲୀଳା ଚିନ୍ତନରେ ବୁଡ଼ି ରହିବାକୁ ପ୍ରେରଣା ଦିଏ । ନିୟମିତ ମନ୍ତ୍ର ଜପ ଦ୍ୱାରା ସଂସାରର ସମସ୍ତ ମାୟା, ମୋହ ସାଂସାରିକ ମଣିଷ ଠାରୁ ଦୂରେଇ ରଖିବାରେ ସହାୟକ ହେଉଥିବା କୁହାଯାଏ । ମନ୍ତ୍ରପାଠ ହେଉଥିବାବେଳେ ଆଖପାଖର ବାତାବରଣ ଆଧ୍ୟାତ୍ମିକତାରେ ପୂରି ଉଠେ । ଏହାଦ୍ୱାରା କେବଳ ମନ୍ତ୍ର ଗାନ କରୁଥିବା ବ୍ୟକ୍ତି ନୁହନ୍ତି, ମନ୍ତ୍ର ଶ୍ରବଣ କରୁଥିବା ଲୋକେ ମଧ ଆଧ୍ୟାତ୍ମିକତାର ସନ୍ଦେଶ ପାଆନ୍ତି । ଗଭୀର ନିଷ୍ଠା ଓ ଆସ୍ଥାର ସହ ମନ୍ତ୍ର ଜପ କଲେ ଭଗବତ୍ ପ୍ରାପ୍ତି ହେଉଥିବା ବିଶ୍ୱାସ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ଅନ୍ଧକାର...

କୋଭିଡ୍-୧୯ ମହାମାରୀ ଯୋଗୁଁ ଜୀବନ, ଜୀବିକା, ଅର୍ଥନୀତି ପରେ ଆଉ ଯେଉଁ କ୍ଷେତ୍ର ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି, ତାହା ହେଉଛି ଶିକ୍ଷା ବ୍ୟବସ୍ଥା । ଭାରତରେ ଦୁର୍ଗମ ରାସ୍ତାଘାଟ, ଆତ୍ୟାବଶ୍ୟକ ଭିତ୍ତିଭୂମି ଓ ଶିକ୍ଷକ ସମ୍ବଳ ଅଭାବରେ ପ୍ରଭାବିତ ଶିକ୍ଷା ବ୍ୟବସ୍ଥାର ସମସ୍ୟାକୁ ଲକ୍‌ଡାଉନ୍ ପରିସ୍ଥିତି ଆହୁରି ଉତ୍କଟ କରିଛି । ଦଶମ ଓ ଦ୍ୱାଦଶ ଶ୍ରେଣୀରର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଘୁଞ୍ଚି ଘୁଞ୍ଚି ଚାଲିଛି । ଆସନ୍ତା ଶିକ୍ଷାବର୍ଷର ପାଠ୍ୟକ୍ରମକୁ ଚଳାଇ ନେବା ପାଇଁ ଅନ୍‌ଲାଇନ୍ ପାଠ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯାଇଛି, କିନ୍ତୁ ତାହା କେବଳ ଘରୋଇ ଓ ସୂଚନା ପ୍ରଯୁକ୍ତି ସାଧନ ସମ୍ପନ୍ନ ଶିକ୍ଷାନୁଷ୍ଠାନ ଓ ଇଣ୍ଟରନେଟ୍ ସୁବିଧା ଥିବା ସହରାଞ୍ଚଳରେ ସୀମିତି ରହିଯାଇଛି । ଦେଶର ଅଧିକାଂଶ ପିଲା ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି । ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ଦେଶର ଭବିଷ୍ୟତ ରୂପେ କଳ୍ପିତ ପ୍ରାଥମିକ ବିଦ୍ୟାଳୟର କୋଟି କୋଟି ଶିଶୁ । ୟୁନିସେଫ୍‌ର ରିପୋର୍ଟ ଅନୁଯାୟୀ ଲକ୍‌ଡାଉନ୍ ଯୋଗୁଁ ଭାରତରେ ପ୍ରାୟ ୨୪ କୋଟି ୭୦ ଲକ୍ଷ ପ୍ରାଥମିକ ଶ୍ରେଣୀରେ ପଢୁଥିବା ପିଲା ଏବଂ ପ୍ରାୟ ୨ କୋଟି ୮୦ ଲକ୍ଷ

**ୟୁନିସେଫ୍‌ର ରିପୋର୍ଟ ଅନୁଯାୟୀ ଲକ୍‌ଡାଉନ୍ ଯୋଗୁଁ ଭାରତରେ ପ୍ରାୟ ୨୪ କୋଟି ୭୦ ଲକ୍ଷ ପ୍ରାଥମିକ ଶ୍ରେଣୀରେ ପଢୁଥିବା ପିଲା ଏବଂ ପ୍ରାୟ ୨ କୋଟି ୮୦ ଲକ୍ଷ ଅଙ୍ଗନବାଡ଼ିକୁ ଯାଉଥିବା ଶିଶୁଙ୍କ ଶିକ୍ଷା ଆହରଣ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହୋଇଛି । କୋଭିଡ-୧୯ ସଂକ୍ରମଣର ପୂର୍ବରରୁ ପାଠ ଛାଡ଼ିଥିବା ପିଲାଙ୍କୁ ମିଶାଇଲେ ଏହି ସଂଖ୍ୟା ଆହୁରି ଅଧିକ ହେବ । ବିଶେଷ କରି ଗ୍ରାମୀଣ ଭାରତରେ ଝିଅ ପିଲାମାନଙ୍କ ପାଠପଢ଼ା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ।**

ଅଙ୍ଗନବାଡ଼ିକୁ ଯାଉଥିବା ଶିଶୁଙ୍କ ଶିକ୍ଷା ଆହରଣ ପ୍ରକ୍ରିୟା ଗୁରୁତର ପ୍ରଭାବିତ ହୋଇଛି । କୋଭିଡ-୧୯ ସଂକ୍ରମଣର ପୂର୍ବରରୁ ପାଠ ଛାଡ଼ିଥିବା ପିଲାଙ୍କୁ ମିଶାଇଲେ ଏହି ସଂଖ୍ୟା ଆହୁରି ଅଧିକ ହେବ । ବିଶେଷ କରି ଗ୍ରାମୀଣ ଭାରତରେ ଝିଅ ପିଲାମାନଙ୍କ ପାଠପଢ଼ା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଏହାଦ୍ୱାରା ଭାରତରେ ସାମାଜିକ ବୈଷମ୍ୟ ଉତ୍କଟ ହେବ ବୋଲି ୟୁନିସେଫ୍ ସତର୍କ କରାଇ ଦେଇଛି । ପାଠ୍ୟକ୍ରମ ଜାରି ରଖିବା ପାଇଁ ଭାରତର କେନ୍ଦ୍ର ଓ ରାଜ୍ୟ ସରକାରମାନେ ଇଣ୍ଟରନେଟ୍, ରେଡିଓ, ଟିଭି ଜରିଆରେର ନେଇଥିବା ପଦକ୍ଷେପକୁ ୟୁନିସେଫ୍ ରିପୋର୍ଟରେ ପ୍ରଶଂସା କରିଥିଲେ ମଧ ଏହି ସୁବିଧା କେବଳ ଦେଶର ୨୪% ପରିବାର ପାଖରେ ପହଞ୍ଚିପାରିଛି ବୋଲି ସେଥିରେ ଉଲ୍ଲେଖ ଅଛି । ତେଣୁ କୋଭିଡ୍-୧୯ ସହର-ଗ୍ରାମାଞ୍ଚଳ ଏବଂ ପୁଅ-ଝିଅ ମଧରେ ଥିବା ଦୂରତାକୁ ଆହୁରି ପ୍ରଶସ୍ତ କରିଛି । ରିପୋର୍ଟରେ ଯେଉଁ ଦିଗ ପ୍ରତି ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି ତାହା ହେଉଛି ଶିଶୁ ନିର୍ଯାତନା । ଲକ୍‌ଡାଉନ୍ ଯୋଗୁଁ ଶିଶୁ ନିର୍ଯାତନା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ପରି ସାମାଜିକ ସମସ୍ୟା ବୃଦ୍ଧି ପାଇଛି । ଚାଇଲ୍ଡଲାଇନ୍‌ର ଅଭିଯୋଗ ସଂଖ୍ୟାରେ ବୃଦ୍ଧି ଘଟିଛି । ଶିଶୁମାନଙ୍କ ପୃଷ୍ଟିହୀନତା ଓ ଟିକାକରଣ କାର୍ଯ୍ୟକ୍ରମ ଗୁରୁତର ବାଧାପ୍ରାପ୍ତ ହୋଇଥିବାରୁ ଆଗାମୀ ୬ ମାସ ମଧରେ ପ୍ରାୟ ୩ ଲକ୍ଷ ଶିଶୁ ମୃତ୍ୟୁ ମୁଖରେ ପଡ଼ିବା ନିଶ୍ଚିତ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି । ଅନିଶ୍ଚିତ ଭବିଷ୍ୟତକୁ ସାମ୍ନା କରୁଥିବା ଦେଶର ଏହି କୋମଳମତି ଭବିଷ୍ୟତମାନଙ୍କର ସ୍ୱପ୍ନକୁ ସାକାର କରିବାକୁ ହେଲେ କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ତଦନୁଯାୟୀ ବଜେଟ୍ ବ୍ୟବସ୍ଥା କରିବାକୁ ପଡ଼ିବ । ହୁଏତ ଆଉ କିଛି ବର୍ଷ ପରେର ପଛକୁ ଫେରିଚାହିଁଲା ବେଳକୁ ପଶ୍ଚାତ୍ତାପ ହିଁ ସାର ହେବ । ଶିଶୁଙ୍କ ଭବିଷ୍ୟତ ହିଁ ଦେଶର ଭବିଷ୍ୟତ । ଏକ ସୁସ୍ଥ, ସମୃଦ୍ଧ ଓ ଦକ୍ଷ ଭାରତ ଗଠନ ପାଇଁ ବର୍ତ୍ତମାନ ହିଁ କାର୍ଯ୍ୟ କରିବାର ପ୍ରକୃଷ୍ଟ ସମୟ ।




## ସୀମାନ୍ତ ସୈନିକ

ଧ୍ରୁବ ଚରଣ ବେହେରା

ଦେଶ ଜାତି ପାଇଁ ସେବା ଓ ସମ୍ମାନ
ଯାହାର ଅମୂଲ୍ୟ ଦାନ
ବିଜୟର ଟୀକା ମଥା ପରେ ତାର
ସେ ଆମ ବୀର ସନ୍ତାନ ॥

ମନରେ ନଥାଏ ହିଂସା କି କପଟ
ନିଷ୍ଠା ପଣେ ବଞ୍ଚିଥାଏ
ଧରଣୀର କୋଳେ ମାତୃଭୂମି ଲାଗି
ସମର୍ପିତ ସଦା ସିଏ ॥

ଅଗମ୍ୟ ବନସ୍ତେ ଘୋର ଅନ୍ଧାକାରେ
ନିରେଖେ ଶତ୍ରୁର ପଥ
ରଣର ହୁଙ୍କାରେ ଛାଡ଼ି ନାଶେ ଶତ୍ରୁ
ସତେ କର୍ଣ୍ଣ ଅବା ପାର୍ଥେ ॥

ଧନଂଜୟ ପଣେ କଳା କୌଶଳେ
ବର୍ଷର କମାଣ ଗୁଳି
ବୀର ସେନାନୀର ବୀର ଯୋଦ୍ଧା ସିଏ
ପକାଏ ଶତ୍ରୁକୁ ଟାଳି ॥

କରିଅଛ ପଣ କରିବ ସେ ରଣ
ଭେଟିଦେବ ଲହୁ ଲୁହ
ବରଷା ବିଜୁଳି ଶୁଣି ଘୋର ରଡି
ନଥାଏ ତା ହୃଦେ କୋହ ॥

ଫୁଟୁ ପାଦେ କଣ୍ଟା ଆସୁ ହିଁ ପ୍ରଳୟ
ଭ୍ରୁକ୍ଷେପ ନଥାଏ ତାର
ସେହି ଏକା ବୀର ତ୍ରିରଙ୍ଗାର ଲାଗି
ଜନନୀ ଜନ୍ମ ମାଟିର ॥

ଦେଇ ପାରିବାନି ତା ପାଉଣା ଆମେ
ସୀମାନ୍ତ ପ୍ରହରୀ ସିଏ
ନିଜ ସୁଖ ଭୁଲି ଲଦାକ୍ ଘାଟିରେ
ରାତ ଉଜାଗର ଥାଏ ॥

ତୁମ ବାହୁ ବଳେ ପୂର୍ଣ୍ଣ ସ୍ୱାଧୀନତା
ରାଷ୍ଟ୍ରର ଅମୃତ ଧାର
ହେ ସୈନିକ ତୁମେ ସଦା ବନ୍ଦନୀୟ
ଘେନ ଆମ ନମସ୍କାର ॥

ଇତିହାସ ଗାଏ ସୈନିକର ଗାଥା
ଦେଇଛି ସୁବର୍ଣ୍ଣ ଭେଟି
ଚିରସ୍ମରଣୀୟ ଅମଳିନ ସେବା
ଭବିଷ୍ୟ ଗୌରବ ସ୍ମୃତି ॥


+ ଅଠରବାଟିଆ, ବାଲୁଗାଁ, ଖୋର୍ଦ୍ଧା
ମୋ: ୮୩୨୮୯୩୦୫୫୪


## ଚୀନର୍ ପ୍ରଳାପ


ଗୋପାଳ ମହାପାତ୍ର




ଭାରତ ଓ ଚୀନ ମଧରେ ଲଦାଖ ଠାରେ ଥିବା ବାସ୍ତବିକ୍ ନିୟନ୍ତ୍ରଣ ରେଖା ନିକଟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଚୀନ ଲଦାଖ ସୀମାରେ ତାର ସୈନ୍ୟ ସଂଖ୍ୟା ବୃଦ୍ଧି କରିଛି ଓ ପରିସ୍ଥିତିକୁ ଅଧିକ ଜଟିଳ କରିବା ପାଇଁ ଉଦ୍ୟମ କରୁଛି। ଭାରତ ପକ୍ଷରୁ ଚୀନକୁ ସେଇ ଭାଷାରେ ଜବାବ ଦେବା ପାଇଁ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ଘଟଣା ପୂର୍ବର ଡ଼ୋକଲାମ ଘଟଣାକୁ ମନେପକାଇ ଦିଏ। ଡ଼ୋକଲାମ ଠାରେ ଭାରତ-ଚୀନ ସେନା ମଧ ମୁହାଁ ମୁହିଁ ହୋଇଥିଲେ। ଚୀନ ଏ ଭଳି ଘଟଣା ବହୁବାର କରିଛି। ଚୀନ ଯେ କେବଳ ଭାରତ ଉପରେ ଚାପ ପକାଇବା ପାଇଁ ଏଭଳି କରୁଛି ତାନୁହେଁ। ନେପାଳରେ ଥିବା ଚୀନ ସମର୍ଥକ ମାଓବାଦୀ ପାର୍ଟି ସରକାରକୁ ମତାଇ ନେପାଳ ଦ୍ୱାରା ଏକ ନୂଆ ସୀମା ବିବାଦ ମଧ ସୃଷ୍ଟି କରିଛି। ପ୍ରଶ୍ନ ଉଠୁଛି ଚୀନ ଏଭଳି କରୁଛି କାହିଁକି? ଚୀନର ଏଇ ବ୍ୟବହାର ସମ୍ପର୍କରେ ଜାଣିବାକୁ ହେଲେ ଇତିହାସକୁ ଜାଣିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଙ୍କ ସମୟରେ ଭାରତ ସରକାର ଚୀନ ସରକାର ସହ ଏକ ପଞ୍ଚଶୀଳ ନୀତିକୁ ଆପଣେଇଥିଲେ। ଅନ୍ୟପକ୍ଷରେ କହିବାକୁ ଗଲେ ଏହାଥିଲା ପଞ୍ଚଶୀଳ ସନ୍ଧି। ଭାରତ ଏହାକୁ ନେଇ ଖୁସି ଥିଲା ଏପରିକି ଭାରତରେ ଚୀନ ସମର୍ଥକ କମ୍ୟୁନିଷ୍ଟ ଲବି ହିନ୍ଦ୍-ଚୀନ ଭାଇ ଭାଇ ସ୍ଲୋଗାନ ମଧ ଦେଉଥିଲେ। କିନ୍ତୁ ଚୀନ ଭିତରେ ଭିତରେ ଭାରତ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିଲା। କିନ୍ତୁ ଚୀନକୁ ବିଶ୍ୱାସ କରି ଭାରତର ତତ୍‌କାଳୀନ ନେତୃତ୍ୱ ଚୀନକୁ ମିତ୍ର ବୋଲି ଭାବିନେଇଥିଲା। କିନ୍ତୁ ଚୀନ ତାର ଅସଲ ରୂପ ଦେଖାଇଥିଲା ଓ ୧୯୬୨ରେ ଭାରତ ଉପରେ ଆକ୍ରମଣ କରିଥିଲା। ଚୀନ ସେନା ଭାରତ ସୀମାରେ ଭାରତ ଭିତରକୁ ପଶିଆସିଥିଲେ। ଯେଉଁ ଅଞ୍ଚଳକୁ ଚୀନ ପଶି ଆସିଥିଲା ସେସବୁ ହଜାର ହଜାର ହେକ୍ଟର ଭୂମି ଏବେ ଚୀନ କବ୍‌ଜାରେ ରହିଛି। ୧୯୬୨ ମସିହା ନଭେମ୍ବର ୧୪ ତାରିଖ ଦିନ ଭାରତର ସଂସଦ (ପାର୍ଲ୍ୟାମେଣ୍ଟ)ରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା ଓ ଚୀନ କବ୍‌ଜାରେ ଥିବା ଅଞ୍ଚଳକୁ ଫେରାଇ ଅଣାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଚୀନ କବ୍‌ଜାରେ ଥିବା ଅଞ୍ଚଳକୁ ଫେରାଇ ଆଣିବା ପ୍ରସ୍ତାବ ସିନା ସଂସଦରେ ଗୃହୀତ ହେଲା କିନ୍ତୁ ଭାରତ-ଚୀନ ଯୁଦ୍ଧରେ ଭାରତର ଭରାଜୟ ହୋଇଥିଲା ଓ ଭାରତ ଏଯାବତ୍ ଚୀନ କବ୍‌ଜାରୁ ସେ ଅଞ୍ଚଳକୁ ଛଡ଼ାଇ ଆଣି ପାରିନାହିଁ।

ଚୀନ ଭାରତ ଯୁଦ୍ଧ ପରଠାରୁ ଅର୍ଥାତ୍ ୧୯୬୨ରୁ ଚୀନ ଭାରତ ସୀମା ପର୍ଯ୍ୟନ୍ତ ସଡ଼କ ଓ ଅନ୍ୟାନ୍ୟ ଗମନାଗମନ ବ୍ୟବସ୍ଥାର ନିର୍ମାଣ କାର୍ଯ୍ୟ ଦୃତ ଗତିରେ ଆରମ୍ଭ କଲା। କିନ୍ତୁ ଚୀନ ଯେପରି ଭାବରେ ସୀମାରେ ତାର ସ୍ଥିତିକୁ ଜାହିର କରିବାରେ ଉଦ୍ୟମ କରିଥିଲା ଭାରତ ସେପରି କରିପାରିନଥିଲା। ଏହାର ଅନେକ କାରଣ ମଧ ଥାଇପାରେ। ଏଥି ମଧରୁ ଗୋଟିଏ କାରଣ ହୁଏତ ୧୯୬୨ର ପରାଜୟ ଓ ଏହାର ମନୋବୈଜ୍ଞାନିକ ପ୍ରଭାବ ହୋଇପାରେ। ଦ୍ୱିତୀୟ କାରଣ ଦେଶରେ ଥିବା ଚୀନ ସମର୍ଥକ ଲବି ଭାରତ ଚୀନର ମୁକାବିଲା କରିବା ପାଇଁ କୌଣସି ପଦକ୍ଷେପ ନେଉ ବୋଲି ଚାହୁଁନଥିଲେ। କିନ୍ତୁ ଧିରେ ଧିରେ ସ୍ଥିତିରେ ପରିବର୍ତ୍ତନ ହେଲା ଓ ଭାରତ ନିଜର ଉତ୍ତର ସୀମାନ୍ତରେ ସଡ଼କ, ପୋଲ ଓ ଅନ୍ୟାନ୍ୟ ଗମନାଗମନ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ସଂରଚନା ର ନିର୍ମାଣ ଉପରେ ଗୁରୁତ୍ୱ ଦେଲା। ବିଶେଷ କରି ୨୦୧୪ରେ କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଏସବୁ ଉପରେ ଅଧିକ ଗୁରୁତ୍ୱ ଦିଆଗଲା। ସୀମାନ୍ତରେ ଥିବା ରାସ୍ତାଘାଟର ପୁନଃବିନ୍ୟାଶ କରାଗଲା। ଏକ ଉଦାହରଣ ମାଧ୍ୟମରେ ଏକଥାକୁ ବୁଝାଇ ଦିଆଯାଇପାରିବ। ୧୯୯୭ରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ଚାଇନା ଷ୍ଟଡ଼ି ଗ୍ରୁପ୍ ଦ୍ୱାରା ଭାରତ-ଚୀନ ର ବାସ୍ତବିକ୍ ନିୟନ୍ତ୍ରଣରେଖା (ଏଲ୍‌ଏସି) ନିକଟରେ ୪୬୪୩ କିଲୋମିଟର ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ସଡ଼କ କୁ ଇଣ୍ଡିଆ ଚାଇନା ବର୍ଡ଼ର ରୋଡ଼ କୁହାଗଲା। ରଣନୀତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଥିବା ଏହି ରାସ୍ତା ନିର୍ମାଣର ମୂଳ ଉଦ୍ଦେଶ୍ୟ ଥିଲା ବାସ୍ତବିକ୍ ନିୟନ୍ତ୍ରଣରେଖା ନିକଟକୁ ଭାରତୀୟ ସେନାଙ୍କର ଗତାଗତ ସହଜ କରିବା। ଏହାପରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧିନ ସରକାର ୧୯୯୯ ମସିହାରେ ଭାରତ-ଚୀନ ସୀମାରେ ରଣନୀତି ଦୃଷ୍ଟିରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ୬୧ଟି ସଡ଼କ (ପାଖାପାଖି ୩୩୪୬ କି.ମି.) ନିର୍ମାଣ ପାଇଁ ନିଷ୍ପତ୍ତି ନେଲେ। ଏହି ସଡ଼କ ସବୁର ନିର୍ମାଣ ଦାୟୀତ୍ୱ ବର୍ଡ଼ର ରୋଡ଼ ଅର୍ଗାନାଇଜେସନକୁ ପ୍ରଦାନ କରାଗଲା। ବର୍ଡର ରୋଡ଼ ଅର୍ଗାନାଇଜେସନକୁ ଏହି ସଡ଼କ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ୨୦୦୩ ମସିହା ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ମଧରେ କାର୍ଯ୍ୟ ଶେଷ ନହେବାରୁ ଏହି ସମୟ ସୀମାକୁ ଦୁଇଟି ପର୍ଯ୍ୟାୟରେ ୨୦୦୬ ଓ ପରେ ୨୦୧୨ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଏହି ସଡ଼କ ନିର୍ମାଣ କାର୍ଯ୍ୟ ମଧ୍ୟରୁ ୧୨ଟି ସଡ଼କର ନିର୍ମାଣ କାର୍ଯ୍ୟ ଅନ୍ୟ ଏକ ସଂସ୍ଥାକୁ ମଧ ଦିଆଯାଇଥିଲା। କିନ୍ତୁ ଏସବୁ ପରେ ମଧ ସୀମାନ୍ତରେ ନିର୍ମାଣାଧିନ ଏହି ଗୁରୁତ୍ୱପୂର୍ଣ୍ଣ ଗମନାଗମନ ପଥ ପରିଯୋଜନାର କାର୍ଯ୍ୟ ସଂପୂର୍ଣ୍ଣ ହୋଇପାରିନଥିଲା।

୨୦୧୪ରେ କେନ୍ଦ୍ରରେ ନୂଆ ସରକାର ଗଠନ ହେବା ପରେ ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଏପରିକି ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅନ୍ୟ କେତେକ ଯୋଜନା ମଧ କାର୍ଯ୍ୟକାରୀ କରାଗଲା। ଏହିସବୁ ଯୋଜନା ପାଇଁ ଆବଶ୍ୟକୀୟ ଧନରାଶି ମଧ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଗଲା ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଏସବୁ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଗଲା। ପରିଣାମ ସ୍ୱରୂପ ସୀମାରେ ଚାଲିଥିବା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଲା। ସୀମାରେ ସେନାବାହିନୀର ଗତାଗତ ପାଇଁ ସଡ଼କ ନିର୍ମାଣ ଓ ବିମାନ ଅବତରଣ ବ୍ୟବସ୍ଥା କରାଯିବା ଏବଂ ଅଧିକ ସଂଖ୍ୟକ ସେନା ମୁତୟନ କରାଯିବା ସର୍ବୋପରି ସେନାବାହିନୀକୁ ଅଧିକ ଶକ୍ତିଶାଳୀ କରାଯିବା ଘଟଣାକୁ ଚୀନ ସହଜରେ ହଜମ କରିପାରୁ ନାହିଁ। ସେହି କାରଣରୁ ବିଭିନ୍ନ ସମୟରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି କରୁଛି। ଅନ୍ୟଏକ ଘଟଣା ଚୀନ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପାକ୍ ଅଧିକୃତ କାଶ୍ମୀର (ଗିଲଗିଟ୍) ଦେଇ ଚୀନ ବଲୁଚିସ୍ଥାନର ଗ୍ୱାଦର ବନ୍ଦର ପର୍ଯ୍ୟନ୍ତ ଚୀନ-ପାକିସ୍ଥାନ ଇକୋନୋମିକ୍ କରିଡ଼ରର ନିର୍ମାଣ କରୁଛି। ଏହି କରିଡ଼ର ପାଇଁ ବ୍ୟାପକ ଅର୍ଥ ବ୍ୟୟ କରୁଛି ଚୀନ। ଏପଟେ କେନ୍ଦ୍ର ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇ ଦେଇଛନ୍ତି। ଏଣୁ ଚୀନ ବିଚଳିତ ହୋଇଉଠିଛି। ଏବେ ଭାରତ ସରକାରଙ୍କ ପାଣିପାଗ ବିଭାଗ ଗିଲଗିଟ୍ ଓ ବାଲତିସ୍ଥାନ ର ପାଣିପାଗ ବିଷୟରେ ସୂଚନା ପ୍ରସାରଣ କରୁଛି। ଚୀନ ମନରେ ଭୟ ଉପୁଜୁଛି ଯେ ଯଦି ଭାରତ ପାକ୍ ଅଧିକୃତ କାଶ୍ମୀରକୁ ଅକ୍ତିଆର କରିନେବ ତେବେ ଗିଲଗିଟ୍ ଓ ବାଲତିସ୍ଥାନ ଭାରତ ଅଧିନକୁ ଚାଲିଯିବ। ଏଭଳି ହେଲେ ଚୀନ ପାକିସ୍ଥାନ ଇକୋନୋମିକ୍ କରିଡର ନିର୍ମାଣ କାର୍ଯ୍ୟା ଆଉ ହୋଇପାରିବ ନାହିଁ ଓ ଏଥିପାଇଁ ଯେଉଁ ପୁଁ ନିବେଶ ହୋଇଛି ତାହା ବୃଥା ହୋଇଯିବ। ଏହି ଭୟ ଏବେ ଚୀନକୁ ଘାରିଛି।

ଏବେ ବି ଚୀନ ସମର୍ଥକ ଲବି ଭାରତରେ ସକ୍ରିୟ ଅଛନ୍ତି। ଚୀନ ଏବେବି ଭାବୁଛି ଯେ ୧୯୬୨ ମସିହାର ସେଇ ଅବସ୍ଥା ରହିଛି। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ହରକତ କରିବାରେ ଲାଗିଛି ଓ ଭାରତ ଉପରେ ଚାପ ସୃଷ୍ଟି ପାଇଁ ଉଦ୍ୟମ କରୁଛି। କିନ୍ତୁ ଚୀନ ଭାବିବା ଉଚିତ୍ ଯେ ଭାରତ ଆଉ ସେଇ ୧୯୬୨ର ଭାରତ ହୋଇରହିନାହିଁ। ୨୦୧୭ ମସିହାରେ ଡ଼ୋକଲାମ୍ ଠାରେ ୭୩ଦିନ କାଳ ଭାରତ ଚୀନ ସେନା ମୁହାଁମୁହିଁ ରହିଥିଲେ। ଚୀନ ସଡ଼କ ନିର୍ମାଣ କରିବାକୁ ଚାହୁଁଥିଲା ଓ ଭାରତ ତାକୁ ବିରୋଧ କରିଥିଲା। ଚୀନ ବାରମ୍ବାର ଭାରତ ଭିତରକୁ ଅନୁପ୍ରବେଶ କରିବାର ଉଦ୍ୟମ କରୁଛି। କୋରେନା ଭାଇରସକୁ ନେଇ ଏବେ ଆନ୍ତର୍ଜାତୀକ ସ୍ତରରେ ଚୀନ ବିରୋଧର ସମ୍ମୁଖୀନ ହେଉଛି ଓ ଚାପରେ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେରିକା ଜି.-୭ର ବିସ୍ତାର କରିବାକୁ ଚାହୁଁଛି ଓ ଭାରତକୁ ସେଥିରେ ସାମିଲ କରିବାକୁ ଚାହୁଁଛି ଏହା ମଧ ଚୀନ ଚାହୁଁନାହିଁ। ଇତିମଧରେ ଭାରତରେ ଅବସ୍ଥାପିତ ଚୀନ ରାଷ୍ଟ୍ରଦୁତ ଦ୍ୱିପାକ୍ଷିକ ଆଲୋଚନା ମାଧମରେ ସୀମାବିବାଦର ସମାଧାନ କଥା କହିଛନ୍ତି। କିନ୍ତୁ ଚୀନ ସମାଧାନ ଚାହୁଁ ନାହିଁ। ଚୀନ ରାଷ୍ଟ୍ରପତି ସେନାକୁ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାପାଇଁ କହିଛନ୍ତି। ଭାରତ ମଧ ଉଚିତ୍ ପଦକ୍ଷେପ ପାଇଁ ପ୍ରସ୍ତୁତ। ଭାରତର ଶକ୍ତି ବୃଦ୍ଧି ଓ କାଳେ ଚୀନ ପାକିସ୍ତାନ ଇକୋନୋମିକ୍ କରିଡର କାର୍ଯ୍ୟ ବାଧାପ୍ରାପ୍ତ ହେବ ସେହି ଆଶଙ୍କାରେ ଏବେ ଚୀନ ପ୍ରଳାପ କରିବାରେ ଲାଗିଛି।


+ ରାମଚନ୍ଦ୍ରପୁର
ରଣପୁର,
ମୋ.-୯୪୩୮୪୫୦୯୪


## ଯୁଦ୍ଧୋନ୍ମାଦନାର୍ ଉତ୍ପାତରେ ଅଶାନ୍ତ ଏସିଆ


ମାୟାଧର ନାୟକ




କରୋନା ମହାମାରୀ ବିରୁଦ୍ଧରେ ସାରା ବିଶ୍ୱ ଲଢୁଛି । ସବୁଦେଶ କହୁଛନ୍ତି - ଆମେ କରୋନା ବିରୁଦ୍ଧରେ ଯୁଦ୍ଧ କରୁଛୁ । ସମଗ୍ର ବିଶ୍ୱରେ ଏପର୍ଯ୍ୟନ୍ତ କ୍ଷୁଦାଦ୍ରୀକ୍ଷୁଦ୍ର ଅଦୃଶ୍ୟ ଭୂତାଣୁ କରୋନାକୁ କେହି ପରାସ୍ତ କରିପାରୁନାହାଁନ୍ତି । ମୃତ୍ୟୁ ଭୟରେ କେବଳ କିଛିକିଛି ପ୍ରତିଶୋଧକ ବ୍ୟବସ୍ଥା ନେଉଛେ, ଯାହାଫଳରେ ସବୁଦେଶର ରାଜକୋଷ ଖାଲି ହେବାରେ ଲାଗିଛି । ଅସମ୍ଭବ ଭାବେ ଅର୍ଥନୈତିକ ଦୁର୍ଗତି ଦେଖା ଦେଇଛି । ସମଗ୍ର ବିଶ୍ୱବାସୀଙ୍କ ମନରେ ଛନକା ପଶି ଗଲାଣି । କରୋନା ମହାମାରୀ ବିରୁଦ୍ଧରେ ଯୁଦ୍ଧ ଚାଲିଥିବା ବେଳେ ଏବେ ଚୀନ୍-ଭାରତ ମଧରେ ଝିମିଟିଖେଳରୁ ମହାଭାରତ ଯୁଦ୍ଧ ଭଳି ପରିସ୍ଥିତି ଆଡକୁ ଗତି କରୁଛି । ଏବେ ଭାରତ-ଚୀନ୍ ସୀମାରେ କଥା କଟାକଟି, ଝଗଡା ଭିତରେ ଆମର ୨୦ ଜଣ ସୈନ୍ୟ ମୃତ୍ୟୁବରଣ କଲେ । ଆମସରକାରମାନେ ସହିଦ୍ ପରିବାରକୁ କେଇଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇ ଯଦି ଭାବୁଥାନ୍ତି ଯେ ଏହା ଦ୍ୱାରା ଜନସାଧାରଣଙ୍କ ଆଗରେ ଦେଶ ପ୍ରେମର ନଜିର୍ ଛାଡିଗଲେ, ତା'ହେଲେଏହାତ ଅଲାଜୁକତାକୁ ଏକପ୍ରକାର ଅନ୍ଧଆଲିଙ୍ଗନ । ଯେଉଁଠି ଫିଲ୍ମ ଷ୍ଟାରଠୁ ଆରମ୍ଭକରି କ୍ରିକେଟ୍ ଷ୍ଟାର ପର୍ଯ୍ୟନ୍ତ ଦିନକର ବିଜ୍ଞାପନୀ ପାଉଣା କୋଟି କୋଟି ଟଙ୍କା, ସେଠି ସହିଦ୍ ସୈନିକ ପରିବାରକୁ ଏ କେଇଟି ଲକ୍ଷ ଟଙ୍କାର ଅନୁଦାନ କ'ଣ ଏ ଦେଶର କୌଣସି ନାଗରିକଙ୍କ ଶ୍ରବଣେନ୍ଦ୍ରୀୟ ପାଇଁ ଲଜ୍ଜାକର ନୁହେଁ - ଧିକ୍! ଏ ନିର୍ଲଜ ଘୋଷଣା - ଯେତେବେଳେ ଆମର ଲହୁଲୁହାଣ ସହିଦର ଶବ ହିମାଳୟର ବରଫ ଖଣ୍ଡ ଠାରୁ ବି ଆହୁରି ଶୀତଳ ହୋଇ ଆମକୁ ଉପହାସ କରୁଛି । କହିବାକୁ କୁଣ୍ଠା ନାହିଁ ଯେ - ଆମର ବୀର ସେନାବାହିନୀ ଆଗରେ ବର୍ତ୍ତମାନ ବିଶ୍ୱ ତ୍ରାସ ଉପୁଜାଇଥିବା ଆତଙ୍କବାଦ କିଛି ନୁହେଁ । କାରଣ ଗୋଟାଏ ଶୃଙ୍ଖଳିତ ପ୍ରଶିକ୍ଷିତ ସେନାବାହିନୀ ଗୋଟାଏ ମୁହୂର୍ତ୍ତରେ ମଧ ଆତଙ୍କ ରାଜକୁ ଆଖିପିଛୁଳାକେ ମୂଳପୋଛ କରିଦେବାର ଶକ୍ତି ପ୍ରଦର୍ଶନ କରିପାରେ - ଯଦି ସେମାନଙ୍କୁ ରାଜନୈତିକ ଶାସନର ଛକାପଂଝା ଖେଳ ଭିତରେ ଆଦୌ କୌଣସି କୂଟଳନୀତି ଜନିତ ବିଳମ୍ବିତ ବିଘ୍ନସୃଷ୍ଟି ନହୁଏ । ଗଭୀର କ୍ଷୋଭର ବିଷୟ ଯେ - ବିନା ଯୁଦ୍ଧରେ ଆମର ସୈନ୍ୟମାନେ ଯଦି ସହିଦ୍ ହେବେ ଏବଂ ସେମାନଙ୍କ ପରିବାର ରାଜନେତା ଓ ଶାସକମାନଙ୍କର ତୁହା କୁ ତୁହା ଶୋକାପ୍ତ ଭାଷଣବାଜୀର ସ୍ୱର ଶୁଣୁଥିବେ - ତା' ହେଲେ ବିଚାରିବାକୁ ହେବ ଯେ - ଏ ଦେଶ ଆଜି ସବୁଠୁ ଗୋଟାଏ ବଡ ଐତିହାସିକ ବିଡମ୍ବନାକୁ ସାମ୍ନା କରିବାକୁ ଯାଉଛି । ବିନା ଯୁଦ୍ଧରେ ୨୦ରୁ ଉର୍ଦ୍ଧ ଭାରତୀୟ ବୀରଜବାନ୍ ମର୍ମନ୍ତୁଦ ମୃତ୍ୟୁ ବରଣ କଲେ । ସୁରକ୍ଷା ବଳୟ ବେଷ୍ଟିତ ଆମର ଶାସନର ସ୍ୱର ଆକସ୍ମିକ ବିପନ୍ନତାର ବ୍ୟୁହରେ ବଳି ପଡିସାରିଥିବା ସହିଦ୍ ସୈନ୍ୟମାନଙ୍କ ପାଇଁ ପ୍ରଥମେ ଶୋକ ଓ ପରେ ପ୍ରତିଶୋଧର ଲହର ଉଠାଇ ଲାଭ କ'ଣ ? ଏ ଦେଶର ଗୁଇନ୍ଦା ବିଭାଗର ନିରାପତା ଭୋଗୀ ନିଷ୍କଳ କର୍ତାମାନଙ୍କୁ କଇଫତ ତଲବ କରିବାର ବେଳ ଆଉ କେତେ ଡେରି ?ଆମ ସୈନ୍ୟମାନଙ୍କ ଅକାରଣ ଜୀବନନାଶ ଅପେକ୍ଷା ଚଳନ୍ତି ରାଜନୀତିର ଯାହାସବୁ ଖୁଚୁରା ଖେଳ ଚାଲିଛି, ତାହା କ'ଣ ଦେଶ ପାଇଁ ଏତେ ବଡ ! ଏ ମାଟିକୁଟିଳ କୁବେର ମାନଙ୍କର ମୁନାଫାରମି ବୁଣିବା ପାଇଁ ଫୁଙ୍ଗୁଳା ଫସଲ କିଆରି ନୁହେଁ । ତାରବାଡ ଆରପଟେ ଯେତେବେଳେ ଶତ୍ରୁଶିବିର ରାତ୍ରୀ ନିଷ୍ପ୍ରଦୀପ, ସେତେବେଳେ ଏ ଦେଶରମାଟି ଓ ଘାଟିରେ ଶୋଇପଡିଥିବା ! ଆଉ କେତେ ରକ୍ତପାତ, କେତେ ଅମାନୁଷିକ ଆକ୍ରୋଶ, କେତେ ବର୍ବର ବଣ୍ୟତାର ବିଭିଷିକା ଆମ ଦିବାନିଦ୍ରାର ଅଂଃ ଘଟାଇବାକୁ ଦରକାର ? କେବଳ ଜବାନ୍‌ଜାଗିଲେ ହେବନାହିଁ, ଜବାବ ଚାହୁଁଥିବା ଏ ଜାତିର ଶତ କୋଟି ସନ୍ତାନ ବିଜାଗି ଉଠିବା ଦରକାର । ସେମାନେ ପ୍ରଶ୍ନ ପଚାରନ୍ତୁ - ଅଦୃଶ୍ୟ ବନ୍ଧୁକଧାରୀର ଗୁଳିଗୁଡାକୁ । ପ୍ରଶ୍ନ ପଚାରନ୍ତୁ - ଆମକୁ ଆଲିଙ୍ଗନ ମୁଦ୍ରାରେ କଏଦ୍ କରିବାକୁ ଉହୁଙ୍କି ଆସୁଥିବା ତୀକ୍ଷ୍ଣବାଘ ନଖ ଗୁଡାକୁ ଦେଶର ସୈନ୍ୟମାନଙ୍କ ପାଇଁ ଯେତେବେଳେ ରସଦ୍ ଆଉ ରେସନ୍‌ରେ ଗଫଲତିର ଗୁମର ଖବର କାଗଜର ଖୋଲା ଫର୍ଦ୍ଦକୁ ଛିଟିକି ଆସେ - ଆମେ କପାଳରେ କରତାଡୁ । ମାତ୍ର ନିଜ କ୍ଷୁଦ୍ର ପ୍ରଶ୍ନ ଗୁଡାକୁ ଖୁରଧାର କରି ଏକ ନିର୍ଭୀକ ନାଗରିକ ଆନ୍ଦୋଳନ ଗଢିତୋଳିବାକୁ ବିଳମ୍ବିତ କରି ରଖୁ । ନେତାମାନଙ୍କର ବେହିସାବୀ ଖର୍ଚ୍ଚରେ ଅସ୍ତମୁଖୀ ହୁଏ ଏ ଦେଶର ଅର୍ଥନୀତି, ଅଥଚ ଭାରତୀୟ ନାଗରିକ ସମାଜର ପ୍ରଶ୍ନ ଏବେବି ଅଥର୍ବ - ଅଚଳ - ଅକର୍ମଣ୍ୟ ଅବସ୍ଥାରେ ଥାଇ ମହାଶାନ୍ତିର ଯଜ୍ଞୋତ୍ସବ ପାଇଁ ଧୃତଦୀପ କ୍ରୟ କରିବାରେ ବଡ ଆଗ୍ରହୋଦ୍ଦୀପକ ଆଚରଣ ପ୍ରଦର୍ଶନ କରେ । ମଂଚରେ ମଂଚରେ ଆମ ପ୍ରବଂଚକ ନେତୃବର୍ଗ ଜନଦରବାରରେ ଜାତୀୟ ସଂଗୀତ ଗାନ ବେଳେ ଦଣ୍ଡାୟମାନ ମୁଦ୍ରାରେ ନିରବତା ଅବଲମ୍ବନ କରି ଶେଷରେ ମାଇକ୍‌ମୁହାଁ ଅବସ୍ଥାରେ ଶୁଣାଇଚାଲନ୍ତି - ଓଁଶାନ୍ତି - ଶାନ୍ତି - ଶାନ୍ତି ।

ଏବେ କିନ୍ତୁ ଯାହା ଜଣା ପଡୁଛି ଯୁଦ୍ଧ ହୁଏତ ହୋଇନପାରେ ! ଯଦି ହୁଏ - କେଉଁ ଦେଶ କାହା ପକ୍ଷରେ ରହିବେ, ତାହା ଏବେଠୁ ଜଣାପଡିନି । ବିଭିନ୍ନ ଦେଶରେ ବିଶେଷକରି ଆମେରିକାରେ ଯେଉଁସବୁ ବିଷାକ୍ତ ମାରଣାସ୍ତ୍ର ଅଛି - ରାଜକୋଷ ଖାଲିକରି ଯୁଦ୍ଧୋନ୍ମାଦ ଦେଶମାନେ କ୍ରୟକରିବେ ଏବଂ ତାହା ଯଦି ବ୍ୟବହୃତ ହୁଏ, ତା'ହେଲେ ସମଗ୍ର ବିଶ୍ୱରେ ଅତି ଭୟଙ୍କର ପରିସ୍ଥିତି ସୃଷ୍ଟିହେବ । ଦେଶ କ'ଣ ସ୍ୱାଧୀନତାର ୭୩ ବର୍ଷ ପରେବି ସେଇ ଗୋଲକ ଧନ୍ଦାରେ ଘୂରି ବୁଲୁଛି ? ଠିକ୍ ଅଛି - ଯୁଦ୍ଧ ଲାଗିବ ତ ଲାଗୁ - ଭାରତର ଉତ୍ପିଡ଼ିତ କ୍ରନ୍ଦନ ଧ୍ୱନୀ ଭିତରେ ଶିଶୁ ସନ୍ତାନର ନିଦ ଭାଙ୍ଗିବ ତ ଭାଙ୍ଗୁ - ଡେଙ୍ଗା ବାହିନୀ ମୁଣ୍ଡରେ ଠେଙ୍ଗାର ପ୍ରହାର ଜୋରଦାର ଭାବରେ ଲାଗିବ ତ ଲାଗୁ, କିନ୍ତୁ ଏପ୍ରକାର ବାହୁନାର ବାହାଦୁରି ଭିତରେ ଭୂଆଁ ନବୁଲୁ ଆମର ଭାରତବର୍ଷ । ସହିଦର ସଂଗ୍ରାମ ସଂସ୍କୃତି ଆମର ଲୁହ ଚାହେଁ - ନା - ଲହୁବଳା ଅଙ୍ଗିକାର ଚାହେଁ? ଏ ପ୍ରଶ୍ନ ଇତିହାସର ପ୍ରଶ୍ନ, ଆଜିର ଉପର ଠାଉରିଆ ମନ୍ତବ୍ୟ ଦାତା ମାନଙ୍କୁ । ଆମର ବୀରସେନା ଯେତେବେଳେ ତିନି ବାହିନୀରେ ସାମିଲ ହୁଅନ୍ତି - ସେମାନେ ଦେଶପାଇଁ - ଜାତିପାଇଁ ପ୍ରାଣ ବିସର୍ଜନ କରିବାକୁ ଶପଥବଦ୍ଧ ସତ୍ୟପାଠରେ ବଂଚିବା ବେଳୁହିଁ ଦସ୍ତଖତ ଲେଖି ଦେଇଥାନ୍ତି । ମୃତ୍ୟୁର ଭୟ ସେମାନଙ୍କୁ କବଳିତ କରିପାରେନା କେବେ । ସେମାନେ ଲଢୁଆ - ସେମାନେ ଆଗୁଆ, ଅଥଚ ବିନା ଯୁଦ୍ଧରେ, ବିନାଗୁଳିରେ ଶତ୍ରୁ ପକ୍ଷର ଅଚାନକ ଚଢଉରେ କ'ଣ ଏପରି ଅଙ୍ଗିକାରବଦ୍ଧ ଜୀବନକୁ ଅଯଥାରେ ଅପଚୟ କରିଦେବାକୁ ସେମାନେ କେବେ ହେଲେ ରାଜି ହେବେ କି ? ଆମର ମୋଟା ବେତନ ସହ ବିଭିନ୍ନ ଭତା ଓ ସୁବିଧା ସୁଯୋଗ ପାଇ ରାଜରାସ୍ତାରେ ଚାରିଚକିଆର ଆରାମୀ ଆରୋହୀ ହୋଇ ଚାଲିଥିବା ଗୁଇନ୍ଦା ବିଭାଗର ବଡବଡ ଅଫିସର ମାନେ କ'ଣ ଏପ୍ରକାର ଦୁର୍ଘଟଣା ଘଟିବା ପୂର୍ବରୁ କୌଣସି ପ୍ରକାର ସୁରାକ୍ ବା ସୂଚନାର ଛୋଟ ଚିରୁକୁଟି ଟିଏ ସୁଦ୍ଧା ପାଇ ପାରିଲେନି ? ତା'ହେଲେ ସେମାନେ କରୁଛନ୍ତି କ'ଣ ? ଗାଦି ଉପରେ ବସିଥିବା ଆମ ଦେଶି ନେତାମାନେ ଏତେ ଶୀଘ୍ର ଅଶ୍ରୁବିସର୍ଜନ କରି ନିଜ ନିଜକୁ କ'ଣ ଦରଦୀମରମୀ ଜନ ପ୍ରତିନିଧି ବିଜ୍ଞପ୍ତି ଦେଇ ସବୁ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି କି? ଏ ଦେଶ ଗଣତନ୍ତ୍ର କ'ଣ ଶେଷକୁ ଗୁରୁଣ୍ଡିଗୁରୁଣ୍ଡି ଏକ ସାମରିକ ଏକଛତ୍ରବାଦର ଏରୁଣ୍ଡିବନ୍ଧ ଆଡକୁ ଆଗେଇ ଯିବ?

ମୋର ମନେହୁଏ, ଆମ ଶାସନର ଏ ତଥାକଥିତ 'ମହାଶାନ୍ତି'ର ମନ୍ତ୍ରପାଠ ଅଦୂର ଭବିଷ୍ୟତ ପାଇଁ କେବଳ ନିସ୍ତବ୍ଧତମ ଶ୍ମଶାନୀଶାସନର ହିଁ ଶୁଷ୍କଶାନ୍ତି ପାଠମାତ୍ର । କଳି ଯଦି କଂଟକିତ, ତା'ହେଲେ ବଗିଚାର ମାଳି ଆଉ ଜଗୁଆଳୀକୁ ତଲବ ନକଲେ ଆଜି ଏ ଦେଶର ଉତ୍ତର ପିଢି ନିକଟରେ ଆମେ ନିଜର ଦାୟିତ୍ୱହୀନତାକୁ ହିଁ ନିନ୍ଦନୀୟ ନଜିର ଭାବରେ ଯେ ଛାଡିଯାଉଛୁ - ଏଥିରେ ଅଣେ ମାତ୍ରସନ୍ଦେହ ନାହିଁ । କରୋନା ମହାମାରୀର ପ୍ରଳୟ କାଳ ବଳୟ ଆଉ ୪/୫ ବର୍ଷରହିବ ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ କହିଲେଣି । ଏବେ କରୋନା ଭୂତାଣୁ ନୂଆ ଓ ଭୟଙ୍କର ଭାବେ ଦେଖାଦେବ । ଏହି ସମୟରେ ଭାରତରେ ଯୁଦ୍ଧ ଆଓ୍ୱାହାଓ୍ୱା ଦେଖାଦେଇଛି । ବର୍ତ୍ତମାନ ସାରା ଦେଶରେ ଚୀନ୍‌ବିରୁଦ୍ଧରେ ରଣହୁଙ୍କାର । ଯୁଦ୍ଧ! ଯୁଦ୍ଧ!! ଯୁଦ୍ଧ!!! ଚାରିଆଡେ ଯୁଦ୍ଧ । ସାରା ବିଶ୍ୱରମାନବ ଜାତି ମହାମାରୀ କରୋନା ବିରୁଦ୍ଧରେ ଲଢୁଥିବା ବେଳେ ଯୁଦ୍ଧର ଘନଘୋଟା ମଧ ବଢିଚାଲିଛି । ଥମୁନି ଯୁଦ୍ଧୋନ୍ମାଦନା । ଜୀବନ ଉଛନ୍ନ ହୋଇପଡିଥିବା ବେଳେ ଜୀବିକା ପାଇଁ ଅହରହ ଯୁଦ୍ଧ ଚାଲିଛି । ସବୁ ଯୁଦ୍ଧ ଯଦି ଏକାକାର ହୋଇଯାଏ, ତା' ହେଲେ ମଣିଷ ବଂଚିବ ତ! ଯୁଦ୍ଧ ଅର୍ଥ ହିଁ ଏକପ୍ରକାର ଧ୍ୱଂସ । କିଏ ଜିତୁ ବା ହାରୁ - କ୍ଷୟକ୍ଷତି ଉଭୟ ପଟର । ଯୁଦ୍ଧ ପରେଶାନ୍ତି କଥାଟା ଏବେ ଅଭିଧାନରେ ଅଟକି ଯାଇଛି । ଆଗକୁ ଏସବୁ ଯୁଦ୍ଧର ପରିଣାପ କ'ଣ ହେବ - ଏବେଠୁ କହିବା ସମ୍ଭବପର ନୁହେଁ । ରାଜନୀତି, ଅର୍ଥନୀତି, କୂଟନୀତିରେ ଭାବପ୍ରବଣତା ଶୋଭା ପାଏନା । ସଠିକ୍ ଯୁକ୍ତି ଓ ପ୍ରମାଣରେ ଶତ୍ରୁକୁ ଆମେ ଆଣ୍ଠେଇ ଦେଇପାରିବା । ଏବେ ଯଦ୍ଧୋନ୍ମାଦନାର ଉତ୍ପାତରେ ଅଶାନ୍ତ ଏସିଆ । ବାସ୍ତବ ପରିସ୍ଥିତିକୁ ଆଖି ଆଗରେ ରଖି ଆମକୁ ଅତି ସାବଧାନତାର ସହ କାର୍ଯ୍ୟ କରିବାକୁ ହେବ ।


+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ପୃଥକ୍ ସ୍ୱାଦର ଚା'

### ବ୍ଲାକ୍ ଟି:

ବ୍ଲାକ୍ ଟି ବିନା କ୍ଷୀରରେ ତିଆରି କରାଯାଏ । ଏହା ଶରୀର ପାଇଁ ବେଶ୍ ଉପକାରୀ । ଏହା ଶରୀରର ଓଜନ କମାଇବାରେ ସାହାଯ୍ୟ କରିଥାଏ । ଏହା ବିଶେଷ କରି ଦାର୍ଜିଲିଙ୍ଗ, ଆସାମ, ନୀଳଗିରି ଓ ଶ୍ରୀଲଙ୍କାରେ ଦେଖିବାକୁ ମିଳିଥାଏ । ଏହାର ପତ୍ର ସାଧାରଣତଃ କଳା ଓ କଫି ରଙ୍ଗର ହୋଇଥାଏ । ଅଲ୍‌ଗ୍ରେ ଏକ ପ୍ରସିଦ୍ଧଧ ବ୍ଲାକ୍ ଟି । କାରଣ ଏହି ଟି'ରେ ବର୍ଗାମୋଟ ଫଳର ତେଲ ଓ ଲେମ୍ବୁରସ ପଡ଼ିଥାଏ । ଯାହାର ସ୍ୱାଦ ନିଆରା ହୋଇଥାଏ । ଏଥି ସହିତ ଏହାର ପତ୍ରରେ ଆଇସ୍ ଟି ମଧ୍ୟ ତିଆରି କରାଯାଇପାରେ ।





ଅନେକ ପ୍ରକାରର ଚା' ରହିଛି ଯାହାକୁ ଅତିସହଜ ଉପାୟରେ ଘରେ ତିଆରି କରି ଅତିଥିମାନଙ୍କୁ ଦିଆଯାଇପାରେ । ଏହା ସହିତ ଚା'ର ମଜା ଦୁଇଗୁଣା ହୋଇଯାଏ ।

### ହ୍ୱାଇଟ୍ ଟି:

ପ୍ରାୟ ଲୋକ ଏହି ଚା' ପିଇବାକୁ ପସନ୍ଦ କରିଥାନ୍ତି । ଏହା ଛୋଟ ଛୋଟ ଚା' ପତ୍ରରୁ ତିଆରି ହୋଇଥାଏ । ଏହାର କଢ଼ ମଧ୍ୟ ଭଲ ଭାବେ ଫୁଟି ନଥାଏ । ଏହି କଅଁଳିଆ ପତ୍ରକୁ ଶୁଖାଯାଇ ଏଥିରୁ ଚା' ପ୍ରସ୍ତୁତ କରାଯାଇଥାଏ । ଏହା ସ୍ୱାଦରେ ମଧୁରର ଓ କୋମଳ ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଆଣ୍ଟିକାର୍‌ସିନୋଜେନିକ୍ ରହିଥାଏ । ଏହା ଶରୀରରେ ପ୍ଲାଜ୍‌ମା ଗ୍ଲୁକୋଜ୍‌ର ମାତ୍ରାକୁ କମ୍ କରି ଇନ୍‌ସୁଲିନ୍‌ରର ମାତ୍ରାକୁ ବଢ଼ାଇଥାଏ ।



### ଲେମନ୍ ଟି:

ଏହାକୁ ଅତି ସହଜରେ ଘରେ ପ୍ରସ୍ତୁତ କରାଯାଇଥାଏ । ଏହାକୁ ନିୟମିତ ପିଇବା ଦ୍ୱାରା ଶରୀରରେର ମେଦବହୁଳତା କମ୍ ହୋଇଥାଏ । ଏହା ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଏହା ମସ୍ତିଷ୍କକୁ କ୍ରିୟାଶୀଳ କରାଇଥାଏ । ଲେମନ୍ ଟି ହାର୍ଟ ଉପରେ ମଧ୍ୟ ଭଲ ପ୍ରଭାବ ପକାଇଥାଏ ।





### ଗ୍ରୀନ୍ ଟି:

ଅଧିକାଂଶ ଲୋକ ସକାଳୁ ଉଠି ଚା' ପିଇବାକୁ ପସନ୍ଦ କରିଥାନ୍ତି । ଗ୍ରୀନ୍ ଟି ବା ସବୁଜ ଚା' କ୍ୟାମେଲିଆ ସାଇନେସିସ୍‌ର ପତ୍ରରୁ ତିଆରି କରାଯାଇଥାଏ । ଏହା ଅକ୍ସିଡାଇକ୍ ହୋଇ ନଥାଏ । ଯାହା ଫଳରେ ଏହାର ରଙ୍ଗ ସବୁଜ ରହିଥାଏ । ଏହା ସାଧାରଣତଃ ଚୀନ୍ ଓ ଜାପାନରେ ଦେଖିବାକୁ ମିଳିଥାଏ । ଗ୍ରୀନ୍ ଟିରେର ପ୍ରଚୁରର ପରିମାଣରେ ଫ୍ଲାଭୋନଏଡ୍ ରହିଥାଏ, ଯାହା ଶରୀରର ମେଦବହୁଳତାକୁ କମାଇବାରେର ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ୍‌ର ମାତ୍ରା ମଧ୍ୟ ଭରପୁର ପରିମାଣରେ ରହିଥାଏ ।



### ଉଲଙ୍ଗ ଟି:

ଏହା ସବୁଜ ଓ କଳା ରଙ୍ଗର ମିଶ୍ରଣ ପରି ଦେଖାଯାଏ । ଶରୀରରରେର କୋଲେଷ୍ଟରଲ୍‌ର ମାତ୍ରା ଓ ହୃଦୟ ଜନିତ ରୋଗ ନିୟନ୍ତ୍ରଣ କରିଥାଏ । ହାଡ଼ ମଜବୁତ ରଖିବା ସହିତ ଓଜନ କମାଇବାରେ ମଧ୍ୟ ସହାୟକ ହୋଇଥାଏ । ପ୍ରତିଦିନ ୨ କପ୍ ଏହାକୁ ପିଇବା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ । ଉଲଙ୍କ ଟି'ରେର କାଫିନ୍‌ର ମାତ୍ରା କିଛି ପରିମାଣରେ ରହିଥାଏ ଯାହା ଶରୀରରେର ସ୍ନାୟୁକୋଷଗୁଡ଼ିକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।



### ଜିଞ୍ଜର ଟି:

ଭାରତରେର ଅଦା ଚା'ର ଚାହିଦା ବେଶ୍ ଭଲ । ଖାଲି ଯେ ଭାରତରେ ନୁହେଁ, ଦୁନିଆରେ ପ୍ରାୟ ଅଧିକାଂଶ ଲୋକ ଏହାକୁ ପସନ୍ଦ କରନ୍ତି । ଆଗ କାଳରେ ଚୀନ୍ ଦେଶର ଲୋକମାନେ ଏହାକୁ ଔଷଧ ଭାବେ ବ୍ୟବହାର କରୁଥିଲେ । ପ୍ରତିଦିନ ଅଦା ଚା' ପିଇବା ଦ୍ୱାରା ଥଣ୍ଡା ଜନିତ ରୋଗରୁ ମୁକ୍ତି ମିଳିଥାଏ ।

# ଧୋକା ଡାଲନା

ବଙ୍ଗୀୟ ପରିବାରରେ ପର୍ବପର୍ବାଣୀ ଅବସରରେ ପ୍ରସ୍ତୁତ ହୋଇଥାଏ ଏହି ଖାଦ୍ୟ । ଏହାକୁ ଓଡ଼ିଆ ଘରେ ମଧ ପ୍ରସ୍ତୁତ କରାଯାଇଥାଏ । ଓଡ଼ିଆରେ ଏହାକୁ ବେସନ ତରକାରୀ କୁହାଯାଏ । ତେବେ ବଙ୍ଗୀୟ ପରିବାରରେ ପ୍ରସ୍ତୁତ ହେଉଥିବା ବେସନ ତରକାରୀର ସ୍ୱାଦ ଟିକେ ଭିନ୍ନ । ଓଡ଼ିଆ ଘରେ ପିଆଜ ମସଲାରେ ବେସନ ତରକାରୀ ପ୍ରସ୍ତୁତ ହେଉଥିବା ବେଳେ ବଙ୍ଗୀୟ ପରିବାରରେ ସାଧାରଣତଃ ପିଆଜ ବ୍ୟବହାର କରାଯାଏ ନାହିଁ । କେବଳ ଜିରା, କଞ୍ଚା ଲଙ୍କା, ଅଦା, ଧନିଆ ଆଦି ମସଲା ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପହିଲା ବୈଶାଖ, ଜାମାଇ ଷଷ୍ଠୀ, ଅକ୍ଷୟ ତୃତୀୟ ଆଦିରେ ଅଧିକାଂଶ ପରିବାରରେ ଧୋକା ଡାଲନା ପ୍ରସ୍ତୁତ ହୋଇଥାଏ । ବେସନ ବଦଳରେ ବୁଟ ଡାଲି ଓ ଗୋଟା ମଟରରେ ପ୍ରସ୍ତୁତ ହୋଇଥାଏ ବରା ଯାହାକୁ ବଙ୍ଗଳାରେ ଧୋକା କୁହାଯାଏ । କେହି କେହି ମସଲାରେ ନଡ଼ିଆ ଓ ଚାରମଗଜ ପେଷ୍ଟ ମିଶାଇ ଥାଆନ୍ତି । ନଡ଼ିଆ ରସ ମିଶିଗଲେ ଧୋକା ଡାଲନାର ସ୍ୱାଦ ଆହୁରି ବଢ଼ିଯାଏ । କୁହାଯାଏ ପୂର୍ବବଙ୍ଗର ଲୋକମାନେ ପଶ୍ଚିମବଙ୍ଗ ଲୋକଙ୍କ ତୁଳନାରେ ଅଧିକ ସୁସ୍ୱାଦୁ ଧୋକା ପ୍ରସ୍ତୁତ କରିପାରନ୍ତି । ତା' ହେଲେ ଆସନ୍ତୁ ଜାଣିବା ଏହି ସୁସ୍ୱାଦୁ ରେସିପିଟି କିପରି କରାଯାଏ ।

**ପ୍ରସ୍ତୁତି:**

ଧୋକା ଡାଲନା ପ୍ରସ୍ତୁତି ପାଇଁ ବୁଟ ଡାଲି, ଅଦା, କଞ୍ଚା ଲଙ୍କା, ଗୋଟା ଜିରା, ତେଜପତ୍ର, ଗୋଟା ଗରମ ମସଲା, ସ୍ୱାଦ ଅନୁସାରେ ଲୁଣ, ଚିନି, ଆଳୁ, ଅଳ୍ପ କୋରା ନଡ଼ିଆ, ଅଳ୍ପ ଚାରମଗଜ ଓ ଛାଣିବା ପାଇଁ ରିଫାଇନ୍ ତେଲ ଦରକାର । ଧୋକା ପ୍ରସ୍ତୁତ କରିବା ପାଇଁ ୨ କପ୍ ବୁଟ ଡାଲିକୁ ୩ରୁ ୪ଘଣ୍ଟା ବତୁରାଇ ଦିଅନ୍ତୁ । ଏହା ବତୁରିଗଲା ପରେ ଭଲ ପରି ଧୋଇ ମିକ୍ସିରେ ବୁଟ ଡାଲି ସହିତ ଛୋଟ ଖଣ୍ଡେ ଅଦା, ଦୁଇଟି କଞ୍ଚାଲଙ୍କା ମିଶାଇ ପେଷ୍ଟ କରିନିଅନ୍ତୁ । ଏଥର କରେଇରେ ଦୁଇରୁ ତିନି ଚାମଚ ତେଲ ଗରମ କରି ସେଥିରେ ଜୀରା ଫୁଟଣ କରି ବୁଟଡାଲି ପେଷ୍ଟକୁ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ । ଏହି ସମୟରେ ସେଥିରେ ସ୍ୱାଦ ଅନୁସାରେ ଲୁଣ, ଚିନି, ହଳଦୀ ମିଶାନ୍ତୁ । ଏହି ମିଶ୍ରଣରୁ ପାଣି ଶୁଖିଆସିଲେ ଥଣ୍ଡା ହେବାକୁ ଦିଅନ୍ତୁ । ଉଷୁମ ଥିବା ଅବସ୍ଥାରେ ଏକ ଥାଳିରେ ତଲ ମାରି ମିଶ୍ରଣଟିକୁ ଢାଳି ହାତରେ କିମ୍ବା ପିଠା ଖରିକାରେ ଚାପି ପ୍ଲେନ୍ କରିଦିଅନ୍ତୁ । ପୁରା ଥଣ୍ଡା ହେବାକୁ ଦିଅନ୍ତୁ । ଥଣ୍ଡା ହୋଇଗଲେ ପରେ ଦେଖିବେ ମିଶ୍ରଣଟି କମିଯାଇଥିବ । ଏଥର ଆପଣ ବରଫି ଆକାରରେ କାଟନ୍ତୁ । କରେଇରେ ଆବଶ୍ୟକତା ଅନୁସାରେ ରିଫାଇନ ତେଲ ଗରମ କରି ସେଥିରେ ଏହି କଟା ବରଫିଗୁଡ଼ିକ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜି ନିଅନ୍ତୁ । ଆଞ୍ଚ ଅଧିକ କରିବେ ନାହିଁ । ନହେଲେ ଭିତର ଅଂଶ କଞ୍ଚା ରହିଯିବ ଏବଂ ଉପରେ ହୋଇଯାଇଛି ବୋଲି ମନେ ହେବ । ଧୋକାଗୁଡ଼ିକ ଛାଣି ସାରିବା ପରେ ସେହି ତେଲରେ ଆଳୁକୁ ମଧମ ଧରଣ କାଟି ଭାଜି ନେବେ । ଏଥର ମିକ୍ସିରେ ଛୋଟ ଅଦା ଖଣ୍ଡେ, ସାମାନ୍ୟ ଜିରା, କଞ୍ଚାଲଙ୍କା, ଚାରମଗଜ, କୋରା ନଡ଼ିଆ ଏକାଠି ଭଲ କରି ପେଷ୍ଟ କରିନିଅନ୍ତୁ । କରେଇରେ ରିଫାଇନ ତେଲ ଗରମ କରି ସେଥିରେ ତେଜପତ୍ର, ଗୋଟା ଗରମ ମସଲା ପକାଇ ଭାଜି ସେଥିରେ ବଟା ମସଲା ପକାଇ କଷନ୍ତୁ ।



ମସଲା କଷିଲା ବେଳେ ଆଞ୍ଚ ଆଲୁକା ରଖିଥିବେ । ଏହାପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ, ହଳଦୀ, ଚିନି, ଧନିଆ ପାଉଡର, ଜିରା ପାଉଡର ଏବଂ ଭଜା ହୋଇଥିବା ଆଳୁ ପକାଇ ଆଉ ଥରେ କଷିବେ । ଆଳୁ ସିଝି ଆସିଲେଶ ଏବଂ ମସଲାରୁ ତେଲ ଛାଡ଼ି ଆସିଲେ ସେଥିରେ ଅଳ୍ପ ପାଣି ମିଶୀ ଫୁଟିବାକୁ ଦେବେ । ପାଣି ଫୁଟି ଆସିଲେ ଆଗରୁ ଛାଣି ରଖିଥିବା ଧୋକାଗୁଡ଼ିକୁ ଦେଇ ଅଳ୍ପ ସମୟ ଫଉଟାଇବେ । ଅଧିକ ସମୟ ଫୁଟାଇଲେ ଧୋକାଗୁଡ଼ିକ ଭାଙ୍ଗିଯାଏ । ଝୋଳ ଟିକେ ଶୁଖିଆସିଲେ ଉପରେ ଗରମ ମସଲା ପକାଇ ପରିବେଷଣ କରିବେ ।

# କାନ୍ଥକୁ ଦିଅନ୍ତୁ ନୂଆ ଲୁକ୍

ଘରର ସାଜସଜ୍ଜା କେବଳ ଆସବାବପତ୍ର ଉପରେ ନିର୍ଭର କରେ ନାହିଁ । ଘର କାନ୍ଥକୁ ଯଦି ଡେକୋରେଟ୍ କରାଯାଏ ତେବେ ଘର ଦିଶିବ ଆକର୍ଷଣୀୟ । କାନ୍ଥକୁ କେମିତି ଡେକୋରେଟ୍ କରିବେ ଆସନ୍ତୁ ଜାଣିବା ।

***ଡାର୍କ କଲର:***

ଯଦି ଆପଣଙ୍କ ଘର କାନ୍ଥ ଫିକା କିମ୍ବା ଧଳା ରଙ୍ଗର ଥାଏ ତା' ହେଲେ କାନ୍ଥର କୌଣରରସି ଗୋଟିଏ ଭାଗକୁ ଗାଢ଼ ରଙ୍ଗରେ ପେଣ୍ଟ କରି ନିଅନ୍ତୁ ।ଏବେ ନୀଳ ଏବଂ ଧୂସରର ଗାଢ଼ ରଙ୍ଗ ଟ୍ରେଣ୍ଡରେ ଅଛି । କାନ୍ଥରେ ଫ୍ରେମ୍ ଥିବା ଏକ ବଡ଼ ଆଇନା ଲଗାନ୍ତୁ । ବାସ୍ ଦେଖିବେ ଆପଣ ଘର ଭିତର କେମିତି ଚମକି ଉଠିବ ।

***ମେଟାଲିକ୍ ଟଚ୍:***

କପର, ବ୍ରୋଞ୍ଜ, ସିଲଭର, ଗୋଲ୍ଡ ଭଳି ମେଟାଲିକ ରଙ୍ଗରେ କୌଣସି ଏକ ନିର୍ଦ୍ଦିଷ୍ଟ କାନ୍ଥକୁ ହାଇଲାଇଟ୍ କରନ୍ତୁ । ପେଣ୍ଟ କରିବା ପରେରର କାନ୍ଥକୁ ସଜାଇବା ଭୁଲନ୍ତୁ ନାହିଁ । ଆପଣ କାଠ ଫ୍ରେମ୍‌ର କୌଣସି ବଡ଼ ଫଟୋକୁ କାନ୍ଥରେ ଝୁଲାଇ ପାରିବେ ।





***ଫ୍ଲୋରାଲ ଡିଜାଇନ୍:***

ଯଦି ଆପଣ ଘର କାନ୍ଥକୁ ଫ୍ଲୋରାଲ ଟଚ୍ ଦେବାକୁ ଚାହୁଁଛନ୍ତି ତେବେ ଛୋଟ ଛୋଟ ଫ୍ଲୋରାଲ୍ ପାଟର୍ନ ୱାଲ୍‌ରେ ସଜାନ୍ତୁ । ହାଲୁକା ରଙ୍ଗରର ଫ୍ଲୋରାଲ୍ ଡିଜାଇନ ଆପଣଙ୍କ ଘରକୁ ଦେବ ଯାଦୁକରି ସ୍ୱର୍ଶ । ପେଣ୍ଟ କରିବାକୁ ଚାହୁଁ ନଥିଲେ ଫ୍ଲୋରାଲ ଷ୍ଟିକରରେର ସଜାଇପାରିବେ ।

***ଟେକ୍ସଚର:***

ଗୋଟିଏ ପ୍ରକାର ରଙ୍ଗ ନିଶ୍ଚିତ ଭାବେ ମନରେ ବିରକ୍ତି ଭାବ ସୃଷ୍ଟି କରେର । ଗୋଟିଏ ପ୍ରକାର ରଙ୍ଗରେରର ଘରର ସୌନ୍ଦର୍ଯ୍ୟ କମ୍ ହୁଏ । ତେରୁ କାନ୍ଥକୁ ବିଭିନ୍ନ ପ୍ରକାର ଟେକ୍ସଚରରେ ସଜାନ୍ତୁ । ୱେନେସିୟନ ପ୍ଲାଷ୍ଟର ଟ୍ରାଏ କରନ୍ତୁ । ଏଥିରେ ମଲ୍ଟିଡାଇମେନ୍ସିଆଲ ଲୁକ୍ ମିଳିଥାଏ । ଆପଣରର ଗ୍ରେନିଙ୍ଗ୍ ଇଫେକ୍ଟ ବି ପାଇପାରିବେ । ଉଡ୍-ଗ୍ରେନ୍ ଫିନିଶ୍ କାନ୍ଥ ବେଶି ସୁନ୍ଦର ଲାଗିଥାଏ ।





***ୱାଲ୍ ପେପର୍:***

ୱାଲ୍ ପେପର ବି ଘରରକୁ ଦେଇପାରିବ ନୂଆ ଲୁକ୍ । ଡିଜାଇନର୍ ପେଣ୍ଟ ବଦଳରେ ୱାଲ ପେପର୍ ବ୍ୟବହାର କରନ୍ତୁ । ୱାଲ୍ ପେପର୍ ବାଛିବା ସମୟରେ ଧ୍ୟାନ ରଖିବେ ଯେ ଆପଣଙ୍କ ଘର କାନ୍ଥ ଅନ୍ୟାନ୍ୟ କାନ୍ଥ ସହିତ ମ୍ୟାଚ କରୁଥିବ । ଯଦି ଏଥିରେ କିଛି ନୂଆ ପାଟର୍ନ ଆଣିବାକୁ ଚାହୁଁଛନ୍ତି ବ୍ରିକ୍ କିମ୍ବା ଜିଓମେଟ୍ରିକ ସେପ୍‌ର ୱାଲ୍ ପେପର୍ ନେଇପାରିବେ ।

# ବାସ୍ତୁ ଦୋଷ ଦୂରେଇବା ପାଇଁ...

♦ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିତ୍ର କରନ୍ତୁ। ଏହାଦ୍ୱାରା ଘରୁ ବାସ୍ତୁ ଦୋଷ ଦୂର ହେବ । ପରିବାରରୁ ଅଶାନ୍ତି ଓ କଳହ ଦୂର ହେବ ।

♦ ଓସ୍ତ ପତ୍ର, ଆମ୍ବ ପତ୍ର କିମ୍ବା ଅଶୋକ ପତ୍ରରେ ମାଳ କରି ଦ୍ୱାରବନ୍ଧରେ ଟାଙ୍ଗନ୍ତୁ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇ ସୁଖ ଶାନ୍ତି ବୃଦ୍ଧି ହେବ ।

♦ ପ୍ରତିଦିନ ସକାଳୁ ଘର ଦ୍ୱାରମୁହଁରେ ଏକ କଳସ ବସାନ୍ତୁ । ଏହାଦ୍ୱାରା ସର୍ବଦେବତାଙ୍କର ଆର୍ଶୀବାଦ ମିଳିବ । ଫଳରେ ଘରେ ସକାରାତ୍ମକ ଶକ୍ତି ପ୍ରବେଶ କରିବ ଓ ବାସ୍ତୁ ଦୋଷ ନଷ୍ଟ ହୋଇଯିବ ।

♦ ଘରେ ପାନୀୟ ଜଳ ରଖୁଥିବା ସ୍ଥାନରେ ସକାଳେ ଓ ସନ୍ଧ୍ୟାରେ ଏକ ଘିଅ ଦୀପ ଲଗାନ୍ତୁ । ଏହାଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡ଼ିବାକୁ ଥିବା ବାସ୍ତୁ ଦୋଷ ଦୂର ହୋଇଯିବ । ଶରୀର ସୁସ୍ଥ ରହିବ ।

♦ ଘରର ମୁଖ୍ୟଦ୍ୱାରକୁ ସର୍ବଦା ସଫାସୁତୁରା ରଖନ୍ତୁ । ଏହାଦ୍ୱାରା ଘରେ ବାସ୍ତୁଦୋଷ ରହିବ ନାହିଁ । ସଫା ରଖିବା ଦ୍ୱାରା ଘରେ ସୁଖଶାନ୍ତି ବୃଦ୍ଧି ହେବ ।

♦ ଘର ମୁଖ୍ୟ ଦ୍ୱାରରେ ଏକ କାଚପାତ୍ରରେ ପାଣି ରଖି ସେଥିରେ ସୁଗନ୍ଧ ଫୁଲ ପକାନ୍ତୁ । ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇ ବସ୍ତୁ ଦୋଷ ଦୂର ହୋଇଯିବ ।







# ମାଇକ୍ରୋ ଫାଇନାନ୍ସ ଋଣୀ ମାନଙ୍କୁ ଋଣ ଛାଡ ଦାବୀରେ ବିକ୍ଷୋଭ




ବାରିପଦା, ୦୧/୭ (ନି.ପ୍ର): ମୟୂରଭ ଜିଲ୍ଲାରେ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଗୁଡିକର ବେଆଇନ ଋଣ ଆଦାୟ ଜନିତ ଜୁଲୁମ ଓ କରୋନା ମହାମାରୀ ସମୟରେ ସମ୍ପୂର୍ଣ୍ଣ ଋଣଛାଡ ଦାବୀରେ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମାଇକ୍ରୋ ଫାଇନାନ୍ସ ଋଣଗ୍ରହିତା ମଂଚ ପକ୍ଷରୁ ଏକ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାର ଜଣାଯାଇଛି । ଜାତୀୟ କରଣ ବ୍ୟାଙ୍କ ମାନେ ଅଣୁ କ୍ଷୁଦ୍ର ବ୍ୟବସାୟ , ହସ୍ତ ଶିଳ୍ପ, କୁଟିର ଶିଳ୍ପ ଆଦିପାଇଁ ଆର୍ଥିକ ଦୂର୍ବଳ ଶ୍ରେଣୀର ଲୋକଙ୍କୁ ସଠିକରେ ଋଣ ଯୋଗାଇ ଦେଉ ନଥିବାର ସୁଯୋଗ ନେଇ ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନେ ଉଚ୍ଚ ସୁଧ ହାରରେ ଏହି ଋଣ ଦେଣ ନେଣ କରୁଛନ୍ତି । ଚଳିତ ବର୍ଷ ମାର୍ଚ୍ଚ ମାସରୁ ଜନତା କର୍ଫ୍ୟୁ ଓ ପରେପରେ ଲକଡାଉନ ରାଜ୍ୟ ତଥା ଦେଶରେ ଲାଗୁ ହୋଇଥିବାରୁ ଲୋକେ ନାହିଁ ନଥିବା ସମସ୍ୟାରେ କାଳାତିପାତ କରୁଛନ୍ତି । ଜନସାଧାରଣ ରୋଜଗାର ହରାଇ ନିଜର ମୌଳିକ ଆବଶ୍ୟକତା ପୂରଣ କରିପାରୁ ନଥିବା ବେଳେ ଏହି ମାଇକ୍ରୋ ଫାଇନାନ୍ସ ସଂସ୍ଥା ମାନେ ଲୋକଙ୍କ ଠାରୁ ଜୋର ଜୁଲୁମ କରି ଋଣ ଅର୍ଥ ଆଦାୟ କରିବା ବେଶ ଦୁଃଖ ଓ ପରିତାପର ବିଷୟ ବୋଲି ବକ୍ତା ମାନେ କହିଥିଲେ । ରାଜ୍ୟ ସରକାରଙ୍କ ପ୍ରଚଳିତ ନିୟମ ଅନୁଯାୟୀ ସରକାରଙ୍କ ବିନା ଅନୁମତିରେ କୌଣଷି ସଂସ୍ଥା ଅର୍ଥ ନେଣଦେଣ କରିପାରିବେ ନାହିଁ । ଯଦି କୌଣଷି ସଂସ୍ଥା ବେଆଇନ କାର୍ଯ୍ୟକରେ ତେବେ ଜିଲ୍ଲାପାଳ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ତେବେ କରୋନା ମହାମାରୀ ସମୟରେ ଅମାନୁଷିକ ଭାବରେ ଋଣ ଆଦାୟ କରିବା ସମ୍ପର୍କରେ ବିଭିନ୍ନ ସମୟରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣଷି ଅଙ୍କୁଶ ନଲଗାଯାଉଥିବାରୁ ବିକ୍ଷୋଭକାରୀ ମାନେ କ୍ଷୋଭ ପ୍ରକାଶ କରିଥିଲେ । ମଂଚର ସଦସ୍ୟା କବିତା ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଜିଲ୍ଲା ଆବାହକ ପରମେଶ୍ୱର ମହାନ୍ତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଏହି ଆନ୍ଦୋଳନକୁ ସମର୍ଥନ କରି ସି.ପି.ଆଇ. ର ରାଜ୍ୟ ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର, ବକ୍ତବ୍ୟ ରଖି କୋଭିଡ -୧୯ ସମୟରେ ବଡବଡ କମ୍ପାନୀଙ୍କୁ ଋଣ ଛାଡ କରିବା ବଳି ଖବର ଶୁଣିବାକୁ ମିଳୁଥିବା ବେଳେ, ଏଭଳି ଗରୀବ ଖଙ୍କିଖିଆ ଲୋକଙ୍କ ଠାରୁ ସଂସ୍ଥା ମାନେ ଜୁଲୁମ କରି ଋଣ ଆଦାୟ କରିବା କାର୍ଯ୍ୟକୁ ନିନ୍ଦା କରିବା ସହିତ ସରକାର ଏଥିରେ ହସ୍ତକ୍ଷେପ କରି ଋଣ ଛାଡ କରିବା ଦରକାର ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୁଲତା ମଣ୍ଡଳ, ରିତା ତେଲେଙ୍ଗା, ସୁନିତା ପାତ୍ର, କବିତା ବିଛାଣି, ଲତିକା ପାତ୍ର, ଗୀତା ମଣ୍ଡା, ତ୍ରିନାଥ ପାତ୍ର, ବଳରାମ ମହାନ୍ତ, ରଥ ସିଂ, ବଳରାମ ମୁର୍ମୁ, ଶ୍ରୀକାନ୍ତ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ ଏକ ୪ଜଣିଆ ପ୍ରତିନିଧି ଦଳ ଓଡିଶା ମୁଖ୍ୟ ସାଶନ ସଚୀବଙ୍କ ଉଦେସ୍ୟରେ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ।

# ୪ ଜଣ ସ୍ଥାନୀୟ ବାସିନ୍ଦାଙ୍କ ଠାରେ କରୋନା ଚିହ୍ନଟ ପରେ ସଂପୃକ୍ତ ଅଂଚଳକୁ ସିଲ୍ କଲା ପ୍ରଶାସନ

## ୪ଟି ୱାର୍ଡ କଂଟେନମେଂଟ ଓ ୫ ୱାର୍ଡ ବଫର ଜୋନ୍ ଘୋଷିତ

ଗଞ୍ଜାମ, ୦୧/୭ (ନି.ପ୍ର): ସାରା ଓଡ଼ିଶାରେ କରୋନାର ଏକ ନମ୍ବର ହଟସ୍ପଟ୍ ହୋଇଛି ଗଞ୍ଜାମ ଜିଲ୍ଲା । ସଙ୍ଗରୋଧ ବାହାରୁ ସ୍ଥାନୀୟ ଲୋକେ ଚିହ୍ନଟ ହେଉଥିବାରୁ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଛି ।କୋଉଠି ନା କୋଉଠି ଏଥିପାଇଁ ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଦାୟୀ ବୋଲି ଆଲୋଚନା ହେଉଛି ।ବେଲଗୁଣ୍ଠାରେ ଗତକାଲି ସଙ୍ଗରୋଧ ବାହାରୁ ୪ ଜଣଙ୍କ ଠାରେ କରୋନା ଚିହ୍ନଟ ହୋଇଥିଲା ।ସେମାନଙ୍କ ମଧ୍ୟରୁ ଜଣେ ୩୮ବର୍ଷୀୟ ଯୁବକ,୬୦ ବର୍ଷୀୟ ତାଙ୍କ ମାଁ,ତାଙ୍କ ରେଡିମେଡ୍ ଗାର୍ମେଂଟ ଦୋକାନରେ କାମ କରୁଥିବା ୨୨ବର୍ଷୀୟ ସେଲସ ମ୍ୟାନ ଏବଂ ଅନ୍ୟ ଜଣେ ଜଳଖିଆ ଦୋକନୀଙ୍କ ୨୮ ବର୍ଷୀୟ ପୁଅ । ଚିହ୍ନଟ ହେବା ପରେ ଏମାନଙ୍କୁ କୋଭିଡ ଭ୍ୟାନରେ ଭଞ୍ଜନଗର କୋଭିଡ କେୟାର ସେଂଟରକୁ ପଠାଯାଇଥିଲା ।ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପ୍ରକାରେ ସେମାନେ ରହୁଥିବା ଅଂଚଳ ଏବଂ ଆଖପାଖ ଅଂଚଳ ତଥା ବେଲଗୁଣ୍ଠା ଏନ୍.ଏ.ସିର ୭,୮,୧୦,୧୧ ନଂ ୱାର୍ଡକୁ କଂଟେନମେଂଟ ଜୋନ୍ ଏବଂ ୩,୪,୬,୯,୧୨ ୱାର୍ଡକୁ ବଫର ଜୋନ୍ ଘୋଷଣା କରାଯାଇଛି । ତା ସହ ପରବର୍ତୀ ଆଦେଶ ପର୍ଯ୍ୟନ୍ତ ଔଷଧ ଦୋକାନ ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ କରି ସଂପୃକ୍ତ ଅଂଚଳକୁ ବାଉଁଶ ବାରିକେଡ୍ ତିଆରି କରାଯାଇ ଲୋକଙ୍କ ଯିବା ଆସିବା ବାରଣ କରାଯାଇଛି । ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ମଧ କରାଯାଉଛି । କିନ୍ତୁ ସେମାନଙ୍କ ସମ୍ପର୍କରେ ଆସିଥିବା କିଛି ବ୍ୟକ୍ତିଙ୍କ ଠାରେ ଲକ୍ଷଣ ଥିବାର ମଧ ଦେଖାଦେଇଛି ବୋଲି ଆଲୋଚନା ହେଉଛି । କରୋନା ଚିହ୍ନଟର ୩ ଦିନ ଏବଂ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ର ୨୪ ଘଂଟା ବିତିଯାଇଥିଲେ ମଧ ଖବର ଲେଖାହେବାବେଳକୁ ଅଂଚଳକୁ ସାନିଟାଇଜ କରାଯାଇନଥିବା ଜଣାପଡିଛି ।

# ପୋଲିସ ପକ୍ଷରୁ ମାସ୍କ ଚେକିଙ୍ଗ ଓ ଜୋରିମାନା ଆଦାୟ

କେନ୍ଦ୍ରାପଡ଼ା, ୦୧/୭ (ନି.ପ୍ର): କେନ୍ଦ୍ରାପଡା ଟାଉନ ଥାନା ପକ୍ଷରୁ ସହରର ବିଭିନ୍ନ ଅଂଚଳରେ ମଙ୍ଗଳବାର ମାସ୍କ ଚେକିଙ୍ଗ ଅଭିଯାନ କରାଯାଇଛି । ଥାନା ପକ୍ଷରୁ ୪ ଟି ଟିମ୍ ଗଠନ କରାଯାଇ ଇଛାପୁର, ପୁରୁଣା ଓ ନୂଆ ବସଷ୍ଟାଣ୍ଡ, ତିନିମୁହାଣୀ ପ୍ରଭୃତି ଅଂଚଳରେ ମାସ୍କ ପିନ୍ଧି ନଥିବା ବ୍ୟକ୍ତିମାନଙ୍କୁ ତାଗିଦା କରାଯିବା ସହ ଜୋରିମାନା ଆଦାୟ କରାଯାଇଥିଲା । କରୋନା କଟକଣାରେ ମାସ୍କ ପିନ୍ଧିବା ବାଧତା ମୂଳକ ଥିବାବେଳେ କେତେକ ଯୁବକ ଓ ବ୍ୟକ୍ତି ଖାମ ଖିଆଲିରେ ଏହା ପିନ୍ଧୁ ନଥିବା ଦେଖାଯାଇ ଥିଲା । ତେବେ ପୋଲିସ ଯାଂଚ କଡାକଡି କରାଗଲେ ସମସ୍ତେ ସଚେତନ ହୋଇ ପାରିବେ ରିପୋର୍ଟ ଲେକା ହେଲା ବେଳକୁ ଚେକିଂ ଚାଲୁ ଥିବାରୁ କେତେ ଟଙ୍କା ଜୋରିମାନା ଅଦାୟ ହୋଇଛି ତାହା ଜଣା ପଡିନାହିଁ ।

# ଇଟାଭାଟି ମାଫିଆଙ୍କ କବଜାରେ ବୈତରଣୀ ନଦୀ ପଠା

## ଶହ ଶହ ବେଆଇନ ଇଟା ଭାଟି ଏବେବି ଜଳୁଛି, ପାହାଡ ଭଳି କାଣ୍ଡି ହୋଇଛି ଇଟା ପ୍ରସ୍ତୁତ ପାଇଁ ବାଲିମାଟି, ପ୍ରଶାସନ ସବୁଦେଖି ଅନ୍ଧ, ନଦୀପଠା ଶବସଂସ୍କାର ସ୍ଥାନକୁ ବି ଛାଡିନାହାନ୍ତି ମାଫିଆ

କୋରେଇ, ୦୧/୭ (ନି.ପ୍ର): ବିଶ୍ୱ ମାହମାରୀ କରୋନା ସମସ୍ତଙ୍କୁ କବଳିତ କରିଛି । ଦୀର୍ଘ ୪ମାସ ହେଲା ସବୁ ଠପ ହୋଇ ଯାଇଛି । ଲୋକେ ଜିବୀକା ହରାଇ ଘରେ ହାତ ବାନ୍ଧି ବସିଛନ୍ତି । ମହାମାରୀ କରୋନା ଆମ ଜିଲ୍ଲାରେ ମଧ୍ୟ ତାର କାୟା ମେଲାଇ ଚାଲିଛି । ଜିଲ୍ଲାର ଅଧିକାଂଶ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ବେଳେ ଆଉ କିଛି ଏହାର ଫାଇଦା ଉଠାଉଛନ୍ତି । କେଉଁଠି ଚୋରା ବାଲି ଚାଲାଣ ତ କେଉଁଠି ମାଟି ଓ ମୋରମ କୁ ତାଡି ବିକ୍ରି କରୁଛନ୍ତି । ଚୋରା ଲଘୁ ଖଣିଜ ଚୋରା ଚାଲାଣରେ ଆମ ଜିଲ୍ଲା ପ୍ରଥମରେ ଅଛି । ସେହିଭଳି ଜିଲ୍ଲାର ବ୍ୟାସନଗର ତହସିଲର ବିଭିନ୍ନ ସରକାରୀ ଜାଗା ଓ ନଦୀପଠାରେ ବେଆଇନ ଇଟାଭାଟି ମାନ ଦେଖିବାକୁ ମିଳୁଛି । ସରକାରଙ୍କ କଟକଣା ସତ୍ୱେ ନାଲି ଇଟା ବେପାର ଦିନକୁ ଦିନ ବଢିବାରେ ଲାଗିଛି । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ନାଲି ଇଟା ଆଦୌ ପୋଡା ଯାଇ ପାରିବ ନାହିଁ କିନ୍ତୁ ଏ ନିୟମ କୁ ପ୍ରଶାସନ କଡାକଡି ଲାଗୁ ନକରିବା ଫଳରେ ବେଆଇନ ଇଟାଭାଟି ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ମୁଖ୍ୟତଃ ଜିଲ୍ଲା ଦେଇ ପ୍ରବାହିତ ହୋଇଥିବା ବେତରଣୀ ନଦୀ ପଠାକୁ ମାଫିଆମାନେ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି । ବ୍ୟାସନଗର ତହସିଲ ଅଧିନ ରଣପାଳ ରାଜସ୍ୱ କାର୍ଯ୍ୟଳୟ ଅଧିନରେ ଥିବା ମୁଳାପାଳ ଫଂଚାୟତର ସାଳବା,ସରସଦା, ଖିରୋ, ଧନତ୍ରୀ, ରଣପାଳ, ଗୋବିନ୍ଦପୁର, ମାଦଳା, ବରପଦା ଓ ମୁଳାପାଳ ଆଦି ଗ୍ରାମର କିଛି ଅସାଧୁ ଇଟା ବ୍ୟବସାୟୀ ବୈତରଣୀ ନଦୀପଠାକୁ ନିଜ କବଜାରେ ରଖିଛନ୍ତି । ଜେସିବି ଲଗାଇ ରାତିରେ ନଦୀ ପଠାରୁ ମାଟି ଉଠାଉଥିବା ବେଳେ ନଦୀରୁ ବେଆଇନ ବାଲି ଉଠାଣ କରି ନିଜ ବ୍ୟବସାୟ ବିନା ଭୟରେ ଚଳାଇଛନ୍ତି । ଯାହା ଦ୍ୱାରା ନଦୀପଠାରେ ବିରାଟ ବଡ ବଡ ଗର୍ତ୍ତ ସୃଷ୍ଟି ହୋଲାଣି ଏଥିଯୋଗୁ ନଦୀ ବନ୍ଧ ଦିନକୁ ଦିନ ଦୁର୍ବଳ ହେଉଛି । ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ।ବୈତରଣୀ ନଦୀ ପଠାରେ ଏବେବି ଶହ ଶହ ଇଟା ଭାଟି ଜଳୁଛି । ଅଧିକାରୀମାନେ ନଦୀ ବନ୍ଦରେ ଯାଉଛନ୍ତି । ଇଟା ଭାଟି ଗୁଡିକ ରାସ୍ତା କଡରେ ଜଳୁଥିଲେ ମଧ୍ୟ ମାଫିଆଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନେବାକୁ ହାତ ଯାଉନାହିଁ । ଯାହା ଦ୍ୱାରା ମାଫିଆମାନେ ପ୍ରଶାସନକୁ ଖୋ;ଲା ଚ୍ୟାଲେଂଜ ଦେବା ସହିତ ଲାଲେ ଲାଲେ ହେଉଛନ୍ତି । ମାଫିଆମାନେ ପ୍ରଭାବଶାଳୀଙ୍କ ବାହୁ ଛାୟା ତଳେ ରହି ଏଭଳି ଲୁଟ ଚଳାଇଛନ୍ତି । ଗତ କିଛିଦିନ ତଳେ ମୁଳାପାଳ ଗ୍ରାମ ନିକଟ ବୈତରଣୀ ନଦୀପଠାରେ ବେଆଇନଭାବେ ଗଛିତ ଶହଶହ ଟ୍ରିପ ବାଲିକୁ ବ୍ୟାସନଗର ତହସିଲଦାର ଡ. ଶରତ ଚନ୍ଦ୍ର ମହାପାତ୍ର ଏକ କମ୍ପାନିକୁ ନିଲାମ କରିଦେଇଥିଲେ କିନ୍ତୁ ପର ମୁହୁର୍ତରେ ଧାର୍ଯ୍ୟ ନିଲାମ ଅର୍ଥ କମ୍ପାନିକୁ ଦେଇ ବାଲି ଗଛିତ ରଖିଥିବା ଲୋକେ ଫେରାଇ ଆଣିଥିଲେ । ଯାହାଦ୍ୱାରା ସରକାର ରାଜସ୍ୱ ଆଦାୟ ବଢିଥିଲା । ସେହିପରି ଇଟା ମାଫିଆମାନେ ନଦୀପଠାରେ ବେଆଇନ ଭାବେ ଗଛିତ ରଖିଥିବା ବାଲି ମାଟିକୁ ସିଜ୍ କରି ପ୍ରସାଶନ ଦ୍ୱାରା ନିଲାମ କରାଗଲେ ମାଫିଆ ମାନଙ୍କ ଉପରେ ରୋକ ଲାଗିପାରନ୍ତା ଓ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଆଦାୟ ହୁଅନ୍ତା । ଏ ବିଷୟରେ ରଣପାଳ ରାଜସ୍ୱ ନିରିକ୍ଷକ ବସନ୍ତ କୁମାର ଦେହୁରୀଙ୍କ ସହିତ ଯୋଗା ଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ତହସିଲ ପ୍ରସାଶନ ପକ୍ଷରୁ ବେଆଇନ ଭାବେ ନଦୀ ପଠା ଓ ଅନ୍ୟ ସ୍ଥାନ ମାନଙ୍କରେ ଜଳୁଥିବା ଇଟା ଭାଟି ଗୁଡିକୁ ତୁରନ୍ତ ବନ୍ଦ କରିବା ସହିତ ସରକାରୀ ଜାଗାରେ ରଖାଯାଇଥିବା ବାଲି ମାଟିକୁ ନିଲାମ କରିବାକୁ ସାଧାରଣରେ ଦାବୀ ହେଉଛି ।

# କଂଗ୍ରେସ ସୋସିଆଲ ମିଡିଆର ୩୩ ଜଣିଆ ନୂଆ ଟିମ ଘୋଷଣା

ଭୁବନେଶ୍ୱର, ୦୧/୭ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ଓଡିଶା ସୋସିଆଲ ମିଡିଆ ଓ ଡିଜିଟାଲ କାମୁନିକେସନ ର ୩୩ ଜଣିଆ ନୂଆ ଟିମ ଘୋଷଣା କରାଯାଇଛି । ଏଥିରେ ଅଭିଷେକ ମହାନନ୍ଦ ଅଧକ୍ଷ ଥିବାବେଳେ ୧୨ ଜଣ ସାଧାରଣ ସମ୍ପାଦକ ଓ ୨୦ ଜଣ ସମ୍ପାଦକ ଅଛନ୍ତି ।ଏଆଇସିସି ସୋସିଆଲ ମିଡିଆ ବିଭାଗ ଓ ଓଡିଶା ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହା ଘୋଷଣା କରାଯାଇଛି । ଟିମ୍ ରେ ସାଧାରଣ ସମ୍ପାଦକ ଭାବେ ଚେତନ ମିଶ୍ର , ଜୋଇତା ରୟ , ଶିବମ୍ ପଟ୍ଟନାୟକ , ଅଭିଳାଶ ପତି,ସମ୍ବିତ ଶ୍ରୀଚନ୍ଦନ , ପୀତବାସ ପଣ୍ଡା, ସମସିଦା ତୟବ,ପ୍ରିୟବ୍ରତ ସାହୁ, ଶୈଳେନ୍ଦୁ ଦାସ,ପବନ ଶର୍ମା , ରବୀନ୍ଦ୍ର ଆଚାର୍ଯ୍ୟ ଓ ଦୀପକ କୁମାର ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି । ସେହିପରି ମିହିର ରାୟ ,ଚନ୍ଦନ ରାୟ,ମହିପରା ନିଖାତ୍,ଜଗତ ଜୀବନ ମହାନ୍ତି , ମାନସ ଆଚାର୍ଯ୍ୟ, ଚିନ୍ମୟ ହୋତା , ଆତିଥ୍ୟ ଦିବ୍ୟ ସିଂହ, ରଂଜିତ ପଣ୍ଡା , ଗଣେଶ ସାହୁ,ମୁରଲୀଧର ନାଏକ , ସୁବାସ ନାୟକ, ଅମିତ୍ ନାୟକ, ମୁକେଶ ଅଗ୍ରୱାଲ , ଅସଲମ୍ ଖାନ୍ , ବିନ୍ଦୁଜା ଉପାଧ୍ୟାୟ, ସତ୍ୟବ୍ରତ ଗୁରୁ, ବିଶ୍ୱଜିତ୍ ସ୍ୱାଇଁ, ;ସବ;ଜିତ୍ ପଟ୍ଟନାୟକ, ଚନ୍ଦନ ପଟ୍ଟନାୟକ ଓ ମାନସ ପରିଡାଙ୍କୁ ସମ୍ପାଦକ ଦାୟିତ୍ୱ ମିଳିଛି ।

# ମଧ୍ୟପ୍ରଦେଶରେ ପୁଣି ଜଣେ ଭାରତୀୟ ଜନତା ପାର୍ଟିର ବିଧାୟକ କରୋନା ସଂକ୍ରମିତ

ରିୱା, ୦୧/୭ (ନି.ପ୍ର): ମଧ୍ୟପ୍ରଦେଶରେ ବିଧାନସଭା ମତଦାନ ପରେ ଜଣେ ଭାଜପା ବିଧାୟକ କରୋନା ସଂକ୍ରମିତ ହୋଇଛନ୍ତି । ଏହା ବ୍ୟତୀତ ଏବେ ପୁଣି ଜଣେ ଭାଜପାର ବିଧାୟକଙ୍କ ରିପୋର୍ଟ ପଜିଟଭ ଆସିଛି । ରିୱା ଜିଲ୍ଲାର ସିରମୌର ବିଧାନସଭା ସିଟରେ ଭାଜପା ବିଧାୟକ ଦିବ୍ୟରାଜ ସିଂହ ଙ୍କ ରିପୋର୍ଟ ପଜିଟିଭ ଆସିଛି । ରିପୋର୍ଟ ଆସିବା ପରେ ସେ ଘରୋଇ ଏକାନ୍ତବାସରେ ଅଛନ୍ତି । କୁହାଯାଇଛି ଯେ, କିଛି ଦିନ ପୂର୍ବରୁ ଦିବ୍ୟରାଜ ସିଂହଙ୍କୁ ସର୍ଦ୍ଦି-କାଶ ଲାଗିରହିଥିଲା । ସେ ନିଜେ ପରୀକ୍ଷା କରାଇଥିଲେ । ଚିକିତ୍ସକଙ୍କ ଦ୍ୱାରା ତାଙ୍କ ସାମ୍ପଲ ନେଇ କରୋନା ଟେଷ୍ଟ ପାଇଁ ପଠାଯାଇଥିଲା । ସୋମବାର ଦିନ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା । ଏହା ବାଦ ସେ ନିଜେ ତାଙ୍କ ଘରେ ଏକାନ୍ତବାସରେ ଥିଲେ । ସ୍ୱାସ୍ଥ୍ୟ ବିଭାଗ ଟିମ୍ ପହଂଚି ତାଙ୍କ ପରିବାରର ସଦସ୍ୟଙ୍କ ମଧ ସାମ୍ପଲ ନେଇ ଯାଂଚ ପାଇଁ ପଠାଇଥିଲେ । ଏହା ପୂର୍ବରୁ ଭାଜପା ବିଧାୟକ ଓମପ୍ରକାଶ ସକଲେଚା ଏବଂ ତାଙ୍କ ପତ୍ନୀ କରୋନା ସଂକ୍ରମିତ ହୋଇଥିଲେ । ଏବେ ଭାଜାପାର ଦ୍ୱିତୀୟ ବିଧାୟକ ସଂକ୍ରମିତ ହୋଇଛନ୍ତି ।

# କେନ୍ଦୁଝର ଜିଲ୍ଲାରେ୬ ନୂଆ କରୋନା ଆକ୍ରାନ୍ତ: ମୋଟ ସଂଖ୍ୟା୧୪୫କୁ ବୃଦ୍ଧି: ସୁସ୍ଥ ୯୩

କେନ୍ଦୁଝର, ୦୧/୭ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଆଜି ମଙ୍ଗଳବାର ଦିନ ପୁଣି ୬ ଜଣ ନୂଆ କରୋନା ପଜିଟିଭ ଆକ୍ରନ୍ତ ଚିହ୍ନଟ ହୋଇଛନ୍ତି । ମଙ୍ଗଳବାର ଦିନ ସକାଳ ୯ ଟା ସୁଦ୍ଧା ଗତ ୨୪ ଘଂଟା ମଧ୍ୟରେ ଏହି ଆକ୍ରାନ୍ତ ମାନେ ଚିହ୍ନଟ ହୋଇଛନ୍ତି । ଚିହ୍ନଟ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୫ ଜଣ କ୍ୟୁରେଂଟାଇନ ସେଂଟରରୁ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ସଂକ୍ରାମିତ ଥିବା ସଂପର୍କରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏମାନଙ୍କ ମଧ୍ୟରୁ ୩ ଜଣ ତାମିଲନାଡୁ ରୁ ଫେରିଥିବା ବେଳେ ଜଣେ ମହାରାଷ୍ଟ୍ର ରୁ ଏବଂ ଜଣେ କର୍ଣ୍ଣାଟକ ରୁ ଫେରିଥିବା ସୂଚନା ମିଳିଛି । ଏବଂ ଏହି ୫ ଜଣ କରୋନା ଆକ୍ରାନ୍ତ ଘଷିପୁରା ବ୍ଲକ ଏବଂ ଚମ୍ପୁଆ ବ୍ଲକ ଅସ୍ଥାୟୀ ମେଡିକାଲ ସେଂଟରେ କ୍ୟାରେଂଟାଇନ କେନ୍ଦ୍ରରେ ରହିଥିଲେ । ଅନ୍ୟ ଜଣେ ସ୍ଥାନୀୟ ଆକ୍ରାନ୍ତ ହୋଇ ଥିବା ବେଳେ ସେ ଘଷିପୁରା ବ୍ଲକ ଅଞ୍ଚଳର ଏବଂ ସେ ଜୁନ ୧୬ ତାରିଖ ଠାରୁ କଟକସ୍ଥିତ ଆଚାର୍ଯ୍ୟ ହରିହର ରିଚର୍ଚ୍ଚ କ୍ୟାନସର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କ ଠାରେ କରୋନା ପଜିଟିଭ ଚିହ୍ନଟ ହୋଇଥିଲା । ଫଳରେ ବର୍ତମାନ ଜିଲ୍ଲାରେ ସର୍ବମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୪୫ ରେ ପହଞ୍ଚିଥିବା ବେଳେ ୯୩ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏବଂ ବର୍ତମାନ ଜିଲ୍ଲାରେ ଆକ୍ଟିଭ କେଶ ୫୨ ରହିଅଛି । ଇତି ମଧ୍ୟରେ ୫୦ରୁ ଉର୍ଦ୍ଧ ଆକ୍ଟିଭ କେଶ ରହିଥିବା ଜିଲ୍ଲା ଗୁଡିକୁ ରାଜ୍ୟ ସରକାର ଶନିବାର ଓ ରବିବାର ୨ ଦିନ ସଟଂ ଡାଉନ ଘୋଷଣା କରିଥିବା କରାଣରୁ କେନ୍ଦୁଝର ଜିଲ୍ଲା ମଧ୍ୟ ମଧ୍ୟ ତା ମଧ୍ୟରେ ରହିଅଛି ।

# ଟ୍ରେନ ବେଗ ବୃଦ୍ଧି ପାଇଁ କଟକ ଓ ଭୁବନେଶ୍ୱର ଷ୍ଟେସନରେ ବାଲାଷ୍ଟ ଟ୍ରାକ ନିର୍ମାଣ

ଭୁବନେଶ୍ୱର, ୦୧/୭ (ନି.ପ୍ର): ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଡାଉନ ମେନ ଲାଇନ ଏବଂ କଟକ ରେଳ ଷ୍ଟେସନ ଠାରେ ଅପ ମେନ ଲାଇନରେ ଉଚ୍ଚ କ୍ଷମତା ସମ୍ପନ୍ନ ମେସିନ ବ୍ୟବହାର କରାଯାଇ ଟ୍ରେନ ଚଳାଚଳରେ ୧୫ କି.ମି. ପ୍ରତି ଘଂଟା ନିୟନ୍ତ୍ରିତ ବେଗକୁ ପରିବର୍ତନ କରାଯାଇ ବ୍ୱାଲାଷ୍ଟ ଟ୍ରାକ ସ୍ଥାପନ କରାଯାଇଛି । ଯାହାଦ୍ୱାରା ଏହି ଲାଇନ ଗୁଡିକରେ ଟ୍ରେନ ଗୁଡିକର ବେଗ ବୃଦ୍ଧି କରାଯାଇ ପାରିବ । ପୂର୍ବରୁ ଖରାପ ହୋଇଯାଇଥିବା ୱାସେବଲ ଆପ୍ରନ ଯୋଗୁଁ ଟ୍ରେନ ଗୁଡିକର ବେଗକୁ ନିୟନ୍ତ୍ରିତ କରାଯାଉଥିଲା । ଏହାକୁ ବଦଳାଯାଇ ବାଲାଷ୍ଟ ଟ୍ରାକ କରାଯିବାର ଯୋଜନା ଥିଲା । ଏହି କାର୍ଯ୍ୟକୁ କରିବା ପାଇଁ ନିୟମିତ ଟ୍ରେନ ସେବାକୁ ଅନେକ ଦିନ ପାଇଁ ପ୍ରଭାବିତ କରିବାକୁ ପଡିଥାନ୍ତା ଯାହା କଷ୍ଟସାଧ ହୋଇଥାନ୍ତା । ଲକ୍ ଡାଉନର ପ୍ରାରମ୍ଭିକ ସମୟରେ ଟ୍ରେନ ସେବାକୁ ସମ୍ପୂର୍ଣ୍ଣ ଭାବେ ବାତିଲ କରାଯାଇଥିଲା ଏବଂ ପରେ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଶ୍ରମିକ ସ୍ୱତନ୍ତ୍ର ଟ୍ରେନ ସହିତ କେତେକ ଅନ୍ତରାଜ୍ୟ ଓ କିଛି ଆନ୍ତଃରାଜ୍ୟ ଟ୍ରେନ ଚଳାଚଳ କରାଯାଉଛି । ପୂର୍ବତଟ ରେଳପଥ ଉଭୟ କଟକ ଓ ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପୂର୍ବର ୱାସେବଲ ଆପ୍ରନ ଗୁଡିକୁ ପରିବର୍ତନ କରି ବାଲାଷ୍ଟ ଟ୍ରାକ ବିଛାଇ ଏହି ସମୟ ମଧରେ କାର୍ଯ୍ୟ ସମ୍ପାଦନ କରିଛି । ନିୟମିତ ଟ୍ରେନ ଚଳାଚଳ କରୁଥିବା ସମୟରେ ଏହି କାର୍ଯ୍ୟ ସମ୍ପାଦନ କରିବାକୁ ହୋଇଥିଲେ ହାଓଡ଼ା-ଚେନ୍ନାଇ ବ୍ୟସ୍ତ ବହୁଳ ରେଳ ମାର୍ଗରେ ଅନେକ ଦିନ ପାଇଁ ବହୁ ଟ୍ରେନ ସେବାକୁ ବାତିଲ କରିବାକୁ ପଡିଥାନ୍ତା ।ଏହା ସହିତ ଉଭୟ ଷ୍ଟେସନ ଠାରେ ନିୟନ୍ତ୍ରିତ ଟ୍ରେନ ବେଗକୁ ପରିବର୍ତନ କରାଯାଇ ଘଂଟା ପ୍ରତି ୧୫ କି.ମି ପରିବର୍ତେ ବେଗ କୁ ବୃଦ୍ଧି କରାଯାଇ ଘଂଟା ପ୍ରତି ୧୧୦ କି.ମି ବେଗରେ ଚଳାଚଳ କରାଇବା ପାଇଁ କାର୍ଯ୍ୟକାରୀ କରାଯାଇଛି । ଏହା ଫଳରେ ଟ୍ରେନ ଟ୍ରାଫିକ କୁ ବୃଦ୍ଧି କରାଯାଇ ପାରିବ ଏବଂ ଟ୍ରେନ ବେଗ ବୃଦ୍ଧି ସମ୍ବନ୍ଧିତ ରେଳ ମନ୍ତ୍ରଣାଳୟର ମିଶନକୁ ମଧ ସହାୟକ ହୋଇପାରିବ ।

# ପେଟ୍ରୋଲ୍ ଓ ଡ଼ିଜେଲ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ସିପିଏମ୍ ଓ ସିପିଆଇ ପକ୍ଷରୁ ମିଳିତ ଗଣଧାରଣା ଓ ବିକ୍ଷୋଭ

ବାରିପଦା, ୦୧/୭ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଥିବା ବେଳେ ଭାରତରେ କ୍ରମାଗତ ଭାବେ ପ୍ରତ୍ୟେକ ଦିନ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ଯାହାର ପ୍ରଭାବ ସିଧାସଳଖ ଭାବେ ଅର୍ଥନୀତି ଉପରେ ପ୍ରତିଫଳିତ ହେଉଛି । ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ସହିତ ତାଳ ଦେଇ ବଜାର ହୁ ହୁ ହୋଇ ବୃଦ୍ଧିପାଇବାରେ ଲାଗିଛି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନଡ଼ିଏ ସରକାର ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ଘଟାଇ ଜନସାଧାରଣଙ୍କୁ ଲୁଣ୍ଠନ କରିବାରେ ଲାଗିଛନ୍ତି । ଏହି ସମୟରେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ପରିଚାଳିତ ବିଜେଡ଼ି ସରକାର ଧୃତରାଷ୍ଟ୍ର ସାଜି କିଛି ନ ଦେଖିବା, ନ ଜାଣିବାର ଅଭିନୟ କରୁଛି । କେନ୍ଦ୍ରରେ ବିଜେପିର ସମସ୍ତ କାର୍ଯ୍ୟରେ ବିଜେଡ଼ି ମୁଣ୍ଡ ହଲାଇ ସମର୍ଥନ ଦେଉଥିବା ବେଳେ ଓଡ଼ିଶାରେ ବିଜେଡ଼ିକୁ ବିଜେପି ବିଭିନ୍ନ କ୍ଷେତ୍ରରେ ସୁରକ୍ଷା ଦେଇଆସୁଛି । ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧିକୁ ନେଇ ବିଜେଡ଼ି ମୁହଁ ନ ଖୋଲିବା ବିଜେଡ଼ିର ଦୋମୁହାଁ ନୀତିକୁ ପଦାରେ ପକାଇ ଦେଇଛି ବୋଲି ସିପିଏମର ଜିଲ୍ଲା ସମ୍ପାଦକ କମ୍ରେଡ଼ ରବି ଗୋସ୍ୱାମୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ସିପିଏମ୍ ଓ ସିପିଆଇ ପକ୍ଷରୁ ଆୟୋଜିତ ମିଳିତ ଗଣଧାରଣା ଓ ବିକ୍ଷୋଭ ସମାବେଶରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ପ୍ରତିବାଦରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଓ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ମିଳିତ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ସିପିଏମର ଜିଲ୍ଲା ସମ୍ପାଦକ କମ୍ରେଡ଼ ରବି ଗୋସ୍ୱାମୀଙ୍କ ନେତୃତ୍ୱ ଓ ଜିଲ୍ଲା କମିଟି ସଦସ୍ୟ ଅମଳ ଦେ ପ୍ରମୁଖଙ୍କ ସମେତ ଜିଲ୍ଲା କମିଟି ସଦସ୍ୟ ଦାମୋଦର ମୁର୍ମୁ, ରଘୁନାଥ ପଣ୍ଡା, ଅକ୍ଷୟ ଝୁଂଟିଆ, ମନୋରଞ୍ଜନ ପରିଡ଼ା, ଅଶୋକ ଭଞ୍ଜଦେଓ, କ୍ଷିତିଶ ସାସମଲ ଏବଂ ସିପିଆଇର ରାଜ୍ୟ କମିଟିର ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର, ମୟୂରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ଜଗବନ୍ଧୁ ମିଶ୍ର, ତ୍ରିନାଥ ପାତ୍ର, ବଳରାମ ମହାନ୍ତ, ବଳରାମ ମୁର୍ମୁ, ରଥ ସିଂ, ଚୈତନ୍ୟ ପୁର୍ତି, ଶ୍ରୀକାନ୍ତ ସାମଲ, ସୁଦର୍ଶନ ରାଉଳ, ଜିଲ୍ଲା ଆବାହକ ପରମେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଏବଂ ଦେଶବାସୀଙ୍କର ବୃହତର ସ୍ୱାର୍ଥ ଅନ୍ତର୍ନିହିତ ରହିଥିବା କାରଣରୁ ଦେଶରେ ପେଟ୍ରୋଲ ଓ ଡ଼ିଜେଲର ମୂଲ୍ୟ ବୃଦ୍ଧିକୁ ରୋକାଯିବା ସଂଗେସଂଗେ ବର୍ଦ୍ଧିତ ମୂଲ୍ୟକୁ ଅବିଳମ୍ବେ ପ୍ରତ୍ୟାହାର କରାଯିବା ନିମନ୍ତେ ସିପିଏମ୍ ପକ୍ଷରୁ ଦାବି କରାଯାଇଛି । ଆଜିର ଏହି ବିକ୍ଷୋଭ ଓ ଗଣଧାରଣା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସିପିଏମର ଏସ.କେ. ମହମ୍ମଦ ରିଜୁଆନ, ଏସକେ କାସେତ୍ ରାୟ, କମଳ ମହାନ୍ତ, ଅନୀଲ ମହାନ୍ତ, ସତ୍ୟନାରାୟଣ ସେଠୀ, ବିରଂଚି ସିଂ, ଅଶୋକ ବେହେରା, ଜୀବନ ମହାକୁଡ଼, ଗଙ୍ଗାଧର ସାମଲ, ସୁବାଷ ତ୍ରିପାଠୀ, ସନ୍ତୋଷ ଗିରି ଏବଂ ସିପିଆଇର ଚିତରଞ୍ଜନ ବାରିକ, ବିକାଶ ପାତ୍ର, ନଳିନୀ କୁମାର ଦାସ, ଦୁର୍ଗା ମାର୍ଣ୍ଡି, ମମତାଜ ବୋଷ ପ୍ରମୁଖ ଶତାଧିକ ନେତା, କର୍ମକର୍ତା ଓ ସମର୍ଥକ ଯୋଗ ଦେଇଥିଲେ ।

# ଦୋସିଙ୍ଗାରେ ସରକାରଙ୍କ ରାସନ ସାମଗ୍ରୀ ବାଟମାରଣା, ୪୦ ମାସ ଧରି ରାସନ ସାମଗ୍ରୀ ହଡ଼ପ ଅଭିଯୋଗ ଆଣିଲେ ଦାଦନ ଉପଭୋକ୍ତା

ଭଦ୍ରକ, ୧/୭ (ହି.ସ.) - ମାସେ ନୁହେଁ କି ବର୍ଷେ ନୁହେଁ ଦୀର୍ଘ ୪୦ ମାସ ଧରି ଦୋସିଙ୍ଗା ପଂଚାୟତର ଜଣେ ଦାଦନ ଉପଭୋକ୍ତାଙ୍କ ରେସନ ସାମଗ୍ରୀ ହରିଲୁଟ କରି ଚାଲିଛନ୍ତି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଦୋସିଙ୍ଗା ପଂଚାୟତର ଜୈନିକ ଡିଲର । ସରକାରଙ୍କ ଖାତାରେ ଖାଉଟି ଙ୍କ ନାମ କଟିଯାଇଥିବା ଦର୍ଶାଇ ଦୀର୍ଘ ୪୦ମାସ ଧରି ୧ହଜାର କିଲୋ ରାସନ ସାମଗ୍ରୀ ହଡପ କରି ନେଇଛନ୍ତି ସଂପୃକ୍ତ ଡିଲର । ଖବରରୁ ପ୍ରକାଶ ଦୋସିଙ୍ଗା ପଂଚାୟତର ଖୁଦୀରାମ ସାମନ୍ତଙ୍କ (ଖାଉଟି କାର୍ଡ ୦୪୦୫୧୧୧୨୩୭) ସେହି ଗ୍ରାମର ବାସିନ୍ଦା ହୋଇଥିବା ବେଳେ ସରକାରଙ୍କ ତରଫରୁ ୨୬ ଅକ୍ଟୋବର ୨୦୧୫ ମସିହାରେ ସେ ପ୍ରଥମ କରି ଖାଉଟି ସାମଗ୍ରୀ ସଂପୃକ୍ତ ଡିଲର ଜୟଜଗନ୍ନାଥ ଏସଏଚଜି ପାଖରୁ ନେଇଥିଲେ । ପରେ ନିଜର ଆର୍ଥିକ ସ୍ଥିତି ଖରାପ ହେବାରୁ ସେ ନିଜର ପରିବାରକୁ ଛାଡି ତାମିଲନାଡୁକୁ ଦାଦନ ଖଟିବାକୁ ଚାଲିଯାଇଥିଲେ ।ଘରର ବୃଦ୍ଧ ବାପା, ମା, ସ୍ତ୍ରୀ ଏବଂ ଛୋଟ ଛୁଆ ସରକାରଙ୍କ ଅନୁଦାନକୁ ଚାହିଁ ବସିଥିବା ବେଳେ ଚଂଚକତା କରି ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକା ଏହି ଗରିବ ଦାଦନ ପରିବାରର ରାସନ ସାମଗ୍ରୀ ହଡପ ଆରମ୍ଭ କରିଥିଲେ ।ତେବେ ମାତ୍ର ୭ମାସ ରାସନ ସାମଗ୍ରୀ ଦେବା ପରେ ସଂପୃକ୍ତ ଡିଲର ଖୁଦୀରାମଙ୍କ ନାମ ସରକାରଙ୍କ ଖାଉଟି ଖାତାରୁ କଟିଯାଇଥିବା ଦର୍ଶାଇଥିଲେ । ପରେ ସେ ଆଉ ଖାଉଟି ସାମଗ୍ରୀ ପାଇ ପାରି ନଥିଲେ । ଦୀର୍ଘ ଦିନ ପରେ କୌଣସି ସୂତ୍ରରୁ ଖବର ପାଇ ଖୁଦୀରାମ ଚାନ୍ଦବାଲି ବିଡିଓଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ଜାଣିବାକୁ ପାଇଲେ ସରକାରଙ୍କ ଖାତାରେ ତାଙ୍କ ପରିବାରର ୫ଜଣଙ୍କ ନାମରେ ଆଜି ପର୍ଯ୍ୟନ୍ତ ଖାଉଟି ସାମଗ୍ରୀ ଦିଆଯାଉଛି ଓ ସଂପୃକ୍ତ ଡିଲର (ଜୟ ଜଗନ୍ନାଥ ଏସଏଚଜି) ସଂପାଦିକା ଏହି ସାମଗ୍ରୀ ଗୁଡିକ ନିଜେ ଆତ୍ମସାତ କରିଛନ୍ତି । ଏ ବିଷୟରେ ଅଭିଯୋଗ ପରେ ଚାନ୍ଦବାଲି ବିଡିଓ ବିଜୟ ନାୟକ ଏଥିରେ ଆଶ୍ଚର୍ଯ୍ୟ ପ୍ରକଟ କରି ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠିର ସଂପାଦିକା ନିଳୀମା ନାୟକଙ୍କୁ ସଂପୃକ୍ତ ଖାଉଟି ଖୁଦୀରାମ ସାମନ୍ତଙ୍କୁ ଦୀର୍ଘ ୪୦ମାସର ରାସନ ସାମଗ୍ରୀ ଦେବାକୁ ଆଦେଶ ଦେଇଥିଲେ, ମାତ୍ର ଆଦେଶ ପାଇବା ପରେ ସଂପୃକ୍ତ ଡିଲର ନିଜର ପତିଆରା ଦେଖାଇ ବିଡିଓଙ୍କ କଥାକୁ ଅମାନ୍ୟ କରି ଖୁଦୀରାମକୁ ମାତ୍ର ୨ମାସର ଖାଉଟି ସାମଗ୍ରୀ ଦେବାକୁ ରାଜି ହୋଇଥିଲେ । ୪୦ମାସ ବଦଳରେ ମାତ୍ର ୨ମାସର ରାସନ ସାମଗ୍ରୀ ନେବାକୁ ଖୁଦୀରାମ ମନା କରିବାସହ ପୁନଶ୍ଚ ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହେବା ସହ ସଂପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକାଙ୍କ ନାମରେ ଧାମରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହା ସଂପୂର୍ଣ ଭିତିହୀନ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀର ସଂପାଦିକାଙ୍କ ସ୍ୱାମୀ କହୁଥିବା ବେଳେ ଚାନ୍ଦବାଲି ବିଡିଓ ଏହି ଅଭିଯୋଗ ଉପରେ ତଦନ୍ତ କରାଯାଇ ସତ୍ୟତା ଥିଲେ ସଂପୃକ୍ତ ଡିଲରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ପ୍ରତିକ୍ରିୟା ରଖିଥିଲେ ।

# ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଚଳିତବର୍ଷ ଏପ୍ରିଲରୁ ନଭେମ୍ବର ମଧ୍ୟରେ ହିତାଧିକାରୀଙ୍କୁ ଯେଉଁ ଖାଦ୍ୟଶସ୍ୟ ଓ ଡାଲି ଯୋଗାଇ ଦିଆଯିବ ତାହାର ମୂଲ୍ୟ ପ୍ରାୟ ୧,୪୮,୯୩୮ କୋଟି ଟଙ୍କା

ନୂଆଦିଲ୍ଲୀ, ୦୧ ଜୁଲାଇ (ହି.ସ.) ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ସଂପ୍ରସାରଣ ଚଳିତବର୍ଷ ନଭେମ୍ବର ଶେଷ ପର୍ଯ୍ୟନ୍ତ ଚାଲୁ ରହିବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଘୋଷଣା କରିଥିଲେ । ସେ କହିଥିଲେ ଯେ ଜୁନ୍ ?ରେ ଶେଷ ହୋଇଥିବା ଏହି ଯୋଜନାର ମିଆଦକୁ ଆଉ ୫ମାସ ବଢାଇ ଦିଆଯାଇଛି ଏବଂ ଜୁଲାଇ ମାସରୁ ଏହି ପରିବର୍ଦ୍ଧିତ ବ୍ୟବସ୍ଥା ଲାଗୁ ହେବ । ଏହି ୫ମାସ ମଧ୍ୟରେ ୮୦ କୋଟିରୁ ଅଧିକ ଲୋକଙ୍କୁ ମୁଣ୍ଡପିଛା ପ୍ରତି ମାସରେ ୫ କେଜି ଗହମ କିମ୍ବା ଚାଉଳ ଓ ଏକ କେଜି ଡାଲି ପରିବାର ପିଛା ଯୋଗାଇ ଦିଆଯିବ । କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଏ ସଂପର୍କରେ ଏହି ଯୋଜନାରେ ଯୋଗାଇ ଦିଆଯାଉଥିବା ଖାଦ୍ୟଶସ୍ୟର ବ୍ୟୟ ଆକଳନ କରିଛି । ତଦନୁସାରେ ମୁଣ୍ଡପିଛା ୫ କେଜି ଗହମ/ଚାଉଳ ଗତ ୩ମାସ ମଧ୍ୟରେ (ଏପ୍ରିଲ, ମେ, ଜୁନ୍ ?) ଯାହା ଯୋଗାଇ ଦିଆଯାଇଛି, ସେଥିରେ କେବଳ ସବ୍ ?ସିଡି ବାବଦରେ ସରକାରଙ୍କର ୪୪,୧୩୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଚାଉଳ ବାବଦରେ ମେଟ୍ରିକ ଟନ ପିଛା ମୋଟ ଆର୍ଥିକ ଖର୍ଚ୍ଚ ୩୭,୨୬୭.୬୦ ଟଙ୍କା ଓ ଗହମ ବାବଦରେ ୨୬,୮୩୮.୪୦ ଟଙ୍କା ହିସାବ କରାଯାଇଛି । ଆହୁରି ମଧ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଯେଉଁ ଖାଦ୍ୟଶସ୍ୟ ବିଭିନ୍ନ ରାଜ୍ୟକୁ ପଠାଯାଉଛି ତାହାର ପରିବହନ ଓ ବୋଝେଇ ଖଲାସ ବାବଦ ଖର୍ଚ୍ଚ ଏବଂ ଡିଲର କମିସନ ବାବଦ ବ୍ୟୟକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହନ କରିବା କଥା । ଏଥିପାଇଁ ଖାଦ୍ୟ ନିରାପତ୍ତା ଆଇନରେ ଅନୁପାତ ନିର୍ଦ୍ଧାରିତ ହୋଇଛି । ତେବେ କେନ୍ଦ୍ର ସରକାର ଏହି ଯୋଜନାରେ ବାବଦ ସମସ୍ତ ବ୍ୟୟ ବହନ କରୁଛନ୍ତି । ତେଣୁ ସେଥିପାଇଁ ୧,୯୩୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ପରିବହନ ଓ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ କରିବାକୁ ପଡିବ । ତେଣୁ ଏସବୁକୁ ମିଶାଇ ଖାଦ୍ୟଶସ୍ୟ ସବ୍ ?ସିଡି ଏହାର ପରିବହନ, ଡିଲର ଦେୟ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ କେନ୍ଦ୍ର ସରକାର ମୋଟ ୪୬,୦୬୧ କୋଟି ଟଙ୍କା ଖର୍ଚ୍ଚ କରିବେ । ଏହି ହିସାବରେ ଏପ୍ରିଲରୁ ଜୁନ୍ ? ତଥା ଜୁଲାଇରୁ ନଭେମ୍ବର ମୋଟ ୩୨ ନିୟୁତ ଟନ ଚାଉଳ ଓ ଗହମ ସଂପୃକ୍ତ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଦିଆଯାଉଥିବାରୁ ସେ ବାବଦରେ ସରକାର ପ୍ରାୟ ୧,୨୨,୮୨୯ କୋଟି ଟଙ୍କା ଖର୍ଚ୍ଚ କରିବେ । ଖାଉଟି ବ୍ୟାପାର ବିଭାଗର ହିସାବ ଅନୁସାରେ ଏପ୍ରିଲ-ଜୁନ୍ ? ମଧ୍ୟରେ ଯୋଗାଇ ଦିଆଯାଇଥିବା ଡାଲି ମୂଲ୍ୟ ୫ ହଜାର କୋଟି ଟଙ୍କା ହୋଇଥିବାବେଳେ ଜୁଲାଇରୁ ନଭେମ୍ବର ଶେଷଯାଏଁ ଯେଉଁ ଡାଲି ଦିଆଯିବ ତାହା ୬,୮୦୦ କୋଟି ଟଙ୍କା ବୃଦ୍ଧି ପାଇ ମୋଟ ୧୧,୮୦୦ କୋଟି ଟଙ୍କାରେ ପହଞ୍ଚିବ । ଏହା ସହିତ ପ୍ରବାସୀ ଶ୍ରମିକଙ୍କୁ ସରକାର ଦୁଇମାସ ପାଇଁ ଯେଉଁ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦେଇଛନ୍ତି ସେ ବାବଦରେ ମୋଟ ୩,୧୦୯.୫୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ହିସାବ କରାଯାଇଛି । କେନ୍ଦ୍ରୀୟ ଭଣ୍ଡାରରୁ ଏ ବାବଦ ଉଠାଯାଇଥିବା ଖାଦ୍ୟଶସ୍ୟର ମୂଲ୍ୟ ମାସିକ ୧,୪୦୦ କୋଟି ଟଙ୍କା ଥିବାବେଳେ ତାହା ଉପରେ ୧୧,୨୦୦ କୋଟି ଟଙ୍କାର ଖର୍ଚ୍ଚ ମାସିକ ଅତିରିକ୍ତ ପଡୁଛି । ତେଣୁ ଖାଦ୍ୟଶସ୍ୟ ଏବଂ ଡାଲି ବଣ୍ଟନ ବାବଦରେ ମୋଟ ଖର୍ଚ୍ଚ ପରିମାଣ ୧,୪୮,୯୩୮ କୋଟି ଟଙ୍କା ହିସାବ କରାଯାଇଛି ।

## ସମାଜବାଦୀ ପାର୍ଟିର ଜାତୀୟ ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ୪୭ତମ ଜନ୍ମ ଜୟନ୍ତୀରେ ବୃକ୍ଷରୋପଣ

ଭୁବନେଶ୍ୱର,୧୭ (ନି.ପ୍ର): ଉତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ, ସମାଜବାଦୀ ପାର୍ଟିର ଜାତୀୟ ଅଧ୍ୟକ୍ଷ, ଯୁବନେତା ଅଖିଳେଶ ଯାଦବଙ୍କ ୪୭ତମ ଜନ୍ମଜୟନ୍ତୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାର୍ଟିର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ପାର୍ଟି ରାଜ୍ୟ କାର୍ଯ୍ୟାଳୟ ପରିସରରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସମ୍ପାଦକ ସୁଦର୍ଶନ ପ୍ରଧାନ, କୋଷାଧ୍ୟକ୍ଷ ସଂଜୟ ନାୟକ, ଯୁବ ସଭାପତି ସୁବ୍ରତ ଲେଙ୍କା, ଉପସଭାପତି ସୁନୀଲ ମିଶ୍ର, ନାରୀନେତ୍ରୀ ରୀତା ପଟ୍ଟନାୟକ ଓ ଯୁବନେତା ଦେଶପ୍ରିୟ ଦାସ, ଇନ୍ଦ୍ରେସ ମଲ୍ଲିକ, ଅନନ୍ତ ମହାନ୍ତି, ଦେବାଶିଷ ମହାପାତ୍ର ପ୍ରମୁଖ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଉଦ୍‌ବୋଧନ ଦେଇ କହିଥିଲେ ଯେ, ଆଜି ଯେତେବେଳେ କରୋନା ମହାମାରୀ ଓ ଜଳବାୟୁ ପରିବର୍ତ୍ତନ ବିଶ୍ୱ ସମୁଦାୟ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି, ସେତିକିବେଳେ ଅଖିଳେଶ ଯାଦବଙ୍କ ଭଳି ଜଣେ ପରିବେଶ ବିଜ୍ଞାନ, ଯୁବ ନେତୃତ୍ୱଙ୍କର ଜନ୍ମ ଦିନରେ ବ୍ୟାପକ ବୃକ୍ଷରୋପଣ ଏକ ସଠିକ୍ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ଥିଲାବେଳେ 'ଗୋଟିଏ ଦିନରେ କୋଟିଏ ବୃକ୍ଷ' କାର୍ଯ୍ୟକ୍ରମ ଗ୍ରହଣ କରି ସେ ରେକର୍ଡ ସୃଷ୍ଟି କରିଥିଲେ । ତେଣୁ ଆଜିର ଜଳବାୟୁ ପରିବର୍ତ୍ତନ ଆହ୍ୱାନର ବୃକ୍ଷରୋପଣ ଏକମାତ୍ର ସମାଧାନ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ଆଜି ଯେତେବେଳେ ଦେଶରେ ପେଟ୍ରୋଲ୍ ଡିଜେଲ୍‌ର ଦରଦାମ୍ ବଢିବଢି ଚାଲିଛି, ତାକୁ ତାଳ ଦେଇ ଅତ୍ୟାବଶ୍ୟକୀୟ ଜିନିଷର ଦରଦାମ୍ ମଧ୍ୟ ହୁ ହୁ ହୋଇ ବଢୁଛି । ଏହା ବିରୁଦ୍ଧରେ ସ୍ୱର ଉତୋଳନ କରିବା ପାଇଁ ସମସ୍ତ ଗଣତାନ୍ତ୍ରିକ ବିରୋଧି ଦଳମାନେ ଏକାଠି ହୋଇ ଦରଦାମ୍ ବୃଦ୍ଧି ଓ ଫାଶୀବାଦ୍ ବିରୁଦ୍ଧରେ ସ୍ୱର ଉତୋଳନ କରିବାକୁ ଶ୍ରୀ ବେହେରା ଆହ୍ୱାନ ଦେଇଥିଲେ । ଶେଷରେ ଯୁବନେତା ପ୍ରଦୋଷ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ଷ୍ଟେଟବ୍ୟାଙ୍କ ଓ ଆମ ଓଡିଶା ପକ୍ଷରୁ ରକ୍ତଦାନ ଶିବିର



ନୀଳଗିରି ,୧୭ (ନି.ପ୍ର): ନୀଳଗିରି ଭାରତୀୟ ଷ୍ଟେଟବ୍ୟାଙ୍କ ଓ ସମ୍ବାଦ ଆମ ଓଡିଶା ସହଯୋଗରେ ଷ୍ଟେଟବ୍ୟାଙ୍କ ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ମୁଖ୍ୟ ଅତିଥିବା ଭାବେ ଯୋଗ ଦେଇ ଶିବିର କୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ ନୀଳଗିରି ରକ୍ତ ଭଣ୍ଡାରର ଅଧିକାରୀ ଡଃ. ତ୍ରିନାଥ ପାଲ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଡଃ. ପାଲ ରକ୍ତ ଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଟେକ୍‌ନିସିଆନ ସରୋଜ କୁମାର ପଣ୍ଡା, ମାୟାଧର ମହାନ୍ତି, ଗତିକୃଷ୍ଣ ମହାନ୍ତି, ପ୍ରହଲ୍ଲାଦ ଚନ୍ଦ୍ର ଗିରି, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ନୀଳଗିରି ଭାରତୀୟ ଷ୍ଟେଟବ୍ୟାଙ୍କର ବ୍ରାଂଚ ମ୍ୟାନେଜର କିଶୋର କୁମାର ରାଉତ, ଫିଲ୍ଡ ଅଫିସର ସପନ କୁମାର ଦାସମହାପାତ୍ର, କେସ ଅଫିସର ଶତ୍ରୁଘନ ପୃଷ୍ଟି ,କର୍ମଚାରୀ ବିରେନ୍ଦ୍ର କୁମାର ବେହେରା, ସୁଜିତ କୁମାର ତାଳଡିହି, ମଧୁସ୍ମିତା ସେଠୀ, ବିଶମ୍ବର ବାରିକ, ରବିନ କୁମାର ମଲ୍ଲିକ, ସାଇବା ସିଂ, ସୁରେନ୍ଦ୍ର ବେହେରା, ବାବୁ ମୁଖୀ, ଧରଣୀଧର ଜେନା, ଅଶୋକ କୁମାର ମହାର୍ଣ୍ଣା ଓ ନୀଳଗିରି ବ୍ଲକ ସମ୍ବାଦ ପ୍ରତିନିଧି ଲୋକନାଥ ଦଳେଇ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ ।

## ଦୁଇଟି ସ୍ଥାନରେ ପୃଥକ ପୃଥକ ବାଇକ ଦୁର୍ଘଟଣା

ନୀଳଗିରି ,୧୭ (ନି.ପ୍ର): ନୀଳଗିରି ଅଂଚଳରେ ଦୁଇଟି ସ୍ଥାନରେ ପୃଥକ ପୃଥକ ବାଇକ ଦୁର୍ଘଟଣାରେ ୨ ଯୁବକ ଗୁରୁତର ହୋଇଛନ୍ତି । ସେରଗଡ ଉଦଳା ରାସ୍ତାର ସିଆଡିମାଳ ଗ୍ରାମର ସପନ କୁମାର ସିଂ ଏକ ସ୍କୁଟିରେ ଆସୁଥିବା ବେଳେ ଗରଡିହି ନିକଟରେ ଭାରସାମ୍ୟ ହରାଇ କଚାଡିପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେହିପରି ଘାଟଘର ସାହି ଅଂଚଳରେ ହରିଶଚନ୍ଦ୍ର ଜେନା ବାଇପାସ ରୋଡ୍ ସରକାରୀ ହାଇସ୍କୁଲ ନିକଟ ରେ ଥିବା ହମ୍ପସରେ ପଡି ଗୁରୁତର ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ଭୁବନେଶ୍ୱରରେ ପୁଣି ୧୨ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୧୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ବୁଧବାର ଦିନ୧୨ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ୧୨ଜଣଙ୍କ ମଧ୍ୟରେ ୪ଜଣ ଘରୋଇ ସଙ୍ଗରୋଧରେ ଥିବା ବେଳେ ୮ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି । ଏହା ସହ ଆଜି ୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଯାଇଛି । ଘରୋଇ ସଙ୍ଗରୋଧରେ ଥିବା ୪ଜଣଙ୍କ ମଧ୍ୟରୁ ୨ଜଣ(୧୭ ଓ ୨୬ବର୍ଷିୟ ଯୁବକ) ଟଙ୍କପାଣି ରୋଡ଼ ଚିଲି ପୋଖରୀ ନିକଟରୁ ଚିହ୍ନଟ ହୋଇଥିବା ବେଳେ ସେମାନେ ପଶ୍ଚିମବଙ୍ଗରୁ ଫେରିଥିଲେ । ଅନ୍ୟ ଜଣେ ଶୈଳଶ୍ରୀ ବିହାର ନିକଟରୁ ଚିହ୍ନଟ ହୋଇଥିବା ୨୬ ବର୍ଷୀୟ ଯୁବକ ଓ ସେ ବାଙ୍ଗାଲୋରରୁ ଫେରି ପେଡ୍ କ୍ୱାରେଂଟାଇନ୍ ରେ ଥିଲେ । ସେହିପରି ଖଣ୍ଡଗିରି ତୃପ୍ତି ରେସିଡେନ୍ସି ନିକଟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତ(୨୫ବର୍ଷିୟ ଯୁବକ) ପୁଣେରୁ ଫେରିଥିଲେ । ଅନ୍ୟପକ୍ଷରେ ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବା ୮ଜଣଙ୍କ ମଧ୍ୟରୁ ୨ଜଣ(୩୦ବର୍ଷୀୟା ମହିଳା, ୩୫ବର୍ଷିୟ ଯୁବକ) ଡୁମୁଡୁମାର ରଘୁନାଥ ନଗରର ବାସିନ୍ଦା ରହିଛନ୍ତି । ଡୁମଡୁମା ସୁଖ ବିହାର ବସ୍ତିରୁ ଜଣେ(୩୪ବର୍ଷିୟ ଯୁବକ), ଲୋୟଲା ସ୍କୁଲ ନିକଟସ୍ଥ ଶ୍ରୀରାମ ନଗରରୁ ଜଣେ(୩୫ବର୍ଷୀୟା ମହିଳା) ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ଗଂଜାମ ଜିଲ୍ଲାରୁ ଫେରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଣେ ଘରୋଇ ଡାକ୍ତରଖାନାର ଜଣେ କର୍ମଚାରୀ (୩୩ବର୍ଷୀୟ ଯୁବକ), ନୀଳାଦ୍ରି ବିହାରର ସେକ୍ଟର-୨ରୁ ଜଣେ(୫୩ବର୍ଷୀୟା ପୁରୁଷ) ସେ ବିଡିଏ ରେ ପମ୍ପ ଡ୍ରାଇଭର ଭାବେ କାମ କରୁଛନ୍ତି, କ୍ରିଷ୍ଣା ଗାର୍ଡେନ ନିକଟସ୍ଥ ଜାଗମରାରୁ ଜଣେ(୩୪ବର୍ଷିୟ ଯୁବକ) ଏବଂ ୟୁନିଟ-୨ ଅଂଚଳରୁ ଜଣେ(୩୦ ବର୍ଷୀୟା ମହିଳା) ଚିହ୍ନଟ ହୋଇଛନ୍ତି । ସୁସ୍ଥ ୭ଜଣଙ୍କ ମଧ୍ୟରେ ଜଣେ ସରକାରୀ ଡାକ୍ତରଖାନାର ୫୧ବର୍ଷିୟ ପୁରୁଷ କର୍ମଚାରୀ ଥିବା ବେଳେ ସାଲିଆ ସାହିର ଶରଣପାଲି ବସ୍ତିର ଜଣେ ୩୦ବର୍ଷୀୟ ଯୁବକ, ଘରୋଇ ଡାକ୍ତରଖାନାର ୩ଜଣ କର୍ମଚାରୀ (୨୪ବର୍ଷୀୟା ମହିଳା, ୨୭ ବର୍ଷୀୟା ମହିଳା, ୨୪ବର୍ଷୀୟା ମହିଳା ), ଚନ୍ଦ୍ରଶେଖରପୁର ମୈତ୍ରୀ ବିହାରରୁ ୨୮ବର୍ଷିୟ ଯୁବକ, ଭିଏସଏସ ନଗରରୁ ୨୪ବର୍ଷିୟ ଯୁବକ ରହିଛନ୍ତି । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତ ସଂଖ୍ୟା ବଢି ୩୩୨ ହୋଇଛି । ୧୯୨ ଜଣ ସୁସ୍ଥ ହୋଇଥିବା ବେଳେ ୪ ଜଣଙ୍କ ମୃତ୍ୟୁ ଘଟିଛି । ବର୍ତ୍ତମାନ ୧୩୫ ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାହୁଡ଼ାଯାତ୍ରାରେ...

୨ଟା୪୫ରେ ସିଂହଦ୍ୱାରରେ ତାଳଧ୍ୱଜ ରଥ ଲାଗିଥିଲା । ୩ଟା ୦୫ରେ ଦର୍ପଦଳନ ଓ ଶେଷରେ ୪ଟା୩୫ରେ ନନ୍ଦିଘୋଷ ରଥ ଲାଗିଥିଲା । ଚଳିତବର୍ଷ କୋଭିଡ କଟକଣା ଓ ସୁପ୍ରିମକୋର୍ଟଙ୍କ ଗାଇଡ୍ ଲାଇନକୁ ମାନି ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ପ୍ରଶାସନ ସୂତ୍ରରୁ ଜଣାଯାଇଛି ।

ଆକର୍ଷଣୀୟ ଥିଲା ଲକ୍ଷ୍ମୀ ନାରାୟଣ ଭେଟ :

ରୁକ୍ମଣୀ ବିବାହ ଦିନ ପ୍ରଭୁ ବିବାହ ବେଦୀରେ ବିବାହ କରି ଗଇଁଠାଳ ଫିଟାଇ ନଥିଲେ । ପରେ ସ୍ନାନକରି ଜ୍ୱରରେ ପୀଡିତ ହୋଇ ରଥଯାତ୍ରାରେ ମାଉସୀଙ୍କ ଘରକୁ ଯାତ୍ରା କରିଥିଲେ । ମା ଲକ୍ଷ୍ମୀ ଏଥିରେ ରାଗିଯାଇ ପ୍ରଭୁଙ୍କ ଦେଖା କରିବାକୁ ଗୁଣ୍ଡିଚା ମନ୍ଦିରକୁ ଯାଇ ଦେଖାକରିନପାରିବାରୁ ରାଗରେ ନନ୍ଦିଘୋଷ ରଥ ଭାଙ୍ଗି ଶ୍ରୀମନ୍ଦିର ଫେରିଥିଲେ । ବାହୁଡ଼ା ଦିନ ଶ୍ରୀନଅର ସମ୍ମୁଖରେ ଗଜପତି ମହାରାଜା ଲକ୍ଷ୍ମୀନାରାୟଣ ଭେଟ କରାଇଥିଲେ । ଏହି ଦୃଶ୍ୟ ଅତି ମନୋରମ ଥିଲା । ଶ୍ରୀମନ୍ଦିରରେ ମହାଜନ ସେବକମାନେ ମା ଲକ୍ଷ୍ମୀଙ୍କୁ ପାଟବସ୍ତ୍ର, ମାଳଫୁଲ ଓ ଅଳଙ୍କାର ବେଶ କରିଥିଲେ । ସାତପାହାଚ ଦ୍ୱାରଠାରେ ପାଲିଙ୍କିରେ ମାଙ୍କୁ ବିଜେ କରାଇବା ପରେ ଆନନ୍ଦ ବଜାରରେ ଥିବା ଚାହାଣୀ ମଣ୍ଡପକୁ ବିଜେ କରିଥିଲେ । ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ଥିବା ଦେଖି ସିଂହଦ୍ୱାର ଦେଇ ମା ଲକ୍ଷ୍ମୀ ଶ୍ରୀନଅର ନିକଟକୁ ନିଆଯାଇଥିଲା । ଏହି ସମୟରେ ସିଂହଦ୍ୱାରରେ ଲାଗିଥିବା ପ୍ରଭୁ ବଳଭଦ୍ରଙ୍କ ରଥରେ କନା ଘେରା ଯାଇଥିଲା । ଶ୍ରୀନଅର ସମ୍ମୁଖରେ ଦହିପଟି ମଣୋହି ହୋଇଥିଲା । ଗଜପତି ମହାରାଜା ମା ଲକ୍ଷ୍ମୀ ପ୍ରତିମାଙ୍କୁ ହାତରେ ଧରି ଜଗନ୍ନାଥଙ୍କ ଭେଟ କରାଇଥିଲେ । ଜଗନ୍ନାଥଙ୍କ ଚୋରା ଚାହାଣୀରେ ମା ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ଶ୍ରୀମନ୍ଦିରକୁ ଫରିଥିଲେ । ତିନି ରଥ ଲାଗିଲା ପରେ ପ୍ରଶାସନ ପକ୍ଷରୁ ସୁନାବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜିର ବାହୁଡା ଯାତ୍ରାରେ ମନ୍ତ୍ରୀ ପ୍ରତାପ ଜେନା, ନବ ଦାସ, ସମୀର ରଞ୍ଜନ ଦାଶ ଓ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା, ଜିଲ୍ଲାପାଳ ବଳବନ୍ତ ସିଂ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କିଶନ କୁମାର, ପୁଲିସ ମହାନିର୍ଦ୍ଦେଶକ ଅଭୟ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିଆଇଜି ଆଶିଷ କୁମାର ସିଂ, ଏସପି ଉମାଶଙ୍କର ଦାଶ, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଓ ଅନ୍ୟାନ୍ୟ ଅଧିକାରୀମାନେ ରଥଯାତ୍ରାରେ ସାମିଲ ହୋଇଥିଲେ । ଭକ୍ତମାନେ ସିଧାସଳଖ ଦର୍ଶନ କରିନଥିଲେ ମଧ୍ୟ ଦୂରଦର୍ଶନ ଜରିଆରେ ଘରେ ବସି ରଥଯାତ୍ରାର ସିଧା ପ୍ରସାରଣ ଦେଖିବାର ସୁଯୋଗ ପାଇଥିଲେ ।

### ଆଉ ୨୫୧ କରୋନା ...

ଜିଲ୍ଲାରେ ୫ ଜଣ, କେନ୍ଦ୍ରାପଡା ଜିଲ୍ଲାରେ ୪ ଜଣ, ଖୋର୍ଦ୍ଧା ଜିଲ୍ଲାରେ ୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲାରେ ୧୦ ଜଣ, ମୟୁରଭଂଜ ଜିଲ୍ଲାରେ ୫ ଜଣ, ନୟାଗଡ ଜିଲ୍ଲାରେ ୧୪ ଜଣ, ପୁରୀ ଜିଲ୍ଲାରେ ୧୨ ଜଣ, ସମ୍ବଲପୁର ଜିଲ୍ଲାରେ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ ଜିଲ୍ଲାରେ ୭ ଜଣ ଓ ଯାଜପୁର ଜିଲ୍ଲାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୨,୭୦,୬୭୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୭୩୧୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ୫୩୫୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି । ୨୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ଘଟିଥିବା ବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧୯୩୦ ରହିଛି । ୨୦୯୪ ଜଣ ହସ୍‌ପିଟାଲ୍ ଆଇସୋଲେସନ୍ ରେ ରହିଛନ୍ତି ।

### ଗରିବଙ୍କ ଖାଦ୍ୟ ସୁରକ୍ଷାକୁ ...

ଭରସା ବୃଦ୍ଧି ପାଉଛି । ରାଜ୍ୟରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଂଚାଇବା ପାଇଁ କାର୍ଯ୍ୟକର୍ତ୍ତା ମାନଙ୍କୁ ଆହ୍ୱାନ କରିବା ସହ ଦଳୀୟ ସଂଗଠନକୁ ମଜବୁତ୍ କରିବାକୁ ଆହ୍ୱାନ କଲି । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଯୋଗଦେଇ କହିଥିଲେ ଯେ ଗରିବ ଘରୁ ଆସିଥିବା ପ୍ରଧାନମନ୍ତ୍ରୀ ସର୍ବଦା ଗରିବଙ୍କୁ ପ୍ରାଥମିକତା ଦେଇଛନ୍ତି । ଗରିବଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ।ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଗାମୀ ଦିନରେ କିପରି ଭୁବନେଶ୍ୱରର ବିକାଶ କରାଯାଇପାରିବା ସେ ଦିଗରେ ରଣନୀତି ପ୍ରସ୍ତୁତ କରିବା ପାଇଁ କହିଥିଲେ । ଏହି ଭର୍ଚୁଆଲ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ବାବୁ ସିଂଙ୍କ ଅଧ୍ୟକ୍ଷତାରେ ହୋଇଥିଲା ବେଳେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି ହରେକୃଷ୍ଣ ଖୁଂଟିଆ, ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଷେକ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ପ୍ରତିରକ୍ଷା ମନ୍ତ୍ରୀଙ୍କ...

ଲେହର ଗୋଟିଏ ଡାକ୍ତରଖାନାରେ ୧୮ ଜଣ ଯବାନ ଚିକିତ୍ସିତ ହେଉଥିବାବେଳେ ୫୮ ଜଣଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଲାଇନ୍ ଅଫ୍ ଆକ୍ଟୁଆଲ୍ କଂଟ୍ରୋଲ୍ (ଏଲଏସି) ଉପରେ ଉତେଜନା ମଧ୍ୟରେ ଚୀନ୍ ଏହାର ସେନା ବଳ ବଢାଇଛି । ଚୀନ୍ ରୁ ଭାରତୀୟ ପାର୍ଶ୍ୱରେ ଦୁଇଟି ସେନା ବିଭାଗ ନିୟୋଜିତ କରାଯାଇଛି । ଏହାର ଜବାବରେ ଭାରତୀୟ ସେନା ମଧ୍ୟ ନିୟୋଜନ ବୃଦ୍ଧି କରିଛନ୍ତି । ଏସବୁ ମଧ୍ୟରେ ଅକ୍ଟୋବର ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ତିକ୍ତତା ଜାରି ରହିବ ବୋଲି ଭାରତୀୟ ସେନା ଅନୁଭବ କରୁଛି ।ଚାଇନାର ତିବ୍ବତ ଏବଂ ସିନଜିଆଙ୍ଗ ପ୍ରଦେଶରେ ଉପସ୍ଥିତ ୧୦ ହଜାର ଅତିରିକ୍ତ ସୈନ୍ୟ ଯୁଦ୍ଧାଭ୍ୟାସ କରୁଛନ୍ତି ।

### ବିଜେଡିରେ ୮...

ଆଂଚଳିକ ବିକାଶ, ପ୍ରଦୀପ କୁମାର ଅମାତଙ୍କୁ ସଶକ୍ତ ଓଡିଶା ଦାୟିତ୍ୱ ଦିଆଯାଇଥିବା ବେଳେ ପଦ୍ମନାଭ ବେହେରାଙ୍କୁ ତଫସିଲଭୁକ୍ତ ଉପଜାତି ବିକାଶ ଦାୟିତ୍ୱ ଦିଆଯାଇଛି । ଅନ୍ୟପକ୍ଷରେ ସଂଜୟ କୁମାର ଦାସବର୍ମାଙ୍କୁ ମୁଖ୍ୟାଳୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି ।

### କୋଭିଡ୍ ପାଇଁ ବ୍ୟବହୃତ...

ତା ପରେ କେବଳ ଆବଶ୍ୟକ ତେଲ ମିଳୁଥିଲେ ବି ଡ୍ରାଇଭରର ଖର୍ଚ୍ଚ କିମ୍ବା ଭଡ଼ା ଅର୍ଥ ଦିଆଯାଉ ନାହିଁ । ବାରମ୍ବାର ଦାବି ପରେ ପ୍ରାୟ ୫୦ ଦିନ ପରେ ରିଜର୍ଭ ପୁଲିସ ଇନ୍‌ସ୍ପେକ୍ଟର ପ୍ରତ୍ୟେକ ଗାଡ଼ି ମାଲିକଙ୍କୁ ୧୦ ହଜାର ଲେଖାଏଁ ଟଙ୍କା ଦେଇଥିଲେ । ମାତ୍ର ବାକି ଅର୍ଥ ପ୍ରଦାନ ପ୍ରସଙ୍ଗ ଶୁଣିଲେ ସେ ବି ଆଜିକାଲି ମୁହଁ ଫେରାଇ ନେଉଥିବା ଗାଡ଼ିମାଲିକମାନେ କହିଛନ୍ତି । ପ୍ରଶାସନ ପକ୍ଷରୁ ଗାଡ଼ି ରିକ୍ୟୁଜେସନକୁ ୪ ମାସ ବିତିବାକୁ ବସିଥିବା ବେଳେ ଗାଡ଼ିର ମେଣ୍ଟେନାନ୍ସ ହୋଇପାରୁ ନାହିଁ କିମ୍ବା ଋଣକିସ୍ତି ଅର୍ଥ ବି ଦିଆଯାଇ ପାରୁ ନାହିଁ ବୋଲି ସେମାନେ କହିଛନ୍ତି । ଫାଇନାନ୍ସ କମ୍ପାନିମାନେ କେଉଁଦିନ ଗାଡ଼ି ଟାଣିନେବେ ତାହା ବି କହିହେବ ନାହିଁ ବୋଇ ସେମାନେ ଆଶଙ୍କା ପ୍ରକାଶ କରିଛନ୍ତି । ବାକି ଅର୍ଥ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି ଗାଡ଼ିମାଲିକମାନେ ଚେତାବନୀ ଦେଇଥିଲେ । ଏନେଇ ସେମାନେ ଏକ ଦାବିପତ୍ର ଆରଟିଓ ବିକାଶ ଚୌଧୁରୀଙ୍କୁ ପ୍ରଦାନ କରିଥିଲେ । ତେବେ ଗାଡ଼ିମାଲିକଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଖୁବଶୀଘ୍ର ଆଲୋଚନା ପୂର୍ବକ ବକେୟା ଅର୍ଥ ପ୍ରଦାନ ନେଇ ଉଚିତ ପଦକ୍ଷେପ ନେବେ ବୋଲି ଆରଟିଓ ଶ୍ରୀ ଚୌଧୁରୀ ପ୍ରତିଶ୍ରୁତି ଦେବା ପରେ ଗାଡ଼ିମାଲିକମାନେ ଧାରଣାରୁ ଉଠିଥିଲେ ।


OFFICE OF THE DISTRICT FISHERIES OFFICER-CUM-CEO, FFDA, MAYURBHANJ

**TENDER CALL NOTICE**

No. 12351 Dated. 29.6.2020

Sealed tenders are invited from, the public/Private Entereprenuers/ Govt order suppliers/ Regd. Manufacturers/ Firms for supply of PVC/ HDPE 15 Tons of BIOFLOC with all fittings & Honda Siel (EP 1000), 850 VA Generator to be ste up at Rairangpur Govt. Fish Farm & Krushi Vigyan Kendra (KVK) Campus, Jashipur of Mayurbhanj district for the year 2020-21. THe interested persons/ Organization/ Firm may apply in sealed tender, quoting their price including G.S.T and should be received on of before dated 07.07.2020 up to 2.00 P.M and will be opened on the same day at 3.00P.M. The application must be accompanied with E.M.D. amounting to Rs. 2000/- (Rupees Two thousand) in shape of Bank Draft in favour of the District Fisheries Officer-Cum-CEO, FFDA, Mayurbhanj. The E.M.D of the successfully tender will be treated as cautioned money and the unsuccessful tenders will get back their E.M.D. within the 7 (seven) days from the date of finalization. The undersigned will reserves the right to accept or reject any or all thhe tenders without assigning any reasons therof. For details contact the undersigned at his office in the following address- The District Fisheries, Mayurbhanj, Po- Bhanjpur, Dist. Mayurbhanj.

District Fisheries Officer-cum-CEO-FFDA, Mayurbhanj


## ନୀଳଗିରିରେ ପୁଣି ଛିନ୍‌ତାଇ

ନୀଳଗିରି ,୧୭ (ନି.ପ୍ର): ନୀଳଗିରି ଅଂଚଳରେ ବାରମ୍ବାର ଛିନ୍‌ତାଇ ହେଉଥିଲାବେଳେ ପୁଣି ଆଜି ଏକ ଛିନତାଇ ହୋଇଛି । ପୂର୍ବାହ୍ନ ୧୧ ଘଟିକା ୩୦ ମିନିଟ ସମୟରେ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ସାନବିଶୋଳ ଗ୍ରାମର ବସନ୍ତ କୁମାର ପାତ୍ର ଏବଂ ତାଙ୍କ ମା ସବିତା ପାତ୍ର ଏକ ମୋଟରସାଇକେଲ ଯୋଗେ ନୀଳଗିରି ଥାନା ଅଧିନସ୍ଥ ବାଉଁଶବଣିଆ ଗ୍ରାମର କୃପାସିନ୍ଧୁ ବେହେରାଙ୍କ ପୁଅ ବାହାଘରର ଭୋଜିକୁ ଆସୁଥିବାବେଳେ ୧୯ ନଂ ରାଜ୍ୟ ରାଜପଥ ତିନିକୋଶିଆ ଜଙ୍ଗଲ ୧୧ ନଂ ପୋଲ ନିକଟରେ ପଛପଟୁ ଏକ କଳାପଲସର ଗାଡିରେ ୨ ଜଣ ଯୁବକ ଆସି ମହିଳାଙ୍କ ବେକରୁ ସୁନାହାରଟି ଝାମ୍ପିନେଇ ଛୁ ମାରିଥିଲେ । ଏନେଇ ବସନ୍ତ ପାତ୍ର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପ୍ରଶାସନର ଅପାରଗତା ଯୋଗୁଁ ବାରମ୍ବାର ନୀଳଗିରି ଅଂଚଳରେ କଳାପଲସରର ଆତଙ୍କ ବଢିଚାଲିଛି । ଏଥିପ୍ରତି ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଜଙ୍ଗଲ ରାସ୍ତାରେ ପେଟ୍ରୋଲିଂ କଡାକଡି କରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ରାଜ୍ୟପାଳଙ୍କ ଲିଖିତ ନନ୍‌ଆଟାଚ୍‌ଡ ଆଟାଚ୍‌ମେଂଟ୍ ପୁସ୍ତକ ପ୍ରକାଶିତ

ଭୁବନେଶ୍ୱର,୧୭ (ନି.ପ୍ର): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଲିଖିତ ଆଧ୍ୟାତ୍ମିକ ପୁସ୍ତକ 'ନନ୍‌ଆଟାଚ୍‌ଡ ଆଟାଚ୍‌ମେଂଟ୍' ପ୍ରକାଶ ପାଇଛି । ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନ୍ ଇନ୍ ବୁକ୍ସ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକର ପ୍ରଥମ କପି ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ରାଜଭବନ ପରିସରରେ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି । ଏ ଅବସରରେ ରାଜ୍ୟପାଳଙ୍କ ପତ୍ନୀ ସୁଶୀଳା ଦେବୀ ଉପସ୍ଥିତ ଥିଲେ । ପୁସ୍ତକ ପ୍ରକାଶ ନେଇ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିଛନ୍ତି । ପୁସ୍ତକଟି ଶ୍ରୀମଦ୍ ଭଗବତ୍‌ଗୀତାର କର୍ମଯୋଗ ଉପରେ ଆଧାରିତ । ଏ ଅବସରରେ ରାଜ୍ୟପାଳ କହିଛନ୍ତି ଯେ ଗୀତାକୁ କୌଣସି ଧର୍ମ, ଦେଶ ବା କାଳଖଣ୍ଡ ଭିତରେ ବାନ୍ଧିହେବନାହିଁ । ଏ ଗ୍ରନ୍ଥ ସବୁ କାଳରେ ସବୁ ଲୋକଙ୍କ ପାଇଁ ଉପଯୋଗୀ । ଗୀତା କ୍ଷୁଦ୍ର ପୁସ୍ତକ ହେଲେ ହେଁ ଏହାର ବ୍ୟାଖ୍ୟା ପାଇଁ ବିଶାଳ ଗ୍ରନ୍ଥ ମଧ୍ୟ ନିଅଂଟ ପଡ଼ିବ ବୋଲି ସେ ମତ ଦେଇଛନ୍ତି । କରୋନା କଟକଣା ସମୟରେ 'ନନ୍‌ଆଟାଚ୍‌ଡ ଆଟାଚ୍‌ମେଂଟ୍'କୁ ପୁସ୍ତକାଳୟମାନଙ୍କରେ ଉପଲବ୍ଧ କରାଇବା କଷ୍ଟସାଧ୍ୟ ଥିବାବେଳେ ଆଗ୍ରହୀ ପାଠକମାନେ ଏହାକୁ ଆମାଜନ୍ ଅନ୍‌ଲାଇନ୍ ଷ୍ଟୋରରୁ କିଣିପାରିବେ ବୋଲି ପ୍ରକାଶକ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି । ପୁସ୍ତକ ପ୍ରଦାନ ସମୟରେ ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ ମଧ୍ୟ ଉପସ୍ଥିତ ଥିଲେ ।

## ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ନେଲେ ସତ୍ୟବ୍ରତ ସାହୁ

ଭୁବନେଶ୍ୱର,୧୭ (ନି.ପ୍ର): ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଭାବେ ଶ୍ରୀ ସତ୍ୟବ୍ରତ ସାହୁ ବୁଧବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗରେ ଯୋଗଦାନ ପରେ ସେ ଲୋକସେବା ଭବନ ଯାଇ ବିଭାଗୀୟ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କ ର ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ସେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଶିଳ୍ପାୟନ, ଜାତୀୟ ଅର୍ଥନୀତି ଓ କର୍ମସଂସ୍ଥାନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ନେଇଥିବା ଏବଂ କୋଭିଡ୍ ପରିପ୍ରେକ୍ଷୀରେ ଏହାକୁ ଦକ୍ଷତାର ସହ ପରିଚାଳନା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଶ୍ରୀ ସାହୁ କେନ୍ଦ୍ରକୁ ଡେପୁଟେସନ୍ ରେ ଯିବା ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ଭାବେ, ଦକ୍ଷିଣାଂଚଳ ରାଜସ୍ୱ କମିଶନର ଓ କେବିକେ ଜିଲ୍ଲାଗୁଡ଼ିକରେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିସାରିଛନ୍ତି । ୧୯୯୧ ବ୍ୟାଚର ଏହି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପୂର୍ବରୁ କେନ୍ଦ୍ରରେ ଡେପୁଟେସନ୍ ରେ ଦୀର୍ଘ ୭ ବର୍ଷ ଧରି ଗ୍ରାମୀଣ ପାନୀୟ ଜଳ, ଜାତୀୟ ରାଜପଥ ଆନ୍ତର୍ଜାତିକ ସୀମା ଅଂଚଳ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଓ ଅତିରିକ୍ତ ସଚିବ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି ।

ଗୁରୁବାର,୨ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଲୋକସଂଖ୍ୟା ଅନୁଯାୟୀ ୫ମ ରାଜ୍ୟ ଓ ୧୫ତମ କେନ୍ଦ୍ର ଅର୍ଥ କମିଶନଙ୍କ ଅନୁଦାନ ହେବ ଖର୍ଚ୍ଚ

ଜଳେଶ୍ୱର,୧୭(ନି.ପ୍ର) : ଏବେ ପ୍ରତି ପଂଚାୟତ ସମିତିକୁ ଲୋକ ସଂଖ୍ୟା ଅନୁଯାୟୀ ୫ମ ରାଜ୍ୟ ଅର୍ଥ କମିଶନ ଓ ୧୫ତମ କେନ୍ଦ୍ର ଅର୍ଥ କମିଶନଙ୍କ ଅନୁଦାନ ଖର୍ଚ୍ଚ ହେବ ବୋଲି ଜଳେଶ୍ୱର ପଂଚାୟତ ସମିତି ବୈଠକରେ ସରକାରଙ୍କ ନିତିନୀୟମ ସଂପର୍କରେ କୁହାଯାଇଛି । କିନ୍ତୁ ଏହି ଅର୍ଥର ୫୦ଭାଗ ପାନୀୟଜଳ ଲାଗି ଉଦ୍ଦିଷ୍ଟ ବୋଲି ସ୍ପଷ୍ଟ କରାଯାଇଛି । ଜଳେଶ୍ୱର ପଂଚାୟତ ସମିତି କକ୍ଷରେ ବିଡିଓ ଦିପ୍ତିରଂଜନ ସେଠୀଙ୍କ ଅଧ୍ୟକ୍ଷତାରେ ୩୫ଟି ପଂଚାୟତର ନିର୍ବାଚିତ ପ୍ରତିନିଧି ଓ ପିଇଓ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ୫ମ ରାଜ୍ୟ ଅର୍ଥ କମିସନର ଓ ପଂଚଦଶ କେନ୍ଦ୍ର ଅର୍ଥ କମିଶନରଙ୍କ ଠାରୁ ମିଳିବାକୁ ଥିବା ଅର୍ଥ କିପରି ଜନସେବାରେ ନିୟୋଜିତ ହେବ ସେଥିନେଇ ବିଷଦ ବିବରଣୀ ଜିପିଓ ମାୟାଧର ମଲ୍ଲିକ କହିଥିଲେ । ପ୍ରତି ବିଦ୍ୟାଳୟର ପ୍ରଥମ ଶ୍ରେଣୀରୁ ୮ମ ଶ୍ରେଣୀ ଯାଏ ବିଶୁଦ୍ଧ ପାଣି ଯୋଗାଣ, ପାଠାଗାର, ବିଦ୍ୟୁତ୍, ଖେଳପଡିଆ ଓ ଆସବାବପତ୍ର କିଣିବାଲାଗି ଅର୍ଥ ଖର୍ଚ୍ଚ ହେବା ସଂପର୍କରେ କୁହାଯାଇଛି । ଏହା ବ୍ୟତିତ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଣିଧନ ଚିକିତ୍ସାଳୟ, ଏସଇଏମ୍‌ଙ୍କ ଦରମା, ପରିବେଶ ସନ୍ତୁଳନ, ପରିଚ୍ଛନ୍ନତା, ଗାଁ ହାଟର ଉନ୍ନତି, ପ୍ରତିପଂଚାୟତରେ ଥିବା ରାଜିବଗାନ୍ଧି ସେବାକେନ୍ଦ୍ରରେ କୋଭିଡ୍ ସେଣ୍ଟର ଖୋଲିବା, ୫/୬ଟି ପଂଚାୟତକୁ ନେଇ କୋଭିଡ୍ କ୍ଲୋଷ୍ଟର ଖୋଲିବାରେ ଆବଶ୍ୟକ ଅର୍ଥ ଏହି ୨ ଅର୍ଥ କମିଶନଙ୍କଠାରୁ ମିଳିବାକୁ ଥିବା ଅର୍ଥ ଖର୍ଚ୍ଚ ହେବ ବୋଲି କୁହାଯାଇଛି । ବିଡିଓ ଶ୍ରୀ ସେଠୀ ଏ ସଂପର୍କରେ ବିଷଦ ସୂଚନା ଦେବା ସହିତ ନିର୍ବାଚିତ ପ୍ରତିନିଧି ଓ ପିଇଓଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତ ସମିତି ଅଧ୍ୟକ ସବିତା ଦଳେଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ଉପସ୍ଥିତ ଥିଲେ ।

### ଋଣକିସ୍ତି ଆଦାୟରେ ଏସଏଚଜିଙ୍କ ଉପରେ ଜୁଲମ୍ ପ୍ରସଙ୍ଗ

## ମହିଳାଙ୍କ ପକ୍ଷରୁ ବନ୍ଧନ ବ୍ୟାଙ୍କ ବିରୋଧରେ ଏତଲା

ବାଲେଶ୍ୱର,୧୭ (ନି.ପ୍ର): କରୋନା ଭଳି ସଙ୍ଗୀନ ସ୍ଥିତିରେ ଋଣଗ୍ରହୀତାଙ୍କଠାରୁ କିସ୍ତି ଅର୍ଥ ଆଦାୟ ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାଇକ୍ରୋ ଫାଇନାନ୍ସ ସଂସ୍ଥାଗୁଡ଼ିକ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ଙ୍କ ଉପରେ ହେଉଥିବା ଜୁଲମକୁ ନେଇ ଏବେ ସବୁଠି ଅସନ୍ତୋଷ ଲକ୍ଷ୍ୟ କରାଯାଇଛି । ଏହାର ପ୍ରତିବାଦରେ ପ୍ରତିଦିନ ଶହ ଶହ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନେ ଜିଲ୍ଲାପାଳଙ୍କଠାରେ ଆପତ୍ତି ବି ଜଣାଉଛନ୍ତି । ଏନେଇ ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କିଛି ବିହୀତ ପଦକ୍ଷେପ ଗ୍ରହଣ କରା ନଯବା ଯୋଗୁଁ ଏବେ ଅଣ୍ଟା ଭିଡ଼ିଛି କଂଗ୍ରେସ । ଏହିକ୍ରମରେ କଂଗ୍ରେସନେତାଙ୍କ ସହଯୋଗରେ ଅଙ୍ଗାରଗଡ଼ିଆର ଅଞ୍ଚଳର ଏସଏଚଜି କର୍ମକର୍ତ୍ତାମାନେ ଆଜି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନେଇଥିବା ଋଣର କିସ୍ତି ଆଦାୟ ନେଇ ବନ୍ଧନ ବ୍ୟାଙ୍କର ପ୍ରତିନିଧିମାନେ ଅଙ୍ଗାରଗଡ଼ିଆ ଅଞ୍ଚଳର ଏସଏଚଜି ମହିଳାଙ୍କ ଉପରେ ଜୁଲମ୍ କରୁଥିବା କର୍ମକର୍ତ୍ତାମାନେ ଆରୋପ ଉଠାଇଛନ୍ତି । ସରକାରଙ୍କ ନିୟମକୁ ଉଲ୍ଲଂଘନ କରିଥିବା ଏହି ବ୍ୟାଙ୍କ ବିରୋଧରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପକ୍ଷରୁ ଆଜି ଥାନାରେ ଏତଲା ପ୍ରଦାନ କରାଯାଇଛି । ପିସିସି ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ମହିଳାମାନେ ଶିଳ୍ପାଞ୍ଚଳ ଥାନା ଅଧିକାରୀଙ୍କୁ ଏତଲା ପ୍ରଦାନ କରିଥଲେ । ସରକାରଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ କରୁଥିବା ବ୍ୟାଙ୍କ ପ୍ରତିନିଧିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଲିଖିତ ଅଭିଯୋଗରେ ଦାବି କରିଥିଲେ । ନଚୁବା ଆଗାମୀ ଦିନରେ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ମହିଳାମାନେ ଚେତବାନୀ ଦେଇଥିଲେ । ଏତଲା ପ୍ରଦାନ ବେଳେ ଜିଲ୍ଲା ମହିଳା କଂଗ୍ରେସ ସଭାପତି ପ୍ରଜ୍ଞାପାରମିତା ମହାନ୍ତି, ଯୁବନେତା ଦେବଦତ୍ତ ଦାସଙ୍କ ସମେତ ବାସନ୍ତି ମୁର୍ମୁ, ମଞ୍ଜୁଲତା ଆଢ଼୍ୟ, ଡଲି ମହାନ୍ତି, ସୀତା ମୁର୍ମୁ, ସୁଚିତ୍ରା ମହାପାତ୍ର, ସୋନାଲି ଜେନା, ସୁମିତ୍ରା ପରିଡ଼ା, ସାବିତ୍ରୀ ପରିଡ଼ା ପ୍ରମୁଖ ଏସଏଚଜି ମହିଳାମାନେ ଉପସ୍ଥିତ ଥିଲେ ।



## ବାଲେଶ୍ୱରରେ ପଶ୍ଚିମବଙ୍ଗ ମଦ ଜବତ୍ : ୨ ଗିରଫ




ବାଲେଶ୍ୱର,୧୭(): ବାଲେଶ୍ୱର ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଆଜି ଚଢ଼ଉ ହୋଇ ପଶ୍ଚିମବଙ୍ଗରୁ ଆସୁଥିବା ବିଦେଶୀ ମଦ ଓ ବୁଲେଟ୍ ଗାଡ଼ି ଜବତ୍ ସହ ୨ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ସିଂଲା ଥାନା ଥାନା ଅନ୍ତର୍ଗତ ଉଜୁଡ଼ା ଅଞ୍ଚଳର ଗଜେନ୍ଦ୍ର ଜେନାଙ୍କ ପୁତ୍ର ପୁରୁଷୋତ୍ତମ (୨୧) । ଲକ୍ଷ୍ମଣନାଥ ଗେଟ୍ ଅଞ୍ଚଳରୁ ପଶ୍ଚିମବଙ୍ଗରୁ ଆସୁଥିବା ବିଦେଶୀ ମଦକୁ ନେଇ ସେମାନେ ବାଲେଶ୍ୱର ଆସୁଥିବା ବେଳେ ଅବକାରୀ ଟିମ୍ ହାବୁଡ଼ରେ ପଡ଼ିଥିଲେ । ପୂର୍ବରୁ ଖବର ପାଇ ଅବକାରୀ ଟିମ୍ ଜାତୀୟ ରାଜପଥର ବାମପଦା ଛକଠାରେ ଛକି ରହିଥିଲେ । ସକାଳ ପ୍ରାୟ ୬ଟା ବେଳେ ଓଡଓଡି୦୧ଏକ୍ସ/୪୫୭୭ନଂର ବୁଲେଟକୁ ଅଟକାଇ ସେଥିରୁ ଅବକାରୀ କର୍ମଚାରୀମାନେ ୫୪ ଗୋଟି ୭୫୦ ମଲି ଲିଟିରିଆ ବିଦେଶୀ ମଦ ବୋତଲ ଜବତ୍ କରିଥିଲେ । ମଦଭର୍ତ୍ତି ବୁଲେଟ୍ ଓ ଗିରଫ ଅଭିଯୁକ୍ତ ଦୁଇଜଣଙ୍କୁ ଅବକାରୀ କାର୍ଯ୍ୟାଳୟକୁ ଆଣି ପଚରାଉଚୁରା ପରେ ଏହି ମଦ ପଶ୍ଚିମବଙ୍ଗରୁ ଆସୁଥିବା ଅବକାରୀ ଅଧିକାରୀମାନେ ଜାଣିବାକୁ ପାଇଛନ୍ତି । ଏନେଇ ୩୬/୨୦୨୦-୨୧ନଂର ମାମଲା ରୁଜୁ ସହ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବାଲେଶ୍ୱରରେ ‘ମୋ ଉପକାରୀ ବଗିଚା’ ଯୋଜନା ଶୁଭାରମ୍ଭ

ବାଲେଶ୍ୱର,୧୭ (ନି.ପ୍ର): ଓଡ଼ିଶା ଜୀବିକା ମିଶନ ଓ ବାଲେଶ୍ୱର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ‘ମୋ ଉପକାରୀ ବଗିଚା’କାର୍ଯ୍ୟକ୍ରମ ଆଜି ଉଦ୍‌ଘାଟିତ ହୋଇଯାଇଛି । ରେମୁଣା ବ୍ଲକ ଅନ୍ତର୍ଗତ ତୁଣ୍ଡୁରା ପଞ୍ଚାୟତରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ରେମୁଣା ଏବିଡିଓ ଚନ୍ଦ୍ର ନାରାୟଣ, ଓଡ଼ିଶା ଜୀବିକା ମିଶନ ଡିପିଏମ ଚନ୍ଦନ କୁମାର ବେହେରା, ମନରେଗା ସୌମ୍ୟା ସୁଚିସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ‘ମୋ ଉପକାରୀ ବଗିଚା’ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଲହି ଅବସରରେ ଜୈବିକ ଉଦ୍ୟାନ କୃଷି ସମ୍ପର୍କରେ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ବିନା ରସାୟନିକ ସାରରେ ଜୈବିକ ଖତ ପ୍ରଭୃତି ବ୍ୟବହାର କରି ନିଜ ନିଜର ବାଡ଼ିରେ ଲୋକେ କିପରି ପନିପରିବା ଉତ୍ପାଦନ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏନେଇ ସରକାରଙ୍କ ପକ୍ଷରୁ ଆର୍ଥିକ ସାହାଯ୍ୟ ବ୍ୟବସ୍ଥା ବି ରହିଛି । ଏଠାରୁ ପ୍ରଶିକ୍ଷଣ ନେଇ ମାଷ୍ଟର ଟ୍ରେନରମାନେ ବ୍ଲକ ଓ ପଞ୍ଚାୟତ ସ୍ତରରେ ଲୋକଙ୍କୁ ଟ୍ରେନିଂ ଦେବେ ବୋଲି ଜଣାପଡ଼ିଛି । ତୁଣ୍ଡୁରା ପଞ୍ଚାୟତର ସରପଞ୍ଚ ଅଜୟ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗୌରାଙ୍ଗ ବାରିକ ପରିଚାଳନା କରିଥିଲେ ।

## ପ୍ରବାସୀଙ୍କ ପ୍ରତି ସରକାରୀ ଘୋଷଣା ହେଉ କାର୍ଯ୍ୟକାରୀ

### ମିଳୁ ୨ହଜାର ଟଙ୍କା, କ୍ୱାରାଣ୍ଟାଇନ୍ କେନ୍ଦ୍ର ଦୁର୍ନିତୀର ହେବ ପର୍ଦ୍ଦାଫାସ : କଂଗ୍ରେସ

ଜଳେଶ୍ୱର,୧୭(ନି.ପ୍ର) : କରୋନା ମହାମାରୀ ଦେଖାଦେବାପରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରବାସୀମାନେ ଘରବାହୁଡ଼ା ହୋଇଥିଲେ ମଧ୍ୟ ସେମାନଙ୍କୁ ଘୋଷିତ ୨ହଜାର ଟଙ୍କା ମିଳିନାହିଁ । କେତେକ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ବ୍ୟାପକ ଦୁର୍ନିତୀ ହୋଇଥିବାରୁ କଂଗ୍ରେସ ସେ ସବୁର ପର୍ଦ୍ଦାଫାସ କରିବ ବୋଲି ଆଜି ଏଠାରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ସୂଚନା ଦେଇଛନ୍ତି । ସମଗ୍ର ବିଶ୍ୱ କରୋନା ସଂକ୍ରମଣରେ ଭୟଭୀତ । ପରିସ୍ଥିତିକୁ ଲକ୍ଷ କରି ରାଜ୍ୟ ଓ କେନ୍ଦ୍ର ସରକାର ପ୍ରବାସୀଙ୍କୁ ଘରକୁ ବାହୁଡିବାର ଘୋଷଣା କରିଥିଲେ ମଧ୍ୟ ବିଶେଷ ସୁବିଧା ସୁଯୋଗ ମିଳିପାରିନାହିଁ । ସରକାରୀ ଘୋଷଣା ଅନୁଯାୟୀର ଟ୍ରେନ୍ ଟିକ୍ ଓ ବସ୍‌ରେ ଯାତାୟାତ ଲାଗି ଆର୍ଥକ ସହାୟତା କରିବା ଏବଂ ଘରବାହୁଡା ପ୍ରବାସୀଙ୍କୁ ୨ହଜାର ଲେଖାଏଁ ସହାୟତା ଦେବା କେବଳ ଘୋଷଣାରେ ସୀମିତ ରହିଛି । ସେହିପରି ଜଳେଶ୍ୱର ବ୍ଲକରେ ଖୋଲାଯାଇଥିବା ୬୯ଟି କ୍ୱାରାଣ୍ଟିନ୍ କେନ୍ଦ୍ରରେ ପ୍ରବାସୀମାନେ ରହୁଥିବା ବେଳେ ସେଥିରେ କେତେକ ଦୁର୍ନିତୀ ହୋଇଥିବା ଅଭିଯୋଗ ଆସିଛି । ଏ ସବୁ ସଂପର୍କରେ କଂଗ୍ରେସ ପକ୍ଷରୁ ତଦନ୍ତ କରାଯାଉଛି । ସବୁଘଟଣାରର ପର୍ଦ୍ଦାଫାସ କରିବାଲାଗି କଂଗ୍ରେସ ତତ୍ପର ହୋଇଥିବା ସଂପର୍କରେ କଂଗ୍ରେସର ସୁଦର୍ଶନ ଦାସ ସାମ୍ବାଦିକ ମାନଙ୍କୁ କହିଛନ୍ତି । ଆସବାପତ୍ର କିଣାରେ ପିସି କାରବାର ସଂପର୍କରେ ସମସ୍ତେ ଉଣାଅଧିକେ ଜଣନ୍ତି । ଏଥିରେ ବଡଧରଣ ଘୋଟାଲା ହୋଇଥିବା ସେ ସୂଚନା ଦେଇଛନ୍ତି । ଆସବାପତ୍ର କିଏ କେଉଁଠୁ କିଣିଲା, ତାହାହିଁ ସମୀକ୍ଷା ହେବା ଆବଶ୍ୟକ । ବହୁ ପ୍ରବାସୀଙ୍କୁ ଦୈନନ୍ଦିନ ବ୍ୟବହାର ଲାଗି ବାଲତି, ମଗ୍, ବେଡ୍‌ସିଟ୍, ବ୍ରସ୍ ଇତ୍ୟାଦି ୧୪ଟି ଆସବାପତ୍ର ଦିଆଯିବାକୁ ଥିବା ବେଳେ ବହୁ ପ୍ରବାସୀଙ୍କୁ ଦିଆଯାଇନାହିଁ । କେତେକଙ୍କୁ ବ୍ୟବହାର କରାଯାଇଥିବା ପୁରୁଣା ଆସବାପତ୍ର ଦିଆଯାଇଥିବାର ଅଭିଯୋଗ ରହିଛି । କେତେକ କ୍ୱାରାଣ୍ଟାଇନ୍ ସେଣ୍ଟରେ ନିୟମ ଅନୁଯାୟୀ ଭଲ ଖାଦ୍ୟ ଦିଆଯାଇଥିବା ବେଳେ କେତେକ କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ଦିଆଯିବା ସଂପର୍କରେ ବହୁ ନଜିର ରହିଛି । ଏବେ କ୍ୱାରାଣ୍ଟାଇନ୍‌ରୁ ଘରକୁ ଯାଇଥିବା ଲୋକଙ୍କ ଲାଗି ସରକାରଙ୍କର କାର୍ଯ୍ୟକ୍ରମ ସଂପର୍କରେ ବିଶେଷ ସୂଚନା ନଥିବାରୁ ବେକାରୀଙ୍କ ସମସ୍ୟା ଉତ୍କଟ ହେବାକୁ ଯାଉଛି । ଏ ସଂପର୍କରେ କଂଗ୍ରେସ ଓଡିଶାରେ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବବୋଲି ଚେତାବନୀ ଦେଇଛି ।

## ରାଜ୍ୟରେ ସୁସ୍ଥ ହେଲେ ଆଉ ୧୬୪

ଭୁବନେଶ୍ୱର,୧୭ (ନି.ପ୍ର): ରାଜ୍ୟରେ ୧୧ ଜିଲ୍ଲାରୁ ଆଉ ୧୬୪ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସୁସ୍ଥଙ୍କ ସଂଖ୍ୟା ୫୩୫୩କୁ ବୃଦ୍ଧି ପାଇଛି । ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ବୁଧବାର ଦିନ ଗଂଜାମ ଜିଲ୍ଲାରୁ ସର୍ବାଧିକ ୪୮ ଜଣ ସୁସ୍ଥ ହୋଇଛନ୍ତି । ସେହିପରି ଜଗତସିଂହପୁର ୩୧, ବାଲେଶ୍ୱର ୨୬, କଟକରୁ ୨୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ସେହିଭଳି ଯାଜପୁର ଓ ଖୋର୍ଦ୍ଧାରୁ ୧୨ ଲେଖାଏଁ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରୁ ୩ ଲେଖାଏଁ ସୁସ୍ଥ ହୋଇଛନ୍ତି । କେନ୍ଦୁଝରରୁ ୨, ଭଦ୍ରକ ଓ ନୟାଗଡ଼ରୁ ଜଣେ ଲେଖାଏଁ ସୁସ୍ଥ ହୋଇଛନ୍ତି । ସୂଚନା ଅନୁଯାୟୀ ବୁଧବାର .ଦିନ ରାଜ୍ୟରେ ଆଉ ୨୫୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ମୋଟ ପଜିଟିଭ୍ ଙ୍କ ସଂଖ୍ୟା ୭,୩୧୬କୁ ବୃଦ୍ଧି ପାଇଛି । ସେହିପରି ୫୩୫୩ ଜଣ ସୁସ୍ଥ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୨୫ ଛୁଇଁଛି ।

## ତାଲାବନ୍ଦର ପ୍ରଭାବ: ଗୁଜୁରାଣ ସମ୍ପର୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଦେଲେ ଉଦଳାର ଦୁଇ ସାମ୍ବାଦିକ

ଉଦଳା ,୧୭ (ନି.ପ୍ର): ତାଲା ବନ୍ଦ ର ପ୍ରଭାବ ଦିନକୁ ଦିନ ଉତ୍କଟ ରୂପ ନେବାକୁ ଲାଗିଛି । ଲୋକଙ୍କ ଆର୍ଥିକ ଅବସ୍ଥା ଖରାପ ହେବା ସାଙ୍ଗକୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି । ଏତିକି ବେଳେ ଉଦଳାର ଦୁଇଜଣ ସାମ୍ବାଦିକ, ସୁବ୍ରତ କୁମାର ମହାନ୍ତି ଓ ସାଲାଏ ମାର୍ଣ୍ଡି ଆଜି ଜୁଲାଇ ଏକ ତାରିଖ ବୁଧବାର ଉଦଳା ସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ ଜରୀଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖି ନିଜର ଗୁଜୁରାଣ ସମ୍ପର୍କରେ ଅବଗତ କରାଇଛନ୍ତି । ପ୍ରକାଶ ଥାଉକି ଉକ୍ତ ଦୁଇଜଣ ସମ୍ବାଦିକ ଖବର କାଗଜରେ ସମ୍ବାଦ ପରିବେଷଣ କରିବା ସହିତ ଘରକୁ ଘର ବୁଲି ଖବରକାଗଜ ବିକ୍ରୟ କରିଥାଆନ୍ତି ଓ ଏଥିରୁ ମିଳୁଥିବା ଅର୍ଥରେ ନିଜର ଗୁଜୁରାଣ ମେଂଟାଇଥାଆନ୍ତି । କିନ୍ତୁ ତାଲା ବନ୍ଦ ଯୋଗୁଁ ଏଠାକୁ ଆଉ ତାଙ୍କର ଖବର କାଗଜ ଆସିପାରୁ ନାହିଁ । ଫଳରେ ଆଜକୁ ଚାରିମାସ ଧରି ଦୁଇ ସମ୍ବାଦିକଙ୍କର ରୋଜଗାର ସମ୍ପୂର୍ଣ୍ଣରୂପେ ଠପ୍ ହୋଇଥିବାର ଜଣାଯାଇଛି ।



## ଜଙ୍ଗଲି ମାଂସରେ ବିଦାୟୀ ସମ୍ବର୍ଦ୍ଧନା !

### ସରକାରୀ କର୍ମଚ୍ଚରୀ ମାନିଲେନି କରୋନା କଟକଣା

ନୀଳଗିରି ,୧୭ (ନି.ପ୍ର): ନୀଳଗିରି ରେଞ୍ଜ ଅଧିକାରୀ ରୁଦ୍ରାନନ୍ଦ ବାରିକଙ୍କର ନନ୍ଦନକାନନକୁ ବଦଳି ହୋଇଛି । ତାଙ୍କ ବିଦାୟୀ ସମ୍ବର୍ଦ୍ଧନା ନିମନ୍ତେ କୁଲଡିହା ରେଞ୍ଜ କାର୍ଯ୍ୟାଳୟରେ ନୀଳଗିରି ରେଞ୍ଜ କର୍ମଚ୍ଚରୀ ଓ କୁଲଡିହା ରେଞ୍ଜ କର୍ମଚ୍ଚରୀଙ୍କ ସହଯୋଗରେ କୁଲଡିହା ରେଞ୍ଜ କାର୍ଯ୍ୟାଳୟରେ ଶତାଧିକ କର୍ମଚ୍ଚରୀଙ୍କୁ ନେଇ ଶ୍ରୀ ବାରିକଙ୍କ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଜି ଦେଖିବାକୁ ମିଳିଥିଲା । ଏଥିରେ ମୁଖ୍ୟ ଭୂମିକା କୁଲଡିହା ରେଞ୍ଜ ଅଧିକାରୀ ନେଇଥିଲେ ବୋଲି କୁହାଯାଉଛି । ଏହି ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏକ ଭୋଜିର ଆୟୋଜନ ମଧ ହୋଇଥିଲା । ଅଭିଯୋଗ ହୁଏ ଉକ୍ତ ଭୋଜିରେ ଜଙ୍ଗଲି ମାଂସ ବ୍ୟବହାର କରାଯାଇଥିଲା । ଶ୍ରୀ ବାରିକଙ୍କ ନୀଳଗିରି ରହଣି ମଧରେ କରିଥିବା କିଛି ଉନ୍ନତିମୂଳକ କାର୍ଯ୍ୟରେ ପ୍ରଶଂସା କର୍ମଚ୍ଚରୀମାନେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବଖାଣିଥିଲେ ।ଏହି କାର୍ଯ୍ୟକ୍ରମରେ ଅଧିକାରୀଙ୍କ ଠାରୁ ଆରମ୍ଭ କରି କର୍ମଚ୍ଚରୀ ପର୍ଯ୍ୟନ୍ତ କେହି ଜଣେ ବି ସାମାଜିକ ଦୂରତା ରକ୍ଷା କରି ନ ଥିବା ବେଳେ ମାସ୍କ ମଧ ପିନ୍ଧି ନ ଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଜଙ୍ଗଲ ବିଭାଗର ବହୁ ବଡ଼ବଡ଼ ଅଧିକାରୀ ଯୋଗଦେଇଥିଲେ ମଧ ଏହି କୋଭିଡ୍-୧୯ ର ନିୟମ ବା ଗାଇଡଲାଇନ୍ ବାବଦରେ ଦୃଷ୍ଟି ଦେଇ ନ ଥିଲେ । ଯାହାକୁ ନେଇ ଚର୍ଚ୍ଚାର ବିଷୟ ହୋଇଥିଲା । ରାଜ୍ୟ ସରକାରଙ୍କ କୋଭିଡ୍ କଟକଣା ଅନଲକ୍-୨ ର ଖୋଲା ଉଲଂଘନ ସରକାରୀ କର୍ମଚ୍ଚରୀମାନେ କରିଥିବାରୁ ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି । ଉକ୍ତ କାର୍ଯ୍ୟକ୍ରମରେ ଜଙ୍ଗଲି ମାଂସ ଭୋଜିକୁ ନେଇ ନାନା କଥା ଶୁଣିବାକୁ ମିଳୁଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବାକୁ ଦୃଢ଼ ଦାବି ହେଉଛି । ଆଜି ଦିନରେ କୌଣସି କର୍ମଚ୍ଚରୀ ସେମାନଙ୍କର କାର୍ଯ୍ୟ ନ କରି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାର ଦେଖାଯାଇଥିଲା ଓ ଜଙ୍ଗଲି ମାଂସ ଖାଇବାର ମଜା ନେଉଥିବାର ଅଭିଯୋଗ ହେଉଛି । ଜନ୍ତୁ ଶିକାର ନାମରେ ସାଧାରଣ ଗରିବ ଆଦିବାସୀମାନଙ୍କୁ ଗିରଫ କରାଯାଉଥିବା ବେଳେ କୁଲଡିହା ରେଞ୍ଜରେ ଜଙ୍ଗଲି ମାଂସ ଭୋଜିକୁ ନେଇ ଚର୍ଚ୍ଚା ଜୋର ଧରିଛି । ଉଚ୍ଚସ୍ତରୀୟ ତଦନ୍ତ ହେଲେ ଘଟଣାର ଅସଲ ରହସ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ଦାବୀ ହେଉଛି ।

## ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୩୭ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୧୭ (ନି.ପ୍ର): ବ୍ରହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୩୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଦୁଇ ଦିନ ବନ୍ଦ ରହିବ ବିଡିଏ ଅଫିସ୍

ଭୁବନେଶ୍ୱର,୧୭ (ନି.ପ୍ର): ଭୁବନେଶ୍ୱର ବିଡିଏ ଅଫିସରୁ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ଦୁଇ ଦିନ ପାଇଁ ବିଡିଏ ଅଫିସକୁ ବନ୍ଦ କରାଯାଇଛି । ଏହି ଦୁଇ ଦିନ କୌଣସି କର୍ମଚାରୀ ଅଫିସ ଆସିବେ ନାହିଁ ବୋଲି ବିଡିଏର ଭାଇସ୍ ଚେୟାରମ୍ୟାନ ପ୍ରେମ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି । ବୁଧବାର ଓ ଗୁରୁବାର ଏହି ଦୁଇ ଦିନ ଅଫିସ୍ ବନ୍ଦ ରହିବା ମଧ୍ୟରେ ଅଫିସକୁ ସାନିଟାଇଜ୍ କରାଯିବ । କର୍ମଚାରୀମାନେ ୱାର୍କ ଫ୍ରମ୍ ହୋମ୍ କରୁଛନ୍ତି ବୋଲି ସେ କହିଛନ୍ତି । ସୂଚନା ଅନୁଯାୟୀ ଗତ ୫ ଦିନ ପୂର୍ବେ ବିଡିଏ ଇଞ୍ଜିନିୟରିଂ ବିଭାଗର ଜଣେ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିଲେ । ତାଙ୍କ ବିଭାଗର ସମସ୍ତ କର୍ମଚାରୀଙ୍କୁ କ୍ୱାରେଂଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗତକାଲି ପ୍ଲାନିଂ ଡିପାର୍ଟମେଂଟର ଜଣେ ସିକ୍ୟୁରିଟି ଗାର୍ଡଙ୍କର ରିପୋର୍ଟ ପଜିଟିଭ ଆସିବା ପରେ ସଂକ୍ରମଣ ରୋକିବା ପାଇଁ ଅଫିସକୁ ୪୮ ଘଂଟା ପାଇଁ ବନ୍ଦ କରାଯାଇଛି । ଶୁକ୍ରବାର ଇଞ୍ଜିନିୟରିଂ ଏବଂ ପ୍ଲାନିଂ ବିଭାଗର କର୍ମଚାରୀଙ୍କୁ ବାଦ୍ ଦେଇ ଅନ୍ୟ ବିଭାଗର କର୍ମଚାରୀମାନେ ଅଫିସରେ କାମ କରିବେ ।

## କୋଭିଡ୍ ପାଇଁ ବ୍ୟବହୃତ ଗାଡ଼ିର ଭଡ଼ା ପ୍ରଦାନରେ ଅବହେଳା : ବକେୟା ଦାବିରେ ଗାଡ଼ି ମାଲିକଙ୍କ ଧାରଣା

ବାଲେଶ୍ୱର,୧୭ (ନି.ପ୍ର): ବାଲେଶ୍ୱର ଜିଲ୍ଲାର କଭୋଡ୍-୧୯ ପରିସ୍ଥିତି ପରିଚାଳନାରେ ବିଭିନ୍ନ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଥିବା ୩୫ରୁ ଉର୍ଦ୍ଧ୍ୱ ବଲେରୋ ଗାଡ଼ିର ଭଡ଼ାଅର୍ଥ ପ୍ରଦାନରେ ପ୍ରଶାସନର ଅବହେଳାକୁ ନେଇ ଗାଡ଼ି ମାଲିକମାନଙ୍କ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ନେଇଥିଲା । ବକେୟା ଭଡ଼ାଅର୍ଥ ପ୍ରଦାନ ଦାବିରେ ଗାଡ଼ି ମାଲିକମାନେ ଗାଡ଼ିକୁ ପରିବହନ କାର୍ଯ୍ୟାଳୟରେ ରଖି ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟ କରିଥିବା ୧୦୦ ଦିନର ଭଡ଼ା ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ନିବୃତ ହେବେ ନାହିଁ ବୋଲି ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ଗାଡ଼ି ମାଲିକମାନେ ଚେତାବନୀ ଦେଇଥିଲେ । କୋଭିଡ୍-୧୯ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପରବହନ ଅଧିକାରୀ ପ୍ରଥମ ପର୍ଯ୍ୟାୟରେ ୧୫ଟି ଓ ପରବର୍ତ୍ତୀ ସମୟରେ ୨୦ ଗୋଟି ବଲେରୋ ରିକ୍ୟୁଜେସନ କରିଥିଲେ । ଦୈନିକ ହଜାରେ ଟଙ୍କାର ଭଡ଼ାଅର୍ଥ ସାଙ୍ଗକୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପରିମାଣର ଡିଜେଲ ପ୍ରଦାନ ଓ ଡ୍ରାଇଭରଙ୍କୁ ଖାଇବା ବାବଦରେ ଖର୍ଚ୍ଚ ଦେବା ପାଇଁ ଚୁକ୍ତି ହୋଇଥିଲା । ସେହିକ୍ରମରେ ଗାଡ଼ିଗୁଡ଼ିକ ସ୍ୱାସ୍ଥ୍ୟ ବିଭାଗ, ପୁଲିସ ବିଭାଗ ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା କୋଭିଡ୍ ବ୍ୟବସ୍ଥା ପରିଚାଳନା କାର୍ଯ୍ୟରେ ଲାଗିଥିଲେ । ଇତିମଧ୍ୟରେ ୧୦୦ ଦିନ ଅତିକ୍ରାନ୍ତ ହୋଇଥିଲେ ବି ସେମାନଙ୍କୁ ସେମାନଙ୍କ ପାଉଣା ମିଳିନଥିବା ଗାଡ଼ି ମାଲିକମାନେ ଅଭିଯୋଗ କରିଛନ୍ତି । ଗାଡ଼ି ଲାଗିବାର ଦିନେ କି ଦୁଇଦିନ ଡ୍ରାଇଭରଙ୍କୁ ଖାଇବା ବାବଦରେ ଖର୍ଚ୍ଚ ମିଳିଥିଲା ।

▶▶ପୃଷ୍ଠା ୭




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo